Split by PDF Splitter



ଶୀଟଲିଭ ହେଲେ ମାସିକ ବୃତ୍ତି ଟ ୮ ଙ୍କା ବା ଟ ୧୦ ଙ୍କା କର ଦିଆଯିବ ।

୧୨|୫|୯୩ କଟକ } J. M. Zerab. ସୁପରିଣ୍ଟେଣ୍ଡେଣ୍ଟ ଓଡ଼ିଶା ମେଡିକଲ ସ୍କୁଲ

## NOTICE.

Wanted an English Clerk and an Accountant for the office of the undersigned on a salary of Rupees 30 a month. One who has experience in routine business, accounts, and can draft English letters will be preferred. Apply sharp with copies of testimonials.

Kotdes Circle Pipli, dated 16—5—93 } Mohendra Nath Seal *Assistant Settlement Officer*

## For sale

A large Boat, 73 feet long by over 6 feet wide, very strong, built at Sambalpur, containing 2 cabins, nicely fitted, 6½ feet high, and 3 cabins suitable for servants and crew, about 5 feet high. The 5 cabins are roofed with wood and painted.

On view at Gurgaria ghat, near the Fort, Cuttack. Price Rs, 500.

ଏତଦ୍ଦ୍ୱାରା ଜଣାଇ ଦିଆଯାଉଅଛି ଯେ ସମ୍ବଲପୁରଠାରେ ନିର୍ମିତ ୭୩ ଫୁଟ ଲମ୍ବ ଓ ୬ ଫୁଟରୁ ବେଶି ଚୌଡ଼ା ଗୋଟିଏ ଅତ୍ୟନ୍ତ ମଜବୁତ ବଡ଼ ବୋଟ ଅର୍ଥାତ ନୌକା ବିକ୍ରୟାର୍ଥେ କାଠଯୋଡ଼ି ନଦୀ ଗଡ଼ଗଡ଼ିଆ ଘାଟ ନିକଟରେ ମୌଜୁଦ ଅଛି । ସେଥିରେ ୬½ ଫୁଟ ଉଚ୍ଚ ୨ ଗୋଟା କାମରା ଉତ୍ତମରୂପେ ସଜ୍ଜିତ ହୋଇଅଛି । ଅଉ ମାଝି ଓ ଅନ୍ୟାନ୍ୟ ନୌକରଙ୍କ ପାଇଁ ୫ ଫୁଟ ଉଚ୍ଚ ୩ଟା କାମରା ଅଛି । ଏହା ୫ କାମରାର ଛାତ କାଠଦ୍ୱାରା ନିର୍ମିତ ହୋଇ ଉତ୍ତମରୂପେ ରଙ୍ଗ ଦିଆଯାଇ ଅଛି । ମୂଲ୍ୟ ଟ ୫୦୦ ଙ୍କା

ଗ୍ରାହକ ଦେଖିବାକୁ ଇଚ୍ଛା କଲେ ଉପରୋକ୍ତ ସ୍ଥାନରେ ଯାଇଁ ଦେଖିପାରିବେ ।

ଯେ କେହି ଏହି ବୋଟ ନେବାକୁ ଇଚ୍ଛା କରିବ ସେ କଟକ ବାପ୍ଟିସ୍ ମିଶନ ରେଭରେଣ୍ଡ ଜନ୍ ଭଗାନ ସାହେବଙ୍କ ନିକଟରେ ସାକ୍ଷାତ ବା ପତ୍ରଦ୍ୱାରା ଜଣାଇବ ।

Apply to Revd. J. Voughan
Baptist Mission, Cuttack.

ସ୍ୱର୍ଗୀୟ ଭାଲଟେର ସ୍କଟଙ୍କର ମନୁଷ୍ୟହିତ୍ତା ଯେତେ ବିତରଣ ହେବାର ଥିଲା ତାହା ଶେଷ ହୋଇଁ ଯିବାରୁ ସର୍ବସାଧାରଣଙ୍କ ଜାଣିବା କାରଣ ଏହା ପ୍ରକାଶ କରାଗଲା ।

## ବନାରସୀମାଲ ।

ବନାରସରେ ଅମ୍ଭର ଗୋଟିଏ ବାଣିଜ୍ୟ କୋଠୀ ଅଛି ଏବଂ ଅନେକ ରଜା, ମହାରଜା ଏବଂ ଜମିଦାରମାନଙ୍କ ସହିତ ଅମ୍ଭର କାରବାର ଅଛି । ଅମ୍ଭକୋଠୀରେ ବନାରସୀ ଜରିଦାର କପଡ଼ା ପ୍ରଭୃତି ଅଶାନୁରୂପ ସୁଲଭ ମୂଲ୍ୟରେ ବିକ୍ରୟ ହୁଅଇ ।

କେହି କୌଣସି ପଦାର୍ଥ ମଗାଇଲେ ଭେଲ୍ୟୁପେବଲ ପାର୍ଶଲରେ ପଠାଇ ଦିଆଯାଏ ମାତ୍ର ସେହି ପଦାର୍ଥ ମନୋମତ ନ ହେଲେ ବା ଅଧିକ ମୂଲ୍ୟର ବୋଧ ହେଲେ ଉକ୍ତ ପଦାର୍ଥ ଅମ୍ଭ ନିକଟକୁ ଓ୍ୱାପସ କରି ଦେଲେ ଅବଶ୍ୟ ଗ୍ରହଣ କରି ପସନ୍ଦମୁତାବକ ପଦାର୍ଥ ପୁଣି ପଠାଇ ଦେବୁଁ ବା ଟଙ୍କା ଓ୍ୱାପସ ଦେବୁଁ । କିନ୍ତୁ ମାଲ ମଗାଇବା ବ୍ୟକ୍ତିଙ୍କୁ ପଦାର୍ଥ ଯିବାଆସିବାର ଡାକମାସୁଲ ସହିବାକୁ ହେବ ।

ନିମ୍ନଲିଖିତ ପଦାର୍ଥମାନ ଅମ୍ଭର କୋଠିରେ ବିକ୍ରୟ ନିମନ୍ତେ ସର୍ବଦା ପ୍ରସ୍ତୁତ ଥାଏ ।;—

ବନାରସୀ ଜରିଦାର ଶାଢ଼ୀ, ଜରିଦାର ଧୋତି ଚଦର, ସାଦା ଧୋତି ଚଦର, ଜରିଦାର ଟୋପି, କୋଟ, ଲେଙ୍ଗା, କିଂଖାପ, କାପ୍ତା, ସଙ୍ଗୀ, ବନାରସୀ ଦୋପଟ୍ଟା, ମଣ୍ଡିଲ, ଶିରରେ ବାନ୍ଧିବା ଫେଟା, ରୁମାଲ, ସାଲ, ନାନାପ୍ରକାର ମୂର୍ତ୍ତି । ଏତଦ୍ଭିନ୍ନ ଆଉ ଯେ କୌଣସି ପ୍ରକାରର ପଦାର୍ଥ ଦରକାର କଲେ ତାହା ମଧ୍ୟ ପଠାଇ ଦିଆଯିବ ।

ଜୁଗାର ଶିଳ୍ପୀକର୍ମ ଦାଖିଲା ପ୍ରଭୃତି ତିଆର କରାଇବାକୁ ଆଦେଶ ହେଲେ ଅତି ସୁନ୍ଦର ରୂପେ ତତ୍ପର କରି ବନାଇ ଦିଆଯିବ ମାତ୍ର ସେମାନଙ୍କୁ ତହିଁର ଅନୁମାନିକ ଚତୁର୍ଥାଂଶ ମୂଲ୍ୟ ଅଗ୍ରିମ ପଠାଇବାକୁ ହେବ ।

ଅମ୍ଭ ନିକଟକୁ କେହି ପତ୍ର ଲେଖିବାକୁ ଇଚ୍ଛା କଲେ ହିନ୍ଦୀ ବା ଇଂରେଜୀ ଭାଷାରେ ଲେଖି ଆପଣାଇ ପୂରା ନାମ ଧାମ ସ୍ପଷ୍ଟରୂପେ ଉଲ୍ଲେଖ କରି ଥିବେ ।

ଶ୍ରୀ ଥାଲ୍ଲୁମଲ ଜୋହାନାଥ ।
ଭୁଞ୍ଜଗଲୀ ଫାଟକ, ବନାରସ ।

## ପ୍ରଜାସ୍ୱତ୍ୱବିଷୟକଆଇନ ।

ଅର୍ଥାତ୍ ସନ ୧୮୮୫ ସାଲର ଅ ୮ ଆଇନ । ୧୮୬୯ ସାଲର ଅ ୧୦ ଆଇନ ବଦଳରେ ଏହି ଆଇନର କେତେକ ଅଂଶ ଓଡ଼ିଶାରେ ଚଳୁଅଛି । ଏହି ଆଇନର ସମୁଦାୟ ଅଂଶର ସହଜ ଓଡ଼ିଆ ଅନୁବାଦ, ଟୀକା ଓ ନଜିର ପ୍ରଭୃତି ସହିତ ଏହି ଆଇନଙ୍କ ଆଲୋଚନା ଗୋଟିଏ ପୁସ୍ତକାକାରରେ ଅଳ୍ପଦିନମଧ୍ୟରେ ଛପା ସରିବ । ସର୍ବସାଧାରଣଙ୍କ ବୁଝିବା ନିମନ୍ତେ କଠିନଶବ୍ଦମାନଙ୍କର ଅର୍ଥ ଲେଖାଯାଇ ଅଛି । ଜମିଦାର, ମହାଜନ ଓ ଲାଖରାଜଦାର ପ୍ରଭୃତି ପ୍ରତ୍ୟେକ ଭୂମ୍ୟଧିକାରୀ ଓ ରୟତପକ୍ଷରେ ଏହି ଆଇନ ଅତ୍ୟନ୍ତ ପ୍ରୟୋଜନୀୟ । ଏହା ଶୀଘ୍ରାଦରରେ କଟକ ଦରଘାବଜାର ପ୍ରିଣ୍ଟିଂକୋମ୍ପାନୀଙ୍କ ଛାପାଖାନାରେ ମିଳିବ

## ବିଚମ୍‌ସାହେବଂକ ବଟିକା ।

## ( BEECHAM'S PILLS. )

ଫଳରେ ଦେଖାଯାଇଅଛି ଯେ ଏକ ୨ ଗିନି ମୂଲ୍ୟ ଏକ ୨ ମୋହରକୁ ଶସ୍ତା ହୋଇଯାଇ ପାରେ

ଏ ବଟିକା କେବଳ ଉଦ୍ଭିଦପଦାର୍ଥରେ ପ୍ରସ୍ତୁତ ହୋଇ ଅଛି । ଏଥିରେ ପାରଦ ଚର୍ବି ଇତ୍ୟାଦି କୌଣସି ବା ଧର୍ମହାନିକର ଦ୍ରବ୍ୟ କିଛି ନାହିଁ । ଏହା ସବୁ ହାତରେ ପ୍ରସ୍ତୁତ ହୋଇ ନାହିଁ କଳରେ ପ୍ରସ୍ତୁତ ହୋଇଅଛି ।

ସକଳ ବୟସର ସ୍ତ୍ରୀ ପୁରୁଷଙ୍କ ପକ୍ଷରେ ସମାନ ଉପକାରୀ ବୋଲି ପୃଥିବୀରେ ବିଖ୍ୟାତ । ଥରେ ପରୀକ୍ଷା କଲେ ଏଥିର ଗୁଣ ଜାଣି ପାରିବ ।

ଉଦରାମୟ, ଯାକୃତ୍ପ୍ଲୀହାରେ ବ୍ୟଥା, ମୁଣ୍ଡବ୍ୟଥା, ମୂତ୍ରରୋଗ, ଭୋଜନ ପରେ ଉଦରର ପରିପୂର୍ଣ୍ଣତା ଓ ସ୍ଫୀତତା, ନିଦ୍ରାଳୁତା, ଶୈତ୍ୟ, ତାପୋଦ୍ଗମ, କ୍ଷୁଧାମାନ୍ଦ୍ୟ, ଶୋଥ, କୋଷ୍ଠବଦ୍ଧତା, କଦର୍ଯ୍ୟ ଚର୍ମରୋଗ ଇତ୍ୟାଦି ସକଳପ୍ରକାର ସ୍ନାୟବିକ ଓ ପୈତ୍ତିକ ପୀଡ଼ାରେ ଏହି ବଟିକା ଅମୋଘ ଔଷଧ । ଏବଂ ରକ୍ତ ପରିଷ୍କାର ଓ ଦେହପୁଷ୍ଟିପକ୍ଷରେ ଅତ୍ୟନ୍ତ ଉପକାରୀ ।

ଲିଭରପୁଲ ସକଳ ନଗରର ଇଂରେଜୀ ଔଷଧାଳୟରେ ପ୍ରାପ୍ତ ହୁଅଇ । ମୂଲ୍ୟ ପ୍ରତି ବାକ୍ସ ଆକାର ଅନୁସାରେ ଟ ୦।୫ ଟ ୦ ୮ ଓ ଟ ୦ ୫। ଅଟଇ । ଡାକଖର୍ଚ୍ଚ ପୃଥକ ଦେବାକୁ ହେବ ।

Digitized by srujanika@gmail.com

Split by PDF Splitter



ପ୍ରେମକଳ୍ପଲତା—ଲାଲା ସଙ୍ଗଗିଣୀଯୁକ୍ତ ସୁଧାକୃଷ୍ଣ ବସୁଯୁକ୍ତ ବକ୍ତିସନ୍ତ ମୂଲ୍ୟ ଖଃ ୫୦॥/
ମାଳଶ୍ରୀ ଖୁଦୁରୁଭୂଣୀଓପ୍ସା ଖଃ ୫୦୧୭

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ବକ୍ରୟ ହେଉଅଛି । ମୋଫସଲ ଗ୍ରାହକଙ୍କୁ ମୂଲ୍ୟଛଡ଼ା ଡାକମାସୁଲ ପ୍ରତ୍ୟେକକୁ ୫ ୦ ୧ ୬ ହିସାବରେ ଲାଗିବ ।

# New School Books.

## JUST TO HAND.

Webb's Two hundred questions on Grammar and Idiom with Answers.

Webb's Keys to English Entrance Course for 1892 and 1893.

S. P. Ghosh's Key to English Entrance Course for 1894.

Chambers' Etymol. Dictionary.

Webb's Condensed Dictionary.

Webb's International Do.

Whitehall Drawing Copy Books.

R. C. Dutt's History of India.

Catechism of History of India.

Buckley's History of England.

K. P. Basu's Algebra.

Royal Readers No. I to IV.

Manual of Geography.

Wall-maps and Atlases.

To be had of the Secretary, Printing Company, Durgha Bazar, Cuttack.

ନୂତନ ରୟଲରିଡର ନଂ ୨ ନମ୍ବର ଅର୍ଥ-ପୁସ୍ତକ ଦ୍ୱିତୀୟ ସଂସ୍କରଣ ମୁଦ୍ରିତ ହୋଇ ପ୍ରିଣ୍ଟିଂ-କମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି । ମୂଲ୍ୟ ୫ ୦ ୵ ମାତ୍ର ।

Key to New Royal Readers No. II. 2nd edition is out and can be had of the Printing Company's Press, Cuttack.

*Price 3 Annas only.*

ଡାକ୍ତର ସାହେବ ସର୍ବଦା ଦେଖନ୍ତି
ବି, ଲାଟେଜ ଏଣ୍ଡ କୋମ୍ପାନୀଙ୍କର
ଆବୁ ହୋଲିକଂ ଓ ନେତ ପ୍ରଭୃତିର ଏକମାତ୍ର ମହୌଷଧ ।

# ହବିଲିଚ ହୃଦ ।

ଭାରତ, ଆମେରିକା ପ୍ରଭୃତି [illegible] ଗାଉଁ ମାନଙ୍କରେ । ଅନେକ ୨୦୦ ବର୍ଷ ହେବ

ଇଉରୋପ ଓ ଆମେରିକା ପ୍ରଭୃତି ମହାଦେଶରେ ଥାବୁଡ଼ି ପୀଡ଼ାର ପ୍ରକୃତ ଔଷଧ ମାତ୍ର ସ୍ଥିର ହୋଇଅଛି ଯେ ସବୁର ସାହାଯ୍ୟରେ ଏହି ମହୌଷଧ ଅବ୍ୟର୍ଥ । ସେହିମାନେ ଥାବୁଡ଼ିପଡ଼ ପୀଡ଼ାରେ ବହୁ ସାହାଯ୍ୟ ଏବଂ ଆବୁହୋଲିକଂ ଓ ନେତ ପ୍ରଭୃତି ଅନେକ ହୁଏ ନାହିଁ ବୋଲି ସାହାବର ଉଦୟରେ ପ୍ରକାଶିତ କରିଅଛି ଯେମାନେ ଥରେ ଏ ଔଷଧ ପରୀକ୍ଷା କରି ଦେଖନ୍ତି ଏହା ସେବନ କଲେ ଥାବୁଡ଼ି ହୋଲିକଂ (ଏଥିକୁ ପତ୍ରଶମ ବା ମର୍କେଲସ୍ଥାନ ) ଯୌବନରେ ନାନାବିଧ ଉତ୍ପନ୍ନ ହୁଏ ପ୍ରତ୍ୟେକ ବ୍ୟକ୍ତି ମାନା ପୀଡ଼ା, ମେହ, ପ୍ରମେହ ଆଦି ୨୦ ପ୍ରକାର ମେହ, ବହୁମୂତ୍ର, ଧାତୁ ପୀଡ଼ା, ଧ୍ୱଜଭଙ୍ଗ, ଇତ୍ୟାଦି ପୀଡ଼ାରେ ଅସମର୍ଥ, ଶୁକ୍ର ତରଳତା, ଅଳ୍ପ ବା ଅଧିକ ଉତ୍ତେଜନାରେ ରେତଃପାତ, ଲଘୁ ଭଲେ ଅଜୀର୍ଣ୍ଣ, ସ୍ୱପ୍ନଦୋଷ, ମୂତ୍ରାଶୟ ରୋଗ ବା ପ୍ରସ୍ରାବ ସମୟରେ ଜ୍ୱାଳା, ଦୁର୍ବଳତା, ମୂର୍ଚ୍ଛା, ଶୁଷ୍କ ଓ ଅଙ୍ଗର ସମସ୍ତ ରୋଗ । ଏତଦ୍ଭିନ୍ନ ବେଦନା, ସନ୍ଧିବାତ, ଅଜୀର୍ଣ୍ଣ, କୋଷ୍ଠବଦ୍ଧ, ଶିରଃପୀଡ଼ା, ମସ୍ତିଷ୍କ ଦୁର୍ବଳ, ଉନ୍ମାଦ, ମୂର୍ଚ୍ଛା, ବୁଦ୍ଧି ହୀନତା, ଦୃଷ୍ଟିହୀନ, ବାତରୋଗ ନାନା ପ୍ରକାର (ସ୍ତ୍ରୀ ଓ ପୁରୁଷଙ୍କ) ରୋଗ ଶୀଘ୍ର ଦୂର ହୁଏ ଏବଂ ଶରୀର କଠିନ କାର୍ଯ୍ୟ କରିବାକୁ ଶକ୍ତି ଓ ଉତ୍ସାହ ହୁଏ ଏବଂ ସେବନ କଲେ ସମ୍ପୂର୍ଣ୍ଣ ରୂପେ ଆରୋଗ୍ୟ ହେବ ଏବଂ ମାଂସ, ଶୁକ୍ର, ବଳ, ବର୍ଣ୍ଣ ବୃଦ୍ଧି ହେବ; ଏପରି ଅଧିକ କାଳ ଆଉ ସେହି ପୀଡ଼ା ଆଉ ହେବ ନାହିଁ । ଏକମାତ୍ର ସେବନୋପଯୋଗୀ ମୂଲ୍ୟ ୫ ୨ ଟଙ୍କା । ଡାକମାସୁଲ ୫ ୦ । ଠିକଣା 'ଔଷଧାଗାର' ଠିକଣା,—

ବି, ଲାଟେଜ ଏଣ୍ଡ କୋ,
୧୧ ନମ୍ବର କଲେଜ ଷ୍ଟ୍ରିଟ, କଲିକତା ।

# ଘଣ୍ଟାମରାମତି ।

Watches! Clocks! Time pieces Repaired by an efficient workman the premises of the Cuttack Printing Company Charge moderate.

ଡାକାଘରକାର ଘଣ୍ଟା ବଡ଼ ଛୋଟ ସବୁପ୍ରକାର ଘଣ୍ଟା ସୁନ୍ଦରରୂପେ ମରାମତ ହେବା ଓ ଯଥା ସମୟରେ ପାଉଥିବାର ଭଲ ବନ୍ଦୋବସ୍ତ ଏ ପ୍ରେସରେ ନ ଥିବାରୁ ଅମ୍ଭେ ପ୍ରିଣ୍ଟିଂଯନ୍ତ୍ରର କାର୍ଯ୍ୟାରମ୍ଭ କରୁଅଛୁଁ । ଯାହାଙ୍କର ଦରକାର ହେବ ଯନ୍ତ୍ରାଳୟରେ ତତ୍ତ୍ୱ ନେଲେ ସମସ୍ତ ଜାଣି ପାରିବେ ।

# ବାଲିକାଗୀତ ।

ଉଚ୍ଚଶିକ୍ଷିତ ଶ୍ରୀ ଦାସରେ ସବୁ ନୂଆ ହୋଇଥିବାର ବାବୁ ଗୋପାଳଙ୍କର ସମ୍ପାଦକ

କଥା ଯେତେ ବାବୁ ଅଭିବଜାର ଦର ଦ୍ରବ୍ୟାଦି ଦୋକାନରେ ମିଳୁଅଛି, ଯଥା—

| | | | | |
|---|---|---|---|---|
| ୧୦ ପଇ | ଜାଲି | ୦ ୧୮ ୫ ୦॥/ | | ୫୧୬ ୫ ୦॥/ |
| ୧୧ ପଇ | " | ୫ ୵ | " | ୫ ୦ ୵ |
| ୧୨ ପଇ | " | ୫ ୵ | " | ୫ ୦ ୵ |
| ୨୨ ପଇ ଉତ୍କଳଷ୍ଟେସ୍ନ.. | | ୫ ॥ | " | ୫ ୦ ୵ |

ଶ୍ରୀଯୁକ୍ତ ବାବୁ ଗୋପାଳଙ୍କର ସ୍ୱୟଂଙ୍କର ତତ୍ତ୍ୱାବଧାରଣରେ 'ବଜାରରେ' ଆମ୍ଭମାନଙ୍କ ଦୋକାନରେ ଉତ୍କଳରେ ଓ ବଙ୍ଗଳ ଓ ଇଂରାଜୀ ବହି ଲୁଗା ଓ ଷ୍ଟେସନରୀ ଓ ବଙ୍ଗ ଭଲ ପରିମାଣ ଅଧିକ ଅଛି ରହିଅଛି ଏବଂ ସମସ୍ତ ଗ୍ରାହକବର୍ଗଙ୍କ ମଧ୍ୟରେ ବିକ୍ରୟ ଅଛି । ଏତଦ୍ଭିନ୍ନ ଅନେକପ୍ରକାର ଫେସନ ଦ୍ରବ୍ୟାଦି ଠିକ୍ ସମୟରେ ପ୍ରସ୍ତୁତ ଅଛି ଯାହାଙ୍କର ଆବଶ୍ୟକ ଉକ୍ତ ଦୋକାନରେ ଅନ୍ୱେଷଣ କଲେ ସୁଲଭ ମୂଲ୍ୟରେ ପ୍ରାପ୍ତ ହୋଇ ପାରିବେ ।

# ଚିକିତ୍ସା ।

ଏ ରୋଗକୁ ଲେଖିଲେ ଯାହାରେ ଭଲ ହେବ ଡାକ୍ତର ଦୋକାନରେ ଯାଇଁ ଦେଖିଲେ ଯାଇବାରେ ବଡ଼ ହେବ ସେହିମାନେ ଅତି ଶୀଘ୍ର ଲେଖିଦେଲେ ମଙ୍ଗଳ ହେବ ଓ ଭଲ ଅଧିକ ନାହିଁ ।

ରୋଗର ଉପଶମ ଓ ସାରରେ ଲୋକମାନଙ୍କ ଭାବ ସଖ ଅଛି ।

ଓଡ଼ିଶାର ଭଲ କୋମ୍ପାନୀର

ଉତ୍କଳଦୀପିକାରେ ବିଜ୍ଞାପନ ଛପାଇବାର ଦର ଉଚିତ ରୂପେ ଧାର୍ଯ୍ୟ ହୋଇଅଛି ଯଥା ।—

ପ୍ରଥମଥର ନିମନ୍ତେ

| | |
|---|---|
| ପ୍ରତିପଂକ୍ତି | ୫ ୦॥/ |
| ଅର୍ଦ୍ଧସ୍ତମ୍ଭ | ୫ ୩୲ |
| ପୂର୍ଣ୍ଣ ଏକ ସ୍ତମ୍ଭ | ୫ ୩୲ |

ମାତ୍ର ଦୋଇଥର ବିଜ୍ଞାପନ ଛପାଇବା ହେଲେ ଉକ୍ତ ଦରରୁ ୫ ୦॥ ରୁ ଉଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ବିଜ୍ଞାପନ ଦର ଅର୍ଦ୍ଧେକ ଓ ଚତୁର୍ଥ ଥରଠାରୁ ଏକତୃତୀୟାଂଶ ହେବ । ଅଧିକ ଦିନ ନିମନ୍ତେ ପୃଥକ ବନ୍ଦୋବସ୍ତ ହୋଇପାରେ ।

ଉତ୍କଳଦୀପିକା ପ୍ରେସ କାର୍ଯ୍ୟାଧ୍ୟକ୍ଷଙ୍କ ନିକଟରେ ପଠାଇବାକୁ ହେବ ।

ଏହି ସମ୍ବାଦପତ୍ରିକା ସହିତ ଦାତବ୍ୟ ସମ୍ବାଦ ପତ୍ର ପ୍ରିଣ୍ଟିଂକମ୍ପାନୀ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେବ

Digitized by srujanika@gmail.com

Split by PDF Splitter



Court of Session Appellate Jurisdiction Cuttack.

Present B. L. Gupta Esquire Sessions Judge

Criminal Appeal No. 29 (B) 1st quarter of 1893,

Appeal from the order of Babu Nabin Chandra Das Deputy Magistrate of Balasore. Dated the 11th February 1893.

No. 1 Khetra Mohakur, No. 2 Kristo Jena, No. 3 Brundaban Mahanti, No 4 Madhu Behera. No. 5 Sambhu Behera, No. 6 Hari Majhi, No 7 Mahendra Mahakur, and No. 8 Gobinda Mandul prisoner on bail *Appellants*.

For Appellants Babu Modhusudan Das Pleader; for Respondent Babu Hariballab Bose Government Pleader.

The appellants were convicted and sentenced under section 147 of the I. P. Code to 6 months rigorous imprisonment each.

On the morning of the 12th January at about 6½ A. M. the Salt Inspector of Balasore (Mr. Brown) and the Salt Sub-Inspector Mr. Ronan, with a number of peons of the salt department and one village Chawkidar invaded the village of Kainagori with a view to search the houses for contraband salt supposed to have been surreptitiusly manufactured by the villagers. The story for the prosecution is that peons were told off to watch the different houses. As soon as the salt Sub-inspector, the Village Chawkidar, and 2 peons took their stand at the gate of one Krishna Jena's house, they saw Krishno Jena come out of his house door and go towards a tank in his compound carrying 2 handies (earthen pots) in his hand.

The peons ran after him and saw him throw the *handis* into the tank. These were picked up and one is said to have contained salt earth and the other brine. But as the 2nd handi was found broken and in any case the brine had escaped into the tank water, the allegation that the handi contained brine must be taken to be an inference. It may be mentioned here that the evidence shows that the compound of Krishna Jena's house is enclosed all round with a fence and that his dwelling hut and tank are within that enclosure what is described as the gate is an opening in the fence leading into the compound and the "house door" means the entrance into the dwelling hut itself. It is quite clear from the depositions read together that the Salt officer entered the enclosure of Krisona Jena's premises and searched his tank and arrested him and detained him there until, shortly after, a crowd of excited villagers came, and, as alleged, rescued him. The salt officers deny that they actually searched any houses, that is, the inside of huts. But several villagers examined for the defence have deposed that houses were searched including the house of Krishna Jena. Two important facts are however admitted.

(1) Before the alleged riot and rescue took place groups of villagers came and repeatedly told the salt officers not to search the houses as no police officer was present. One ringleader said to them "we have no confidence in you" another told Krishna Jena "Don't allow your house to be searched by these salt officers as no police officer is present." The defence witnesses say that on this the Salt Inspector abused them and ordered one Khetar Mahakur, to be seized and the peons did pursue and strike him. Mr. Brown deposed that he only threatened to report those who interfered by speaking as above.

(2) It is admitted that the alleged riot took place within the enclosed compound or yard af Krishna Jena's house, and that the riot was subsequent to protests made by villagers against house searches being made in the absence of the police. The defence denies the seize of salt earth or arrest of Krishna Jena. In the row that took place blows with sticks were exchanged and some of the salt peons as well as Mr. Brown the salt Inspector received slight hurts. The rescuing consisted in this that one man pulled off Krishna Jena by the hand and the others removed a handi and a basket of salt earth.

In the charge framed by the Deputy Magistrate the rescuing of Krishna Jena is not mentioned as the common object of the assembly. The common object set forth in the charge is "to assault Mr. Brown the Salt Inspector and the other salt officers, and to resist them in the discharge of their duty."

This however in my opinion is not a just or reasonable view of the case. The object of the villagers even as disclosed in the admissions of the salt officers was to prevent houses being searched in the absence of the police, The use of sticks on both sides was evidently a sudden outbreak and the rescue or rather the escape of Krishna Jena in the melee was the necessary consequence, assuming that he was arrested. There was no charge against the appellants under sections 224 and 225 P. C. The counts are under sections 147 and 353 and the conviction and sentence under section 147 P. C.

The law and the rules clearly lay down that salt officers will have no power to search any "house, boat, or place" except "in the presence of an officer of police not inferior in rank to a head constable" (Vide section 18 of act XII of 1882 of the G. G. Council) it is the admitted fact that no such police officer was present within miles of the place. Nor was any such police officer expected to arrive. Hence the allegation that the salt officers were watching the houses only is devoid of any real significance. It appears that the salt sub-inspector Mr. Ronan went to the Mahapada out post for police aid but the only head constable there being absent, a constable only (witness No. five) was deputed. This constable too was sick and lagged far behind and was not present at the occurrence. The salt officers including Ronan who quickly rejoined Mr. Brown on the way however would not wait but marched to the village.



Digitized by srujanika@gmail.com

Split by PDF Splitter

164



They say they surrounded the houses and were visiting for the sick constable to arrive and give legal authority for house search as by his presence. But the constable did not arrive until whole drama had been played out. The constable has deposed that he walked while the salt officers ran and losing sight of them he turned back midway and was actually returning to the out-post when he heard a great voice and proceeded to the village.

The material portion of the Lower Court's Judgment is as follows "I find that the salt officers did not make any actual search. They came to the *barries* of the villagers and waited for the arrival of the constable. They arrested one villager while he was destroying suspected articles. They were authorized to make such arrest under section 16 and 17 of Act XII of 1882 and as the accused rescued the villagers from their lawful custody and assaulted the Inspector in the course of the same transaction their conduct clearly comes under rioting under section 147 P. C."

"I must here observe that the salt officer specially the Inspector of the Department concerned should have konwn (the) law better on the subject and ought not to have acted under the belief that the presence of a constable even if he had come with them would have justified them in making a search under section 18 of the Salt Act."

With reference to the above I have to observe that admittedly the salt officers did enter the premises of Krishna Jena and search his tank and that it is impossible to suppose that the Inspector did not know the law when the same is emphacized in a special chapter of the Madras salt rules applicable to Orissa, and when the illiterate villagers (in consequence apparently of constant friction with the salt department) had come to know the law and presumed to expound it to the Inspector on the spot. That a requisition was actually made at the Polic Out-post also shows that the direction of the law was understood and remembered. But when the salt officers were informed that no constable was available there was no inclination on their part to stay their hands. It is therefore not intelligible why they should defer house search awaiting the arrival of a constable whose presence they knew would not legalise the search and make no difference in practical convenience.

As regards the legality of the arrest of Krishna Jena, I am unable to endorse the view taken by the Deputy Magistrate. The law is clearly explained in Chapter XIV of the Madras salt manual or Circular orders. That Chapter refers specially to Orissa. It is there repeatedly pointed out that mere possession of salt earth is not penal and would not even justify a search for section 18 refers to the possession of salt (not salt earth) section 16 authorizes the seizure of salt not of salt earth. The utmost that can be said is that the possession of lixiviated salt earth and of brine is evidence of manufacture: but here only 2 *handis* were seen while their contents got merged and washed in water. Even in this respect para 193 of Chapter XIV of the Madras manual says "The Government of Bengal being averse to prosecutions for the manufacture of small quantities of salt for private consumption such manufacture has also not to be treated as an offence." But in this case there is no reliable evidence whatever of such manufacture. Further the entry into Krishna Jena's house and the search being illegal, the arrest was also in my opinion illegal. In fact if the whole deposition of the salt Inspector be read with section 18 of the Act which lays down in detail the procedure to be followed it will be found that the proceedings of the salt officers in this case were illegal throughout.

The villagers examined for the defence and the accused persons of course deny that Krishna Jena threw anything into the tank. The last Inspector and the Sub-Inspector did not see Krishna Jena throw the *handis* into the tank. It is primafacie extremely improbable that while Krishna Jena's house was being watched out side he should rush out with 2 *handis* to destroy their contents *vis* a little earth and brine which he could quietly and effectually destroy inside his dwelling house. It is true the Inspector has deposed that he saw Krishna Jena going with 2 *handis* but in his written detailed report to the Magistrate he made no such statement. There it is only stated that he was informed that Krishna Jena had been arrested by 2 salt peons while throwing pots into a tank some salt earth was also found in his compound under straw. As money rewards are expected by informers and officers concerned in salt cases the discovery in the early morning of salt earth &c not inside a dwelling house but in tanks and open parts of the compound is absolutely no evidence against the owner of the tank or compound. The Board's rules fully recognize and emphasize the fact and warn salt Inspectors of it.

In connection with section 99 P. C. it is sufficient to remark that it will not cover such a case as this. In the words of collect in his comments out the Indian Penal Code (page 52 Edition of 1889) only "slight legal inaccuracy is excused."

I regret in having to decide this case against the officers of the salt department as it might indirectly have the effect of fostering a spirit of lawlessness among the inhabitants of the saliferous tracts. But I do not see my way to support the convictions on legal grounds. It may be noted that the appellants have already undergone rigorous imprisonment for about 17 days.

Upon the grounds set forth above I annul the connections and sentences in this case and acquit the appellants.

(*Sd.*) B. L. GUPTA.
*Sessions Judge.*
29th April 1893.

ଶ୍ରୀ ୧୦ ୦୨ ୧୨୦ ।

Digitized by srujanika@gmail.com

Split by PDF Splitter



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା ।


ଭା ୨୫ ଗ | ତା ୨୨ ଋଷ ମାହେ ମଇ ସନ୍ ୧୮୯୭ ମସିହା । ନୂ । ଜେଷ୍ଠ ତ ୧୨ ଜ ସନ ୧୩୦୦ ସାଲ ଶନିବାର | ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩୯
ସ ୨୧ ଖ୍ୟା | | ପଶ୍ଚାଦେୟ ଟ ୬୯


ମଣିପୁରଠାରେ ଲୁଶାମାନଙ୍କ ଉପଦ୍ରବ ପୁନର୍ବାର ବୃଦ୍ଧି ହୋଇଅଛି ଅଳ୍ପଦିନ ହେଲା ସେମାନେ ମଣିପୁରର ସୁଏମିନାମକ ନାଗାଗ୍ରାମରେ ପଶି ୨୮୦ ଣ ବ୍ୟକ୍ତିଙ୍କୁ ମାରିଯାଇ ଅଛନ୍ତି । ଇଂରାଜକର୍ତ୍ତୃପକ୍ଷ ଏମାନଙ୍କୁ ଶାସ୍ତି ଦେବାର ବନ୍ଦୋବସ୍ତ କରୁଅଛନ୍ତି ।

---

ନମ୍ବାବାଡ଼କୁ ଯାଇଥିବା ଓଡ଼ଲମାନେ ଫେର ଆସି ଅଛନ୍ତି ଏବଂ ଗୋଟାଏ ନ ହୋଇଥିଲେ ଅକ୍ଷିସ୍କୁଲସ୍ମୃତ୍ରଣ ଫେର ଆସିଥାନ୍ତେ । ଶୁଣି ଅନନ୍ଦିତ ହେଲୁଁ ଯେ ସେଠା ଗୋଳମାଳ ଅଟେପାସିରେ ମେଣ୍ଟିଗଲା ! ଦେବାନ କ୍ଷମାପ୍ରାର୍ଥନା କରିବାରେ ରଜା ତାହା ଗ୍ରହଣ କଲେ ଏବଂ ପ୍ରଜାମାନଙ୍କର ଯେ ବସ୍ତୁ ଲୁଟିହୋଇଥିଲା ତାହାଙ୍କୁ ଜଣାଇ ସେବସ୍ତୁର ପାଇବାର ଆଶ୍ୱାସ ରଜାଙ୍କଠାରୁ ପାଇ ଆପଣା୨ ଘରକୁ ବାହୁଡ଼ି ଗଲେ ।

---

ବଙ୍ଗଦେଶର ଲେପ୍ଟେନେଣ୍ଟ ସର ଇଲିୟଟ ବାହାଦୁର ଅଳ୍ପଦିନଇଲେ ଗୋଟନାଗପୁରରେ ପରିଭ୍ରମଣ କଲା ସମୟରେ ସେଠାର ମହାରାଜା କଲିଭରନସଭାପଣ୍ଡ ନାମକେ ପୁରସ୍କାରଟଙ୍କା ଦାନ କରିଥିଲେ । ଗୋଟନାଗପୁରର ଦାତବ୍ୟ ଚିକିତ୍ସାଳୟ ସଂଲଗ୍ନରେ ଗୋଟିଏ ଜନାନା ହସ୍‌ପିଟାଲ୍ ଅର୍ଥାତ୍ ସ୍ତ୍ରୀଚିକିତ୍ସାଳୟର ଆଂଶିକ ବ୍ୟୟ ନିର୍ବାହ ସକାଶେ ଏହି ଟଙ୍କା ଦାନ ହୋଇଅଛି । ମାନ୍ୟବର ଲେପ୍ଟେନେଣ୍ଟ ଏହି ମହତ ଦାନ ଗ୍ରହଣ ପୂର୍ବକ ମହାରାଜାଙ୍କୁ ଧନ୍ୟବାଦ ଦେଇ ଅଛନ୍ତି ।

---

ଇଷ୍ଟକୋଷ୍ଟ ରେଲବାଟ ରାଜମହେନ୍ଦ୍ରୀଠାରୁ ବିଜୟନଗର (ଭିଜାନଗର) ପର୍ଯ୍ୟନ୍ତ ମା ୧୭୦ ଇଲ ଆଗାମି ଯୁଲାଇ ମାସ ତା ୧ ରିଖ ପୂର୍ବରୁ ଫିଟିବ । ଗୋଦାବରୀନଦୀରେ ପୋଲ ନ ହେବାରୁ ଜାହାଜଦ୍ୱାରା ନଦୀ ପାର ହେବାର ଏମନ୍ତ ବନ୍ଦୋବସ୍ତ ହୋଇଅଛି ଯେ ରେଲଗାଡ଼ିମାନ ଖାଲି ନ ହୋଇ ମାଲ ଓ ଯାତ୍ରୀ ସହିତ ଜାହାଜରେ ବୋଝାଇ ହୋଇ ଅରପାରକୁ ଆସିବ । ସୁତରାଂ ବେଜବାଦଠାରୁ ଭିଜାନଗର ପର୍ଯ୍ୟନ୍ତ ଏକାସନରେ ଯାତ୍ରିମାନେ ଆସି ପାରିବେ । ପଣ୍ଡାବର ସନ୍ନିକଟରେ ସେତୁ ହେବା ପୂର୍ବେ ନଦୀ ପାରର ଏହିପରି ବନ୍ଦୋବସ୍ତ ହୋଇଥିଲା ।

---

ବଙ୍ଗଳାପରି ଆସାମରେ ପ୍ରାୟ ଏକ ସମୟରେ କୁଲିପ୍ରଥାର ଖଣ୍ଡନାର୍ଥ ପ୍ରସ୍ତାବିତ ବିଜ୍ଞାପନ ପ୍ରସ୍ତୁତ ହୋଇଥିଲା । ଅନେକ ଅନ୍ଦୋଳନ କରିବାରୁ ପଶ୍ଚାତରେ ବଙ୍ଗଳାର ବିଜ୍ଞାପନ ବାହାରି ହୋଇ କୁଲିପ୍ରଥା ପ୍ରାୟ ଉଠିଗଲା ମାତ୍ର ଆସାମରେ ଏପର୍ଯ୍ୟନ୍ତ ସେପରି କିଛି ନ ହେବାରୁ ସେ ପ୍ରଦେଶବାସିମାନେ ବଡ଼ ଦୁଃଖିତ ଥିଲେ ଏବଂ ସମ୍ବାଦପତ୍ରମାନଙ୍କରେ ଏଥିର ଚର୍ଚ୍ଚା ଲାଗିଥିଲା । ଯାହା ହେଉ ବର୍ତ୍ତମାନ ଗବର୍ଣ୍ଣମେଣ୍ଟ ଆସାମର କୁଲିବନ୍ଦର ସମ୍ବନ୍ଧୀୟ ନୂତନ ବିଜ୍ଞାପନ ବାହାର କରି ସର୍ବସାଧାରଣଙ୍କୁ ସନ୍ତୋଷ ପ୍ରଦାନ କରିଅଛନ୍ତି । କିଛିଦିନ ପୂର୍ବରୁ ଏହା ହୋଇଥିଲେ ଆହୁରି ଭଲ ହୋଇଥାନ୍ତା ।

---

ଓକିଲମାନଙ୍କ ପକ୍ଷରୁ ବଙ୍ଗୀୟ ଲେପ୍ଟେନାଣ୍ଟଙ୍କ ନିକଟରେ ଏହି ମର୍ମରେ ଏକ ଆବେଦନପତ୍ର ଦିଆଯାଇ ଅଛି କି ଡେପୁଟୀଗିରି ପରୀକ୍ଷା ଏବଂ ମୁନସଫିରେ ଭରତି କରିବା ବେଳେ ଓକିଲମାନଙ୍କ ବୟସର ଅବଧି ଧର୍ତ୍ତବ୍ୟ ନ ହେଉ । ଏ ପ୍ରାର୍ଥନା ଆମ୍ଭମାନଙ୍କ ବିବେଚନାରେ ଅସଙ୍ଗତ ନୁହଇ । ଯେଉଁମାନେ ଅନେକ ଦିନ ଓକାଲତି କରି ଯୋଗ୍ୟତା ଓ ସଚ୍ଚରିତ୍ରତା ଦେଖାଇ ଅଛନ୍ତି ସେପରି ଲୋକଙ୍କୁ ହାକିମ କାର୍ଯ୍ୟ ଦେଲେ ଅବଶ୍ୟ ଭଲ ଫଳ ହେବ । କେବଳ ପେନସିଅନର ଦାୟ ଋଣ ଦେବା ସକାଶେ ନିତାନ୍ତ ଅଧିକ ବୟସର ଲୋକଙ୍କୁ ହାକିମି ଦେବା ଉଚିତ ନୁହେ ।

---

ଲଣ୍ଡନ ବିଶ୍ୱବିଦ୍ୟାଳୟର ଏଫ୍, ଏ ଓ ବି, ଏ, ପରୀକ୍ଷାମାନ ଭାରତବର୍ଷରେ ଗୃହୀତ ହେବା ବିଷୟରେ ଭାରତଗବର୍ଣ୍ଣମେଣ୍ଟ ଅନୁରୋଧ କରିବାରୁ ଉକ୍ତ ବିଶ୍ୱବିଦ୍ୟାଳୟ କର୍ତ୍ତୃକେ ସମ୍ମତ ହୋଇ ଉକ୍ତ ପରୀକ୍ଷାମାନ କଲିକତାନଗରରେ ପ୍ରତିବର୍ଷ ଯଥା କ୍ରମେ ଜୁଲାଇମାସର ୩ ଯ୍ୟ ସୋମବାର ଏବଂ ଅକ୍ଟୋବରମାସର ୪ର୍ଥ

ସୋମବାର ଆରମ୍ଭ ହେବାର ଧାର୍ଯ୍ୟ କରି ଅଛନ୍ତି । ସେହି ଦୁଇ ପରୀକ୍ଷା ସଙ୍କାଟେ ଯଥାକ୍ରମେ ଜାନୁଏରିମାସ ଓ ଅପ୍ରେଲମାସ ପ୍ରଥମ ସପ୍ତାହରେ ଶିକ୍ଷାବିଭାଗର ଡାଇରେକ୍ଟରଙ୍କ ଠାରେ ଆବେଦନ କରିବାକୁ ହେବ ଏବଂ ପ୍ରତ୍ୟେକ ଆବେଦନ ସଙ୍ଗେ ଏକଶତ ଟଙ୍କା ଦେବାକୁ ହେବ ଯେ ତହିଁରୁ ପରୀକ୍ଷାର ଫିସ ପାଞ୍ଚ ପାଉଣ୍ଡ ଓ ତାହା ପଠାଇବା ଖରଚ ଉତ୍ତାରୁ ଯାହା ବଳିବ ତାହା ଆବେଦନକାରୀକୁ ଫେରି ଦିଆଯିବ ।

---

ଖିଲାତର ଗଣ୍ଡଗୋଳ ନିବାରଣ ନ ହୋଇ ବରଂ ବୃଦ୍ଧି ହେବାର ଜଣାଯାଏ । ତାରସମ୍ବାଦରୁ ପ୍ରକାଶ ଯେ ସେଠାର ସରଦାରମାନେ ଖିଲାତର ଖାନଙ୍କ ଆଚରଣର ବିରୁଦ୍ଧରେ ମତ ପ୍ରକାଶ କରିବାରୁ ଇଂରାଜଗବର୍ଣ୍ଣମେଣ୍ଟଙ୍କ ସ୍ଥାନୀୟପ୍ରତିନିଧି ଖାନସାହେବଙ୍କୁ ନଜରବନ୍ଦରେ ରଖିଅଛନ୍ତି । ସମ୍ଭବତଃ ସେ ପଦଚ୍ୟୁତ ହୋଇ ସ୍ଥାନାନ୍ତରେ ନଜରବନ୍ଦରେ ରହିବେ ଏବଂ ତାହାଙ୍କ ପୁତ୍ର ଖିଲାତର ଗାଦିରେ ବସିବେ କଥିତ ହୁଏ ଯେ ଖାନସାହେବ ଖିଲାତର ସିଂହାସନରେ ବସିବାଦିନ ଗତ ବ ୩୭ ବର୍ଷ ମଧ୍ୟରେ ଅନେକ ସ୍ତ୍ରୀ ଓ ପୁରୁଷ ହତ୍ୟା କରିବାର ସ୍ୱୀକାର କରିଅଛନ୍ତି । ଅଳ୍ପଦିନ ହେଲା ସେ ଆପଣାର ପାଞ୍ଚଟି ଭାର୍ଯ୍ୟାଙ୍କୁ ବଧ କଲେ ଏବଂ ତହିଁମଧ୍ୟରୁ ଏକଜଣକୁ ଅଗ୍ନିରେ ପୋଡ଼ାଇ ମାରିଲେ ।

---

ଗତ ଶନିବାର ଓ ରବିବାର ଏଠାରେ ଅସହ୍ୟ ଗ୍ରୀଷ୍ମ ହୋଇଥିଲା । ସେହି ରବିବାର ଅପରାହ୍ନରେ ମେଘ ଉଦୟ ହୋଇ ଶେଷରାତ୍ରରେ ସାମାନ୍ୟ ବନ୍ଦୁପାତ ହେବାରୁ ସୋମବାର ମଧ୍ୟାହ୍ନକାଳରେ ଏକଘଣ୍ଟା ବୃଷ୍ଟି ହେଲା । ମାତ୍ର ସୋମବାର ଶେଷରାତ୍ରରୁ ଝଡ଼ି ଆରମ୍ଭ ହୋଇ ଦ ଶ ନଗର ପ୍ରାଣି ଓ ବୃକ୍ଷାଦିଙ୍କୁ ବ୍ୟତିବ୍ୟସ୍ତ କରିଦେଇ ଗତ କାଲି ଦିନରୁ ଶାନ୍ତ ହେଲା । ସକଳ କଦଳୀ ଇତ୍ୟାଦି ମହିରୁହ ଅନେକ ଭୂମିପତିତ ଏବଂ ଅନେକ ଘର ଓ ବାଡ଼ ଭୂମିସାତ ହୋଇଅଛି । ବିଲ ଖାଲ ପ୍ରଭୃତିରେ ଜଳପୂର୍ଣ୍ଣ ହୋଇଅଛି । ଏ ତୋଫାନରେ କେଉଁଠାରେ କପରି କ୍ଷତି ହୋଇଅଛି ଅବଧି ଜଣାଯାଇ ନାହିଁ । କେବଳ ପୁରସମ୍ବାଦଦାତା ଲେଖିଅଛନ୍ତି ଯେ ଶାସନ ଏଠାରେ ଅନବରତ ଜଳ ବୃଷ୍ଟି ଓ ବତାସ ହୋଇ ଘର କାନ୍ଥଇତ୍ୟାଦି ଅନେକ ଭଗ୍ନ ହୋଇଅଛି ଓ ଖାଦ୍ୟଦ୍ରବ୍ୟ ଭଲ ଦୁର୍ମୂଲ୍ୟ ହୋଇଅଛି । କଲିକତାଡାକ ଦୁଇଦିନ ବନ୍ଦ ଥିଲା ।

---

ନୀଳଗିରିର ରାଜା କୃଷ୍ଣଚନ୍ଦ୍ରମର୍ଦ୍ଦରାଜ ହରିଚନ୍ଦନ ଅତ୍ୟନ୍ତ ପୀଡ଼ିତ ଥିବାର ଏଥିପୂର୍ବେ ଲେଖିଥିଲୁଁ । ବର୍ତ୍ତମାନ ଅତ୍ୟନ୍ତ ଦୁଃଖର ସହିତ ଅବଗତ ହେଲୁଁ ଯେ ସେ ଚଳିତମାସ ତା ୧୧ ରଖ ଗୁରୁବାର ମଧ୍ୟାହ୍ନକାଳରେ ସେହି ପୀଡ଼ା ହେତୁ ସ୍ୱର୍ଗାରୋହଣ କରିଅଛନ୍ତି । ରାଜାମହୋଦୟ ଓଡ଼ିଶାର ଜଣେ ପ୍ରାଚୀନ ବୁଦ୍ଧିମାନ୍ ଓ ଧାର୍ମିକରାଜା ଥିଲେ ଓ ମୃତ୍ୟୁପୂର୍ବରୁ ତୀର୍ଥସ୍ଥାନମାନ ଭ୍ରମଣକରି ଆପଣା ବିଶ୍ୱାସମତେ ଆତ୍ମାର କୁଶଳତା ସମ୍ପାଦନ କରିଥିଲେ । ଏହାଙ୍କର ଯୋଗ୍ୟପୁତ୍ର [ମୟୂରଭଞ୍ଜର ବର୍ତ୍ତମାନ ରାଜାଙ୍କ ଭାଇ] ଶ୍ରୀ ଶ୍ୟାମଚନ୍ଦ୍ର ମର୍ଦ୍ଦରାଜ ହରିଚନ୍ଦନ ଉପାଧି ଧାରଣପୂର୍ବକ ଗାଦିନସୀନ ହୋଇଅଛନ୍ତି । ସେ ବର୍ତ୍ତମାନ ନାବାଲଗ ଥିବାରୁ ମାହାଲ କୋର୍ଟ ଅବ୍‌ୱାର୍ଡ଼ ଅଧୀନରେ ଅଛି ଏବଂ ମୃତରାଜାଙ୍କ ଅମଳରୁ ଶ୍ରୀଯୁକ୍ତ ଉଇଟ ସାହେବ ଯେପରି ମ୍ୟାନେଜରୀ କରି ଆସୁଅଛନ୍ତି ବର୍ତ୍ତମାନ ରାଜାଙ୍କ ନାବାଲଗି ଶେଷପର୍ଯ୍ୟନ୍ତ ସେହିପରି ରହିବାର ସମ୍ଭାବନା । ଏ ବନ୍ଦୋବସ୍ତ ଅବଶ୍ୟ ସନ୍ତୋଷଜନକ ହେବ ।

---

ବଙ୍ଗୀୟ ବ୍ୟବସ୍ଥାପକସଭାର ସଭ୍ୟ ନିର୍ବାଚନକାର୍ଯ୍ୟ ଶେଷ ହୋଇଅଛି । ଏଥିପୂର୍ବେ କଲିକତା ମିଉନିସିପାଲିଟୀ ଦ୍ୱାରା ବାବୁ ସୁରେନ୍ଦ୍ରନାଥ ବାନାର୍ଜ୍ଜୀ ଏବଂ ସେନେଟସଭା ଦ୍ୱାରା ଶ୍ରୀ ଡବ୍ଲିଉ, ସି, ବାନାର୍ଜ୍ଜୀ ସାହେବ ନିର୍ବାଚିତ ହୋଇଥିଲେ । ମୋଫସଲର ମିଉନିସିପାଲିଟୀ ଓ ଜିଲ୍ଲା ବୋର୍ଡ଼ମାନଙ୍କ ମଧ୍ୟରୁ ଏଥର ଯେଉଁମାନେ ନିର୍ବାଚନାଧିକାର ପାଇଥିଲେ ସେମାନଙ୍କ ମଧ୍ୟରୁ ପାଟନାବିଭାଗର ଲୋକବୋର୍ଡ଼ମାନଙ୍କ ଦ୍ୱାରା ଦ୍ୱାରଭଙ୍ଗାର ମହାରାଜା, ରାଜସାହିବିଭାଗର ବୋର୍ଡମାନଙ୍କ ଦ୍ୱାରା ଶ୍ରୀ ଅଶ୍ୱତୋଷ ଚୌଧୁରୀ ବାରିଷ୍ଟର ପ୍ରେସିଡେନ୍‌ସିବିଭାଗର ମିଉନିସିପାଲିଟୀମାନଙ୍କ ଦ୍ୱାରା ବାବୁ ଲାଲମୋହନ ଘୋଷ ଏବଂ ଚଟ୍ଟଗ୍ରାମ ବିଭାଗର ମିଉନିସିପାଲିଟୀମାନଙ୍କଦ୍ୱାରା ହାଇକୋର୍ଟର ଉକିଲ ମୌଲବୀ ସିରାଜୁଲ ଇସଲାମଖାନ୍ ବାହାଦୁର ନିର୍ବାଚିତ ହୋଇ ଅଛନ୍ତି । କଲିକତାର ବଣିକ୍‌ସଭା ଫ୍ରେଫେୟାର ସାହେବଙ୍କୁ ନିର୍ବାଚନ କରି ଅଛନ୍ତି । ଏମନ୍ତେ ସଭାର ପ୍ରୟୋଜନୀୟ ଜ ୭ ଣ ସଦସ୍ୟ ନିର୍ବାଚିତ ହୋଇ ଅଛନ୍ତି ଏବଂ ଏହାଙ୍କ ମଧ୍ୟରେ ଜ ୧ ଣ ଇଂରାଜ ଏବଂ ଜ ୬ ଣ ଦେଶୀୟଙ୍କ ମଧ୍ୟରେ ଜଣେ ପ୍ରଧାନ ଜମିଦାର ଜଣେ ପ୍ରଧାନ ମୁସଲମାନ ଏବଂ ଜ ୪ ଣ ବଙ୍ଗାଳ ବାରିଷ୍ଟର-ପ୍ରଭୃତି ଶିକ୍ଷିତ ଲୋକ ଥିବାରୁ ନିର୍ବାଚନକାର୍ଯ୍ୟ ସର୍ବାଂଶରେ ଭଲ ହୋଇଅଛି ଏବଂ ଭାରତୀୟ ମହାସଭାର ପ୍ରଧାନ ପୃଷ୍ଠପୋଷକମାନେ ସର୍ବପ୍ରଥମେ ନିର୍ବାଚିତ ହେବାରୁ ଉକ୍ତ ସମିତିର ଗୌରବ ବୃଦ୍ଧି ହୋଇଅଛି ସ୍ୱୀକାର କରିବାକୁ ହେବ । ନୂତନ ସଦସ୍ୟଙ୍କ ଠାରେ ସର୍ବସାଧାରଣଙ୍କର ଅନେକ ଆଶା ଅଛି ଏବଂ କାର୍ଯ୍ୟତଃ ତାହା କହୁତରେ ପୂର୍ଣ୍ଣ ହେଲେ ବଡ଼ ଆନନ୍ଦର ବିଷୟ ହେବ ।

---

ବିଶ୍ୱବିଦ୍ୟାଳୟର ପରୀକ୍ଷା-ଫଳ ।

ପ୍ରବେଶିକା—ଏଥିର ସମାଲୋଚନା ଏଥିପୂର୍ବେ ହୋଇଅଛି ।

ଏଫ୍, ଏ, ପରୀକ୍ଷା—ଗତବର୍ଷ ଜ ୨୩୮୯ ଣଙ୍କ ମଧ୍ୟରୁ ଜ ୧୧୨୪ ଣ ଏବଂ ତତ୍ପୂର୍ବବର୍ଷ ଜ ୨୦୩୮ ଣଙ୍କମଧ୍ୟରୁ ଜ ୭୬୨ ଣ ପାସ କରିଥିଲେ । ଏବର୍ଷ କେତେଜଣ ପରୀକ୍ଷାର୍ଥୀ ହୋଇଥିଲେ ଜଣା ଯାଇ ନାହିଁ ମାତ୍ର କଥିତ ହୁଏ ଯେ ଶତକଡ଼ା ୩୪ ଜଣ କୃତକାର୍ଯ୍ୟ ହୋଇଅଛନ୍ତି । ଏଥିରୁ ୧ମ ଶ୍ରେଣୀରେ ଜ ୪୨ ଣ, ୨ୟ ଶ୍ରେଣୀରେ ଜ ୨୮୮ ଣ ଏବଂ ୩ୟ ଶ୍ରେଣୀରେ ଜ ୬୯୯ ଣ ସର୍ବମୁଦ୍ଧା ଜ ୧୦୨୯ ଣ ପାସ କରିଥିବାରୁ ପ୍ରାର୍ଥୀଙ୍କ ସଂଖ୍ୟା ଜ ୨୭୦୦ ରୁ ଊର୍ଦ୍ଧ୍ୱ ହୋଇଥିବ । ସୁତରାଂ ଗତବର୍ଷଠାରୁ ଅଧିକ ପରୀକ୍ଷାର୍ଥୀ ହୋଇଥିଲେହେଁ ଊଣାଲୋକ କୃତକାର୍ଯ୍ୟ ହେଲେ ଏବଂ ଏବର୍ଷର ଫଳ ଅନୁପାତରେ ଗତ ପୂର୍ବବର୍ଷର ଫଳ ସଙ୍ଗେ ସମାନ ହୋଇ ଅଛି । ଏପରି ଅସ୍ଥିର ଫଳ ଅବଶ୍ୟ ଅସୁବିଧାର ଅଟେ ଏବଂ ଏଥିରେ ଛାତ୍ରମାନଙ୍କର ହତାଶ ହେବାର ଆଶଙ୍କା କେଉଁଅଛି । ଯୋଗ୍ୟତାନୁସାରେ ହୁଗଲି କଲେଜ ପ୍ରଥମ ଓ ପ୍ରେସିଡେନ୍ସି କଲେଜ ଦ୍ୱିତୀୟ ହୋଇଅଛି । ହୁଗଲି ଓ ତୀର୍ଥସ୍ଥାନ ମଧ୍ୟ ସ୍ୱାସ୍ଥ୍ୟକରଗ୍ରାମରେ ପଡ଼ିବାରୁ ଏହି କଲେଜର ଟେକ ଅଧିକ ହୋଇବାକୁ ହେବ । ଏଠା ରେଭେନସାକଲେଜରୁ ଗତ ପୂର୍ବବର୍ଷ ଜ ୨୮ ଣଙ୍କମଧ୍ୟରୁ ଜ ୧୨ ଣ ଏବଂ ଗତବର୍ଷ ଜ ୪୨ ଣଙ୍କମଧ୍ୟରୁ ଜ ୨୦ ଣ କୃତାର୍ଥ

ହୋଇଥିଲେ । ଏବର୍ଷ ଜ ୪୦ଜଣଙ୍କ ମଧ୍ୟରୁ କେବଳ ଜ ୫ ଜଣ ଏବଂ ସେହିଁ ମଧ୍ୟରୁ କେବଳ ଏକଜଣ ୨ୟ ଏବଂ ଅନ୍ୟ ଚାରିଜଣ ୩ୟ ଶ୍ରେଣୀରେ ପାସ କରିଅଛନ୍ତି । ସୁତରାଂ ଏ ଫଳ ଏବର୍ଷର ସାଧାରଣଫଳ ଏବଂ ଅନ୍ୟାନ୍ୟ ବର୍ଷର ଏହି କଲେଜର ଫଳ ତୁଳନାରେ ନିତାନ୍ତ ମନ୍ଦ ହୋଇଅଛି ଏବଂ ଏଥିପାଇଁ ଉତ୍କଳବାସୀ ମାତ୍ରକେ ଦୁଃଖିତ ହେବେ ସନ୍ଦେହ ନାହିଁ ।

ବି, ଏ, ପରୀକ୍ଷା—ଗତ ପୂର୍ବବର୍ଷ ଜ ୮୭୦ଜଣଙ୍କ ମଧ୍ୟରୁ ଜ ୨୫୦ ଜଣ ଏବଂ ଗତବର୍ଷ ଜ ୧୨୩୪ ଜଣଙ୍କମଧ୍ୟରୁ ଜ ୩୦୪ ଜଣ ଓ ସେହିଁମଧ୍ୟରୁ ଅନେ- ଉତ୍କଳର ୨ଜଣ ଉତ୍ତୀର୍ଣ୍ଣ ହୋଇଥିଲେ । ଏବର୍ଷ ଅନଉତରେ ଜ ୬୭ ଜଣ ଏବଂ ଯାଶରେ ଜ୨୫୧- ଜଣ ସର୍ବସୁଦ୍ଧା ଜ ୩୧୮ ଜଣ ଉତ୍ତୀର୍ଣ୍ଣ ହୋଇଅଛନ୍ତି ଓ ଏହାକଲେଜ ସର୍ବୋଚ୍ଚସ୍ଥାନ ପାଇଅଛି । ମୋଟ ସଂଖ୍ୟା ଗତବର୍ଷ ସଙ୍ଗେ ପ୍ରାୟ ସମାନ ରହିଅଛି କିନ୍ତୁ ଗତ ତୁଇବର୍ଷ ଶତକଡ଼ା ଜ୨୫ଜଣ କୃତକାର୍ଯ୍ୟ ହେବା ସ୍ଥଳେ ଏବର୍ଷ ଶତକଡ଼ା ଜ ୨୦ ଜଣରୁ ଊଣା ପାସ କରିବାର ଜଣାଯାଉଅଛି । ଏ ଅଂଶରେ ଫଳ ମନ୍ଦ ହେବାର ଜଣାଯାଏ ।

ଏଠାରେ ମେଡିକାଲ କଲେଜର ଫଳ ବଡ ସନ୍ତୋଷଜନକ ନୁହେଁ । ଗତ ପୂର୍ବବର୍ଷ ଜ ୮ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ କେବଳ ଏକଜଣ ଓ ଗତବର୍ଷ ଜ ୧୯ ଜଣଙ୍କ ମଧ୍ୟରୁ ଜ୨ ଜଣ ଉତ୍ତୀର୍ଣ୍ଣ ହୋଇଥିଲେ । ଏବର୍ଷ ଜ ୨୦ ଜଣ ପରୀକ୍ଷା ଦେଲେ ମାତ୍ର କେବଳ ଜ ୨ ଜଣ ପାସ ପରୀକ୍ଷାରେ କୃତକାର୍ଯ୍ୟ ହେଲେ । ପୂର୍ବ ଦୁଇବର୍ଷ ପରି ଏବର୍ଷ ମଧ୍ୟ ଅନର ପରୀକ୍ଷାରେ ଉତ୍କଳର କୌଣସି ଛାତ୍ରର ନାମ ନାହିଁ । ପୁଣି ଯେଉଁ ଦୁଇଜଣ ପାସ କରିଅଛନ୍ତି ସେମାନେ ପୁରୁଣା ଛାତ୍ର ଏବଂ ସେହିଁ ମଧ୍ୟରୁ ଏକଜଣ ପ୍ରକୃତ ପକ୍ଷରେ ଏ କଲେଜର ଛାତ୍ର ନୁହନ୍ତି । କମାଗତ କେତେକବର୍ଷ ମନ୍ଦଫଳ ଘଟିବା ବଡ଼ ଦୁର୍ଭାଗ୍ୟର କଥା ଅଟଇ । କି କାରଣରୁ ଏପରି ହୋଇଅଛି ଏବଂ ଏଥିପାଇଁ ଅଧ୍ୟାପକ ବା ଛାତ୍ର କିଏ ଦାୟୀ ଏକଥା ଭଲରୂପେ ଅନୁସନ୍ଧାନ କରିବା ଉଚିତ । ଉତ୍କଳରେ ଉଚ୍ଚଶିକ୍ଷା କ୍ରମେ ବୃଦ୍ଧି ହେବାର ଆଶା ହେଉଥିଲା ସେହିଁରେ ଏପରି ବାଧା ଘଟିଲା ତାହିଁକି ସମସ୍ତ ଉତ୍କଳବାସିଙ୍କର ବିଶେଷତଃ ଶିକ୍ଷିତ ସମ୍ପ୍ରଦାୟର ଅର୍ଥାତ୍ ଛାତ୍ର ଏବଂ ସର୍ବ ଏକାନ୍ତ ମନୋଯୋଗ ପୂର୍ବକ ଚିନ୍ତାକର ପ୍ରତୀକାର କରନ୍ତୁ । ଏମନ୍ତ ସମୟରେ ନିଶ୍ଚିନ୍ତ ହେବାର ନୁହେ ।

---

### ଓଡ଼ିଆଗଜେଟ୍ ।

ଓଡ଼ିଆଗଜେଟ୍‌ର ଗ୍ରାହକବୃଦ୍ଧିର ପ୍ରଧାନ ଉପାୟ ତହିଁର ମୂଲ୍ୟ ଊଣା କରିବା ହେଉଅଛି । ମାତ୍ର କେବଳ ମୂଲ୍ୟ ଊଣା ହେଲେ ଯେ ଅଧିକ ବିକ୍ରିବ ଏପରି ଆଶା କରାଯାଇ ନ ପାରେ । ସେଥିରେ ସର୍ବସାଧାରଣଙ୍କ ପ୍ରୟୋଜନୀୟ ବିଷୟ ରହିବା ଉଚିତ । ସମ୍ପ୍ରତି ଓଡ଼ିଆ ଗଜେଟରେ ଆଇନ ଆଇନର ପାଣ୍ଡୁଲିପି ଏବଂ ଆଇନାନୁସାରେ ଯେ ସମସ୍ତ ବିଜ୍ଞାପନ ପ୍ରକାଶ ହେବା ନିତାନ୍ତ ଆବଶ୍ୟକ ସେ ବିଜ୍ଞାପନମାନ ଏବଂ ଏଥିଉତ୍ତାରୁ କର୍ମଚାରୀ ନିଯୁକ୍ତି ଓ ହାଇକୋର୍ଟର ସରକ୍ୟୁଲର ପ୍ରଭୃତି କେତେକ ବିଷୟ ପ୍ରକାଶିତ ହୁଅଇ । ରେଭିନ୍ୟୁବୋର୍ଡ଼ଙ୍କ ସରକ୍ୟୁଲରମାନ ପୂର୍ବେ ପ୍ରକାଶିତ ହେଉଥିଲା ଏବେ ହେଉ ନାହିଁ ଏବଂ ଉତ୍କଳବନ୍ଧୁ ରେଭେନସ ସାହେବ ଓଡ଼ିଶାର କମିଶ୍ନର ଥିବା କାଳରେ ଯେ ସମସ୍ତ ବିଷୟ ଓଡ଼ିଆଗଜେଟରେ ପ୍ରକାଶ ହେବାର ଆଦେଶ ଦେଇଥିଲେ ଯଥା ବଜାର-ଦର ବୃଷ୍ଟି ଓ ଫସଲର ଅବସ୍ଥା ବାଣିଜ୍ୟଦ୍ରବ୍ୟର ଆମଦାନୀ ରପ୍ତାନୀ ଓ ଜନ୍ମ-ମୃତ୍ୟୁର ବିବରଣ ଇତ୍ୟାଦି ତାହାସବୁ ମହାମାନ୍ୟ ଅବଦେବର ପ୍ରକାଶରେ ପ୍ରକାଶ ହେଲା ଉତ୍ତାରୁ ବନ୍ଦ ହୋଇଅଛି । ଏହାସବୁ ପ୍ରକାଶ କରିବା ନିମନ୍ତେ ଅନୁବାଦକ ଓ ତାହାଙ୍କ ମହକୁମାର ବେତନ ବୃଦ୍ଧି ହୋଇଥିଲା । ସେହି କାଳରୁ ସରକାରଙ୍କର ଅଧିକ ବ୍ୟୟ ହୋଇ ଆସୁଅଛି ଅଥଚ ଯେଉଁ ଉଦ୍ଦେଶରେ ବ୍ୟୟ ବଢ଼ିଥିଲା ତାହା ସଫଳ ହେଉ ନାହିଁ । ଏହାସବୁ ରହିତ ହେବାର କୌଣସି କାରଣ ଥାଇପାରେ ମାତ୍ର ଆମ୍ଭମାନଙ୍କ ବିବେଚନାରେ ଏହା ସବୁ ପ୍ରକାଶ ହେବା ଉଚିତ ଏବଂ କଲିକତା ଗଜେଟର ଅନୁକରଣ କରିବାର କଥା । ଯେବେ ବୋଲିବ ଯେ ଆଇନ ଓ ଆଇନର ପାଣ୍ଡୁଲିପି ସର୍ବସାଧାରଣଙ୍କୁ ଜଣାଇବା କାରଣ ସରକାରଙ୍କର ଓଡ଼ିଆଗଜେଟ ରଖିବା ନିତାନ୍ତ ପ୍ରୟୋଜନ ଏବଂ ସେହି ଉଦ୍ଦେଶ୍ୟ ସାଧିତ ହେଲେ ଯଥେଷ୍ଟ ହେଲା ତେବେ ଓଡ଼ିଆଗଜେଟରେ କେବଳ ଆଇନ ପ୍ରକାଶ କରି ଅଳ୍ପ ମୂଲ୍ୟରେ କେତେଖଣ୍ଡ ଗଜେଟ ବିତରଣ କଲେ ଯଥେଷ୍ଟ ହେବ । ଏଥିରେ ଗଜେଟର ଛପା ଏବଂ ମହକୁମା ଖରଚ ଊଣା ପଡ଼ିବ ଏବଂ ବ୍ୟବସ୍ଥାପକସଭାର ପ୍ରୟୋଜନ ଯେତେ ଊଣାବ୍ୟୟରେ ସିଦ୍ଧ ହୋଇ ପାରେ ତାହା ହେବା ଉଚିତ । କିନ୍ତୁ ଗଜେଟର ଆଦର ବଢ଼ାଇବା ଅବଶ୍ୟ ବାଞ୍ଛନୀୟ ଓ ତହିଁର ବନ୍ଦୋବସ୍ତ ପୂର୍ବରୁ ହୋଇଥିବା ପ୍ରତ୍ୟକ୍ଷ ମହକୁମାର ବ୍ୟୟ ଊଣା ନ କରି ପ୍ରଥମେ ସର୍ବସାଧାରଣଙ୍କ ମନୋରଞ୍ଜନ ନିମନ୍ତେ ସରକାରୀଦପ୍ତରରୁ ସୁପ୍ରାପ୍ୟ ବିଷୟ ସମ୍ବାଦମାନ ଅନ୍ତତଃ କିଛିକାଳ ତହିଁରେ ଦେଇ ବଢ଼ିବା ଉଚିତ । ଯେବେ ପରକ୍ଷେପରେ କିଛି ଫଳ ନ ହେବ ତେବେ ବ୍ୟୟ ସଙ୍କୋଚର ଚେଷ୍ଟା କରାଯାଉ ହେବ ।

କେହି୨ କହୁଥାଇନ୍ତି ଯେ ଉକ୍ତ ବିଷୟମାନ ଓଡ଼ିଆଗେଜେଟରେ ଦେଲେ ତହିଁର କଲେବର ସୁତରାଂ ଛପା ଖରଚ ବୃଦ୍ଧି ହେବ । ଏଥିରୁ ଆମ୍ଭେମାନେ କହୁଁ ଯେ ଗଜେଟ୍ ଚଳାଇବାର ଭାର ଯାହାଙ୍କ ହାତରେ ଅଛି ସେ ସୁବିବେଚନା ପୂର୍ବକ କାର୍ଯ୍ୟ କଲେ ବ୍ୟୟ ବଢ଼ିବ ନାହିଁ । ବର୍ତ୍ତମାନ ଯେପରି ଭାବରେ ଗଜେଟ ମୁଦ୍ରିତ ହେଉଅଛି ତହିଁରେ ଅନର୍ଥକ ଅନେକ ସ୍ଥାନ ନଷ୍ଟ ହେଉଅଛି । ଏଥିର କେତୋଟି ଉଦାହରଣ ଦେଖାଉ ଅଛୁଁ । ହାଇକୋର୍ଟର ସରକ୍ୟୁଲରମାନ ଗଜେଟରେ ଯାହା ଛାପା ହୁଅଇ ତାହା ଅଧିକାଂଶ ମଫସଲମାସମ୍ପର୍କୀୟ ଅର୍ଥାତ୍ କେଉଁ ସମୟରେ କପରି ଫାରମରେ ମାସକବାର ଷାଲ୍‌ତମାମି ଇତ୍ୟାଦି ପଠାଇବାକୁ ହେବ ଏବଂ ଦସ୍ତୁର ଅମଲ ବେଞ୍ଚିବା ଉପରୁ ସଂଶୋଧିତ ବା ପରିବର୍ତ୍ତିତ ହେଲା ଏହାସବୁ ଆଏ ଏବଂ, ସମୟ୨ରେ ଗୋଟିଏ୨ କଡ଼ିକବାରେ ଦୁଇପୃଷ୍ଠା ବାହାର ଯାଏ । ଏହାସବୁ ଜନସାଧାରଣଙ୍କର ଜାଣିବାର କିଛି ପ୍ରୟୋଜନ ନାହିଁ ଏବଂ ଏହା ଛପାଇବାର ଗଜେଟର ଖରଚ ବଢ଼ାଇବା ବିନା ଅନ୍ୟ କିଛି ଫଳ ନାହିଁ । ସରକାରୀ ଭୂଇଁକାଇନର ଉନ୍ନତିବିଜ୍ଞାପନ କଲିକତା ଇଂରାଜୀଗଜେଟର ଏକସ୍ତମ୍ଭର ପ୍ରାୟ ଏକ ଚତୁର୍ଥାଂଶକର ପ୍ରକାଶିତ ହୁଅଇ ମାତ୍ର ଓଡ଼ିଆଗଜେଟର ପ୍ରାୟ ଏକପୃଷ୍ଠା ସ୍ଥାନ ଅଧିକାର କରୁଅଛି ଏବଂ, ଓଡ଼ିଆ ଓ ଇଂରାଜୀ ଉଭୟଭାଷାରେ ଦିଆ ଯାଉଅଛି । ଓଡ଼ିଆଗଜେଟରେ ଇଂରାଜୀ ବିଜ୍ଞାପନ ପ୍ରକାଶ ହେବାର ଆବଶ୍ୟକତା ଆମ୍ଭେ ମାତ୍ର ଜଣାଯାଉ ନାହିଁ ।

Split by PDF Splitter

Digitized by srujanika@gmail.com

Split by PDF Splitter



ଏରୂପର ଦେବନାଗରାକ୍ଷରରେ ଇମିଡ଼ାସ୍ତ୍ରପ୍ରଭୃତ ନିଲମ ହେବାର ବିଜ୍ଞାପନ କଲିକତାଗେଜେଟରେ ପ୍ରାୟ ଦଶ ଧାଡ଼ୀରୁ ଊର୍ଦ୍ଧ୍ୱ ହୁଅଇ ନାହିଁ କିନ୍ତୁ ଓଡ଼ିଆଗେଜେଟରେ ନିଲମି ଇସ୍ତାହାର ସମ୍ପୂର୍ଣ୍ଣ ପ୍ରକାଶିତ ହୁଅଇ ଏବଂ, ତହିଁରେ ଏକ ପୃଷ୍ଠା ବା ଅଧିକ ବାହାର ଯାଏ । ଆମ୍ଭମାନଙ୍କ ବିବେଚନାରେ ଯେବେ ଗେଜେଟପ୍ରକାଶକ ବିଷୟର ଗୁରୁତ୍ୱ ଏବଂ ଗେଜେଟର ଆକାରକୁ ପ୍ରତି ଦୃଷ୍ଟି ରଖି କାର୍ଯ୍ୟ କରନ୍ତେ ତେବେ ଅନର୍ଥକ ଯେତେ ସ୍ଥାନ ନଷ୍ଟ ହେଉଅଛି ତେତିକରେ ଅନ୍ୟାନ୍ୟ ପ୍ରୟୋଜନୀୟବିଷୟ ପ୍ରକାଶ ହୋଇ ପାରନ୍ତା ସୁତରାଂ ବ୍ୟୟ ବୃଦ୍ଧି ହେବାର ଅନୁମାନ ହେଉ ନାହିଁ । ସଂକ୍ଷେପରେ ଗେଜେଟର ଉନ୍ନତି ଗେଜେଟପ୍ରକାଶକଙ୍କ ଉପରେ ଅଧିକାଂଶ ନିର୍ଭର କରେ ଏବଂ, କମିଶନର ସାହେବଙ୍କର ତହିଁପ୍ରତି ଦୃଷ୍ଟି ରଖିବା ଉଚିତ । କେବଳ କାର୍ଯ୍ୟ ଖାଲିର ବିଜ୍ଞାପନ ଦିଆଗଲେ ଗେଜେଟର ଆଦର ବଢ଼ିବ ଏ କଥା ଆମ୍ଭମାନଙ୍କ ମନକୁ ଗଲା ନାହିଁ ଗେଜେଟର ଗ୍ରାହକ ବୃଦ୍ଧି ନ ହେଲେ ବିଜ୍ଞାପନର ଅଧିକ ପ୍ରଚାର ହେବ ନାହିଁ ଏବଂ ଉମେଦବାରମାନେ ଗେଜେଟର ଗ୍ରାହକ ହେବେ ଏପରି ଆଶା କରିବା ବୃଥା ।

ପରିଶେଷରେ ଆମ୍ଭମାନଙ୍କର ବକ୍ତବ୍ୟ ଏହିକି ଗେଜେଟରେ ପ୍ରୟୋଜନୀୟ ବିଷୟ ପ୍ରକାଶ ହେବା ଯେମନ୍ତ ବାଞ୍ଛନୀୟ ତହିଁର ଭାଷା ସର୍ବସାଧାରଣଙ୍କ ବୋଧଗମ୍ୟ ହେବା ତେମନ୍ତ ଅଟଇ । ବର୍ତ୍ତମାନ ଯେପରି ସାଧୁଭାଷାରେ ଗେଜେଟ ପ୍ରକାଶିତ ହେଉଅଛି ତାହା ମୋକ୍ଷମୂଲ ଲେଖକର ବୁଝିବାର ଚେଷ୍ଟିବ ଆଉ ସମୟରେ କଦରବାସି ଶିକ୍ଷିତଲୋକେ ବ୍ୟସ୍ତ ହେବାର ଦେଖାଯାଉଅଛି ।

---

# ସାପ୍ତାହିକ ସମ୍ବାଦ ।

## କଲିକତା-ଗେଜେଟ ।

ଦୁଇଟିଗଡ଼ ଜିଲାରେ ଡବଲ ମାଜିଷ୍ଟ୍ରେଟ ଓ ଡେପୁଟୀକଲେକ୍ଟର ମିଃ ଏଚ୍, ଏମ୍, ହାମିଲ୍ଟନ ଅନ୍ୟଙ୍କଉପଣ୍ଡିତ ଗଣତଭର ମାଜିଷ୍ଟ୍ରେଟ ଓ କଲେକ୍ଟର ପଦରେ ନିଯୁକ୍ତ ହୋଇଅଛନ୍ତି ।

ବାଲେଶ୍ୱର ସବ୍‌ଡେପୁଟି କଲେକ୍ଟର ବାବୁ ଅମୃତଲାଲ ଗୁପ୍ତ ଏକମାସର ଛୁଟୀପ୍ରାପ୍ତ ହୋଇଅଛନ୍ତି ।

ଓଡ଼ିଶାର କମିଶନର୍‌ଙ୍କର ମିଃ ଡବଲ୍ୟୁ ଏଚ ଟମ୍ପ୍ଲ ସାହେବର ମାଜିଷ୍ଟ୍ରେଟ ଓ କଲେକ୍ଟର ପଦରେ ନିଯୁକ୍ତ ହୋଇଅଛନ୍ତି ।

ବାଲେଶ୍ୱରର ମୁନସଫ ବାବୁ ବଧୁଭୂଷଣଚକ୍ରବର୍ତ୍ତୀ ତିନି ଦିନ୍ତାର ଅଧିକା ଛୁଟୀ ଗ୍ରହଣ କରିଅଛନ୍ତି ।

ବ୍ରାହ୍ମଣୀ ବୈତରଣୀ ବିଭାଗର ଏଃ ଇଞ୍ଜିନିୟର ମିଃ ଓ, ଏସ, ଗ୍ରିଷ୍ଟ ଦୁଇମାସ ଏକୋଇଶ ଦିବସର ଅନୁଗ୍ରହ ଛୁଟୀ ପ୍ରାପ୍ତ ହୋଇଅଛନ୍ତି ।

ଅଶିକ୍ଷାଣ୍ଡ ସର୍ଜନ ଜନାର୍ଦ୍ଦନ ଦାସ ସୁଦ ତୃଟି ଦୂର ସାଦାସର ଡାକ୍ତରଖାନାର ପଦରେ ବହୁକାଳପର୍ଯ୍ୟନ୍ତ ନିଯୁକ୍ତ ହେଲେ ।

ହାଇକୋର୍ଟର ଅନୁଜ୍ଞାନୁସାରେ ପୁରୀ ମୁନସଫ୍‌ଙ୍କର ସ୍ନାନଯାତ୍ରାଉପଲକ୍ଷରେ ଉକ୍ତ ମାସର ତା ୩୦ ରଖ ଦିବସ ବନ୍ଦ ରହିବ ।

ସାଜପୁର ଲୋକାଲବୋର୍ଡର ଭାଇସ ବାବୁ ସୁଧାଂଶୁର ଛୁଟିର ପ୍ରୟୋଗ ପ୍ରଦାନ କରିବାରୁ ଏଃ ଇଞ୍ଜିନିୟର ବାବୁ ଅଭୟାପ୍ରସାଦ ସରକାର ଉକ୍ତ ଲୋକାଲବୋର୍ଡର ସଭାପତିରେ ନିଯୁକ୍ତ ହୋଇଅଛନ୍ତି ।

---

ଜନରବ ଉଠିଅଛି ଯେ ଭାରତବର୍ଷରେ ଶିକ୍ଷିତ ଯୁବକମାନେ କୌଣସି ଲେଜେଟେଡ୍ ଅର୍ଥାତ ସ୍ୱାଧୀନକାର୍ଯ୍ୟରେ ପ୍ରତିଯୋଗିତା କରିବାକୁ ସକ୍ଷମ ହେବେ ନାହିଁ ।

ଭୂତନଗରର ମହାରାଜା ଦଶହଜାର ଟଙ୍କା ଦାନ କରିଅଛନ୍ତି । ଜାମ୍ବୁଳି ଦସ୍ତରଖାନ୍ତି-ଅନ୍ତର ତାକୁର ଉପାଧି ତାଙ୍କୁ ପ୍ରଦାନ କରିଅଛନ୍ତି ।

ମାନ୍ଦ୍ରାଜଠାରେ ଦୁଇଜଣ ସରକାରୀ ଓକିଲ ସରକାରୀ ଚାକରିରେ ପ୍ରାର୍ଥୀ ହେବାର ଇଚ୍ଛା ପ୍ରକାଶ କରିବାରେ ମାନ୍ଦ୍ରାଜ ଗଭର୍ଣ୍ଣମେଣ୍ଟ ସେମାନଙ୍କୁ ଅଧ୍ୟବସାୟ ପ୍ରଦାନ କରି ହାଇକୋର୍ଟ ନିୟମାନୁସାରେ ପ୍ରାର୍ଥୀ ହୋଇ ପାରିବେ ନାହିଁ ବୋଲି ପ୍ରକାଶ କଲେ ତେଣୁ ଜଣେ ଓକିଲ ଓକାଲତି ତ୍ୟାଗ କରି ଡେପୁଟି କଲେକ୍ଟରୀ ପଦ ନିମନ୍ତେ ପ୍ରାର୍ଥୀ ହୋଇଅଛନ୍ତି । ଏମନ୍ତ ଅବସ୍ଥାରେ ସ୍ୱାର୍ଥ ତ୍ୟାଗ ଦେଖିଲେ ଆଶ୍ଚର୍ଯ୍ୟ ଲାଗୁଅଛି ।

ଶ୍ରୀଯୁକ୍ତ ଗଙ୍ଗାପ୍ରସାଦ ବନ୍ଦ୍ୟୋପାଧ୍ୟାୟ ଏପର୍ଯ୍ୟନ୍ତ ସ୍ଥିର ହୋଇ ନାହିଁ ।

ଜଣେ ଲୋକ ହେଉଁ ବା ଅଧିକ ବର୍ଷପର୍ଯ୍ୟନ୍ତ କ୍ରମାଗତ ପରୀକ୍ଷା କାର୍ଯ୍ୟ କରୁଥିଲା । ଶେଷରେ ତାହାର କୌଣସି ବେଗମ ଉପସ୍ଥିତ ହେଲା ଡାକ୍ତରମାନେ ମତଦେଲେ ଯେ ଏହାର ନିଦ୍ରା ହେଲେ ପୀଡ଼ା ଆରାମ ହେବ କିନ୍ତୁ କୌଣସି ଔଷଧରେ ନିଦ୍ରା ହେଲା ନାହିଁ । ଅବଶେଷରେ ବେଶୀ କହୁଣ ଲୋକେ ପଡ଼ୋଶୀ ଏବଂ ଯୌବନ ଆଳିଙ୍ଗନାଦ୍ଭୁତରେ ତାହାର ନିଦ୍ରାରହିତ ବେଳ ସେ ପ୍ରାୟ ବାଇଶଦିନପର୍ଯ୍ୟନ୍ତ ଜୀବନ ଧରିଥିଲା ।

ଶ୍ୟାମଦେଶରେ ଗୋଳମାଳ ଉପସ୍ଥିତ ହୋଇଅଛି, ଶ୍ୟାମ ଦେଶୀୟମାନେ ଫରାସି ସୈନ୍ୟମାନଙ୍କ ଅନେକ ଜଣ ଜଣେ ଫରାସି କର୍ମଚାରୀଙ୍କୁ ଧରିନେଇ ଅଛନ୍ତି । ଫରାସିମାନେ ଶ୍ୟାମଦେଶୀୟଙ୍କୁ ଦମନ କରୁଅଛନ୍ତି ବୋଲି କଥିତ ହେଉଅଛି ।

ସ୍କଟଲାଣ୍ଡବାସୀର ପ୍ରତିନିଧିମାନେ ବାବୁ ଅମୃତଲାଲଙ୍କର ଉଚ୍ଚପଦରେ ନିଯୁକ୍ତ ହେବାରେ ସନ୍ତୋଷ ପ୍ରକାଶ କରୁଅଛନ୍ତି ଓ ପାର୍ଲାମେଣ୍ଟର ପ୍ରତିନିଧିମାନେ ଭାରତୀୟ ମହାସଭାକୁ ଧନ୍ୟବାଦ ଦେଇଅଛନ୍ତି ।

ସମ୍ବାଦପତ୍ରରେ ଲେଖାଅଛି ଯେ ବେଲଜିୟମର ଲୋକମାନେ ଦଙ୍ଗା ଓ ଉତ୍ପାତ କରିବାରେ ଅଧିକ ସେମାନଙ୍କୁ ଦମନ କରିବାନିମନ୍ତେ ସୈନ୍ୟ ଓ ପୋଲିସ ନିୟୋଜିତ ହୋଇଅଛନ୍ତି ଲୋକମାନଙ୍କୁ କହୁଅଛି

ନଗରର ଉଠିଲ କଟେ କଲ୍ଲୁ ପାହନ୍ତି କାଳ ହେଉ ସେମାନଙ୍କ ଶୋଣ ପାଇବା ଉଠନହୋଇ ଅଛି । କେଉଁଥିରେ ଗଭର୍ଣ୍ଣମେଣ୍ଟଙ୍କ ସେହି ନଗରବାଡ଼ର ଚାର ଭାଗ ଦୂର କରେ କାର୍ପେଟର ଓ ଦୁର୍ଭିକ୍ଷର କର୍ମଚାରୀ ଅଛନ୍ତି ।

ଭାରତବର୍ଷର ଜଣେ ଯୁବକ ଲଣ୍ଡନରେ ଫିଚ ବାର୍ଡ ଉତ୍ତମ ରେକେଟ ଖେଳ କରିଅଛନ୍ତି ।

ଓଳନ୍ଦାଜ । ଅଙ୍କଧାର ପୃଥିବୀରେ ୪୯୬୪ ବର୍ଷ ପୁରୁଣା ପତ୍ର ଚଳୁଅଛି; ଏହା ମାର୍କିନରେ ସନ ୧୬୫୯ ଖ୍ରୀ । ଏହାକାଳୁ ପରେ ମାର୍କିନରେ ଏତେ କେତେ ସମ୍ବାଦପତ୍ର ଛପା, ଏଠାରେ ସମ୍ବାଦ ପତ୍ରମାନ ତବେ ସନ ୧୮୪୦ ଖ୍ରୀ । ଜାପାନ ଲୋକ ପରେ "ଥ" ହେଲାରୁ ଠିକ । ଏହିଠାରୁ ବାଦଶାହାରେ ପ୍ରକାଶିତ ହୁଅନ୍ତି ପେକ ଗେଜେଟ ଅଛନ୍ତି । ଚୀନର 'ପିକିନ ଗେଜେଟ' ପୃଥିବୀର ସର୍ବ ପୁରାତନ ପତ୍ର । ଏହି ଗେଜେଟ ୯୧୧ ଖ୍ରୀଷ୍ଟାବ୍ଦରେ ପ୍ରଚଳିତ ହୋଇଥିଲା । ବର୍ତ୍ତମାନ ଖ୍ରୀଷ୍ଟାବ୍ଦ ୧୮୯୩; ସୁତରାଂ 'ପିକିନ ଗେଜେଟର' ବର୍ତ୍ତମାନ ବୟସ ୯୮୨ ବର୍ଷ ହୋଇଅଛି । ଅଦ୍ୟାପି ଏ ଗେଜେଟ ଯଥାସମୟରେ ଚଳୁଅଛି । ବହୁ ରଙ୍ଗରେ ଛପା ହୁଏ । ଗ୍ରାହକ-ସଂଖ୍ୟା ଦଶହଜାରରୁ ଅଧିକ ନୁହେଁ ପୃଥିବୀର ସମସ୍ତ ସମ୍ବାଦ ଉତ୍ତମରୂପେ ପ୍ରକାଶିତ ହୁଏ । ଚୀନଦେଶରେ ମୁଦ୍ରା ଏହାର ଅଭାବ ନାହିଁ । ଉଚିତ ଏ ମାର୍ଗରେ ବର୍ତ୍ତମାନ ଠେଲି ନିଷ୍ପତ୍ତି କରି ପାରି ନାହିଁ । ଏହଣ ସମ୍ବାଦପତ୍ରରେ ଉଇଠେ ସମସ୍ତ ଗ୍ରାମରେ ପଢ଼ନ୍ତି, ଜନତା ଏହି ଲୋକ ଏ ପ୍ରଧାନ ଦପ୍ତରଖାନା ।

ଭାରତବର୍ଷ ବଙ୍ଗଳାରେ ଆଖି ଏକକୋଟି ଟଙ୍କାର ଆଦିକେଲଠେଲ ଅବଧାନ ହୋଇପାର ।

## ଯାଜପୁର-ସମ୍ବାଦ ।

ଅତ୍ର ସବ୍‌ଡିଭିଜନ ଉଦଳା ସରକାରୀ ଗ୍ରାମ୍ୟ ତଳାବବୃନ୍ଦନାଥ ଦେ ବାହାଦୁରଙ୍କର ପାଣିକୋଇଲି ଉପସ୍ଥିତରେ ସହରରେ ଉକ୍ତ ବାବୁମାନେ ପ୍ରବେଶ କରି ଭକ୍ତ ଉଦ୍ଦେଶ୍ୟରେ ତା ୧୫ ଶ ଲୋକଙ୍କୁ ଅସାର କରି ଉତ୍ତରଦିଗ ସ୍ୱର୍ଗ ଟଙ୍କା ୫ ୪୦୪ କା ଦେଇ ଯାଇଅଛନ୍ତି ବର୍ତ୍ତମାନ ଉକ୍ତ ମହାନ୍ତିଙ୍କୁ ଧର୍ମଶାଳ ନିର୍ମାଣ ଏବଂ ଉଃ ଓ ଏଠାରେ ଉନ୍ନତିକର ବାବୁ ଉଦାରଣ କରୁଅଛନ୍ତି ଏଥିର ଫଳ ପରେ ପ୍ରକାଶ କରିବୁଁ ।

ଝଙ୍କାରପୁର ଡାକଘରର ଯେଉଁ ଦୁଇଜଣ ପିଅନ ମନିଅର୍ଡର ଟଙ୍କା ଆତ୍ମସାତ୍ କରିଥିଲେ । ଶ୍ରୀଯୁକ୍ତ ସବ୍‌ଡିଃ ମାଜିଷ୍ଟ୍ରେଟ ସେମାନଙ୍କୁ ଦୌରା ସୁପର୍ଦ୍ଦ କରିଅଛନ୍ତି ।

ଗତ ଦ ମେ ମାସ ତା ୧୮ ରଖଠାରୁ ଏଠା ଇଂରାଜୀସ୍କୁଲ ଗ୍ରୀଷ୍ମାବକାଶ ନିମନ୍ତେ ଏକମାସ ବନ୍ଦ ହୋଇଅଛି ।

ବର୍ଷା ହେବାରୁ ବୈଶାଖମାସ ଶେଷପର୍ଯ୍ୟନ୍ତ ଗ୍ରୀଷ୍ମଋତୁର ଉତ୍ତାପ ନ ଥିଲା ଜ୍ୟେଷ୍ଠମାସ ଆରମ୍ଭରୁ ଅଳ୍ପ ଗ୍ରୀଷ୍ମ ଅନୁଭୂତ ହୋଇ ଅନେକୁ ଦ ୩୪ ଦ ହେବ ପରେ ଅସହ୍ୟ ଗ୍ରୀଷ୍ମ ହେଉଅଛି ।

ଏ ବର୍ଷ ଅତ୍ର ଅଞ୍ଚଳରେ କଣ୍ଟାକୁଟ ଆମ୍ବ ହୋଇ ନ ଥିବାରୁ ପାଞ୍ଚୋଟିଏ ମିଳୁ ନାହିଁ, ତୁଲନ୍ତୁ ଯେ ଆମ୍ବ ଅଛି ଅଧିକ ମୂଲ୍ୟରେ ବିକ୍ରି ହେଉଥିବାରୁ ସର୍ବସାଧାରଣଙ୍କ ଏଥିପାଇଁ ବିଶେଷ କଷ୍ଟ ହେଉଅଛି ।

ଉତ୍ତରକୋଇଲିକାଳିର ଏକଜିଷ୍ଟ ସାଇରୁର ସବ୍‌ଡିଭିଜନ ଗ୍ରାମ ଦଶେଷ ଲୋକଙ୍କୁ ପଢ଼ି ଛି । ଗତମାସରେ ମୁଖିଆ ଅଳ୍ପଦିନେ ଅଶାଂପୋଷ୍ଟ ପରେ ୧୯ ଏକଜଣ ଉତ୍ତମାଧୀନରେ ଆସି ହୋଇଅଛି ।

Digitized by srujanika@gmail.com

ଅସ୍ମାକଙ୍କର ଶ୍ରୀଯୁକ୍ତ ସବ ଜଜ୍ ମାଜିଷ୍ଟ୍ରେଟ ଅପ୍ରେଲ ମାସଠାରୁ ନୂତନ କାର୍ଯ୍ୟ ଭାର ଗ୍ରହଣ କରି ଏଥି ମଧ୍ୟରେ ସୁଇସ୍ରୋତ ଜନ୍ତୁ ଧ୍ୱଂସ କରି ପୂର୍ବୋକ୍ତ ନେ ମାସର ତା ୧୯ ଭଣ୍ଡାରୁ ଜନ୍ତୁରେ ବାହାର ହୋଇଅଛନ୍ତି ।

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଆମ୍ଭେମାନେ ଦାୟୀ ନୋହୁଁ ।

ଶ୍ରୀଲ ଶ୍ରୀଯୁକ୍ତ ଶ୍ରୀ ଉତ୍କଳଦୀପିକା ସମ୍ପାଦକ
ମହାଶୟ ସମୀପେଷୁ

ନିମ୍ନଲିଖିତ କେତେକ ପଂକ୍ତିକୁ ଆପଣଙ୍କ ପତ୍ରିକାରେ ସ୍ଥାନ ଦେଇ ବାଧିତ କରିବା ହେବେ ।

ଅଳ୍ପବିଶ୍ୱାସର ବଶୀଭୂତ ନ ହୋଇ ଶ୍ରୀ ବାବୁ ରାମନାରାୟଣଙ୍କୁ ଅଧୁନାତନ ତାଳ ଉତ୍କଳୀୟ କବିଗଣାଗ୍ରଗଣ୍ୟ ଉପେନ୍ଦ୍ରଭଞ୍ଜଙ୍କର ସମାଲୋଚନା କରୁଥିବାର ଦେଖି ଓ ଶୁଣି ବଡ଼ ଅହ୍ଲାଦିତ ହୋଇଅଛୁଁ । ମାତ୍ର ଦୁଃଖର ବିଷୟ ଏହି ଯେ ନାନାଦି କାରଣରୁ ଉକ୍ତ ସମାଲୋଚନା ଆମୂଳ ପାଠ କରି ପାରୁଁ ନାହୁଁ । ଗତ ୯ ମ ସଂଖ୍ୟା ଉତ୍କଳ-ପ୍ରଭାରେ ପ୍ରକାଶିତ ହୋଇଥିବା ସମାଲୋଚନାର ଅଂଶ ଦେଖି ଆମ୍ଭର କେତେକ ସନ୍ଦେହ ହୋଇଅଛି । ଆଶା କରୁଁ ରାମନାରାୟଣ ବାବୁ ଅନୁଗ୍ରହ କରି ତାହା ଭଙ୍ଗି ଦେବେ ଏବଂ ସେ ନଚେତ୍ ନିରପେକ୍ଷ ଉଦାରଚେତା ସମାଲୋଚକ ନୁହନ୍ତି ବୋଲି ଯେ ଆଶଙ୍କା ହେଉଅଛି ତାହା ଅଚିରେ ଦୂର କରି ବାଧିତ କରିବେ ।

ଉପେନ୍ଦ୍ରଭଞ୍ଜଙ୍କ କବିତାରେ ଯେ ଦୋଷ ନାହିଁ ତାହା କେହି କହୁଥାଉନ ନାହିଁ । ତାଙ୍କର ସମୁଦାୟ କବିତାର ସମାଲୋଚନା କରିବା ଆମ୍ଭର ଉଦ୍ଦେଶ୍ୟ ନୁହେ । କେବଳ ୯ ମ ସଂଖ୍ୟା ସ୍ଥଳରେ ଉଦ୍ଧୃତ ବାକ୍ୟମାନ ଆମ୍ଭର ଆଲୋଚ୍ୟ, କାରଣ ଉତ୍କଳ-ସାହିତ୍ୟ-ଉଦ୍ୟାନରେ ଅମ୍ଭେ ସଦାବିହାରୀ ଭ୍ରମର ବା ପାରିଜାତ ଯୋଗ୍ୟ ନୋହୁଁ । କେବେ ପଦେ ପଦେ ଯାହା ଦେଖିଛୁ ବା ଶୁଣିଛୁ ତାହାର କହୁଛୁ । ରାମନାରାୟଣଙ୍କ ଓ ଉପେନ୍ଦ୍ରଭଞ୍ଜଙ୍କ ନିନ୍ଦା ବା ପ୍ରଶଂସା କରିବା ଆମ୍ଭର ଉଦ୍ଦେଶ୍ୟ ନୁହେ । କେବଳ ସନ୍ଦେହ ଭଞ୍ଜନଇ ମୁଖ୍ୟ ଉଦ୍ଦେଶ୍ୟ ।

ଏକପକ୍ଷରେ ସ୍ତ୍ରୀଲିଙ୍ଗ ସୂଚିତ ଶବ୍ଦ ବିଶେଷ ବ୍ୟବହାର କରିବାରେ କବିଙ୍କ ଉଦ୍ଦେଶ୍ୟ ଥିଲା ତାହା କେବଳ ଶ୍ଳେଷ ଶବ୍ଦମାନଙ୍କ ସାହାଯ୍ୟ ବିନା ଅନ୍ୟ ଉପାୟରେ ଜାଣିବା ସମ୍ଭବ ନୁହେ । ଅପରପକ୍ଷରେ ସଂସ୍କୃତ ଓ ଅଭିଧାନରେ ଶବ୍ଦମାନ ଏକ ବିଶେଷ ଅର୍ଥରେ ସର୍ବତ୍ର ଓ ସର୍ବଦା ବ୍ୟବହୃତ ହୁଅନ୍ତି । ସାହିତ୍ୟରେ ସେପରି ବ୍ୟବହାର ଅତି ବିରଳ ଦେଖାଯାଏ । କାବ୍ୟାଦିରେ ଏକ ଶବ୍ଦ ଭିନ୍ନ ଅର୍ଥରେ ବ୍ୟବହୃତ ହୋଇଥାଏ । ସଂସ୍କୃତ ଓ ଅଭିଧାନରେ ସେପରି ହେବା ସମ୍ଭବ ନ ଥିଲେହେଁ, କାବ୍ୟାଦି କଥା ଗଣିବ ଆଉ, ସଂସ୍କୃତ ଓ ଅଭିଧାନର ପ୍ରକୃତ ଅର୍ଥର ବ୍ୟାଖ୍ୟା ପାଇଁ ଟୀକା ଟିପ୍ପଣୀର ଅଭାବ ନାହିଁ । ତହିଁରେ ପୁଣି କବିମାନେ ପାଠକମାନଙ୍କ ଅନୁମାନ ଓ ଆଶୟ ଉପରେ ନିର୍ଭର କରି କବିତା ଲେଖି ଥାନ୍ତି । ଏପରି ସ୍ଥଳରେ ରାମନାରାୟଣବାବୁ ଉଦ୍ଧୃତ ଅଂଶମାନଙ୍କର ଯେଉଁ ବ୍ୟାଖ୍ୟା ଦେଇ ଅଛନ୍ତି ତାହା ଗ୍ରନ୍ଥାନ୍ତର ପ୍ରତିପନ୍ନ କରାଯାଇ ପାରେ କି ନା ତାହା ଦେଖା ଯାଉ । ସେ ନିମ୍ନଲିଖିତ ଉଦ୍ଧୃତାଂଶକୁ ଆଦିରସ ଘଟିତ ହେବାରୁ ଅଶ୍ଳୀଳ ଓ ଅପାଠ୍ୟ ବୋଲି କହନ୍ତି ।

"ବେଦନା ସହ ନୋହେ + + + + ।
କମ୍ପି ସେ ବଡ଼ ଉଦ୍ୟାନ ବୃକ୍ଷରେ ।
ଲଭିଲେ ବିଚ୍ଛେଦଭୟରୁ ବେଳ ।
ବିରହାନଳ ହେଉଥିବ ତାଳ,
ବସି ଏକା ଗଛି । ବହୁଥିବ ନିଜ ପ୍ରୀତିଲଲସା"

ଯାହା କହୁଥାନ୍ତି, ପକ୍ଷସହାୟ କହି ହୋଇଅଛନ୍ତି, ଦୁଃଖ ମଙ୍ଗଳକର ନୁହନ୍ତି, ବିଚ୍ଛେଦଭୟକୁ ଘର ଛାଡ଼ି ବଣକୁ ଆସିବା କଥାମାନ ରାମଚନ୍ଦ୍ରଙ୍କର କହିବା ଦୂଷଣୀୟ ପରି ବୋଧ ହେଉ ନାହିଁ । "ବିରହାନଳ ହେଉଥିବ ତାଳ" ଓ "ପ୍ରୀତିଲଲସା" ଏହି ଶବ୍ଦ ବିନ୍ୟାସ କରିବାରୁ ବାବୁ ସାହେବ ଉଦ୍ଧୃତାଂଶକୁ ଏତେଦୂର ଅଶ୍ଳୀଳ ମନେ କରି ଅଛନ୍ତି, କିନ୍ତୁ ଏଥିରେ ଯେ କେବଳ କାମୁକତା ଓ ଅଦ୍ଭୁତ ପ୍ରକଟିତ ହେଉଅଛି ତାହା ଆମ୍ଭର ସ୍ଥୂଳବୁଦ୍ଧିକି ଦିଶୁ ନାହିଁ । "ରତି" ଓ "ପ୍ରୀତି" ଶବ୍ଦଦ୍ୱୟକୁ ଯଦି ରାମନାରାୟଣ ବାବୁ କେବଳ ଯେଉଁଠାରେ ପାପକଳୁଷ ଅଛି ସେହିଠାରେ ବ୍ୟବହୃତ ହୁଏ ବୋଲି ଜାଣିଥାନ୍ତି ତେବେ ଏହା ବଡ଼ ଅନ୍ୟାୟ ଓ ଦୁଃଖର ବିଷୟ ବୋଲି କହିବାକୁ ହେବ । କବିକଙ୍କଣଙ୍କେ ମଧ୍ୟ "ରତି" ଶବ୍ଦର ପ୍ରୟୋଗ ଥିବାର ଦେଖାଯାଏ । "ରତି" କେବଳ ସ୍ତ୍ରୀ ଓ ସ୍ୱାମିର ସଙ୍ଗେ ଦେହକୁ ବୁଝାଏ ନାହିଁ । ସମାଲୋଚକ ମହାଶୟ କି କେବେ ମେଦିନୀ, ବିଶ୍ୱ, ଅମର, ଶବ୍ଦଚିନ୍ତାମଣି ପ୍ରଭୃତି ଗ୍ରନ୍ଥମାନ ଫିଟାଇ ଓଲଟାଇ ଦେଖି ନାହାନ୍ତି ? ବିଶେଷତଃ ଶବ୍ଦଚିନ୍ତାମଣିର ଦ୍ୱିତୀୟ ଖଣ୍ଡରେ "ପ୍ରୀତି" ଶବ୍ଦର କେତେ ଅର୍ଥ ଏବଂ କିପରି ସଂବଳିତ ହୁଏ ତାହା ବିସ୍ତୃତ ରୂପେ ଦେଖାଇ ଦିଆ ହୋଇଅଛି । ଥରେ ଦେଖିଥିଲେ ରାମନାରାୟଣ ବାବୁ ଆଜ "ପ୍ରୀତି" କି ପାପବାସନା-ସୂଚକ ବ୍ୟଞ୍ଜକ ବୋଲି କହିବାକୁ ଇଚ୍ଛା କରି ନ ଥାନ୍ତେ ସେ ଗ୍ରନ୍ଥରୁ ପ୍ରକାଶ ଯେ "ପ୍ରୀତି" ଶବ୍ଦ ବିଶୁଦ୍ଧ ପବିତ୍ରଭାବରେ ପ୍ରୟୋଗ କରା ହୋଇ ଥାଏ । "ପ୍ରୀତି" କି ଇଂରାଜୀ Love. ଶବ୍ଦର ପ୍ରତିଶବ୍ଦ ବୋଲି ବୁଝାଯାଇ ପାରେ । "ବିରହାନଳ ହେଉଥିବ ତାଳ । ବସି ଏକା ଗଛି-ବହୁଥିବ ନିଜ ପ୍ରୀତିଲଲସା" ଏହିକଥାମାନ ଯେଉଁଠାରେ ଦାମ୍ପତ୍ୟ ପ୍ରଣୟ ନାହିଁ ସେଠାରେ ପ୍ରୟୋଜିତ ହୋଇ ପାରେ । ବୋଧ ହୁଏ ଅମ୍ଭମାନଙ୍କ ଅଧିକାଂଶମାନଙ୍କର ଅବସ୍ଥା ଯେପରି ତହିଁରେ ରାମନାରାୟଣବାବୁ ଏକ ଜଣ ସ୍ତ୍ରୀ ଓ ଏକ ଜଣ ପୁରୁଷ ମଧ୍ୟରେ କେବଳ ଦୂର ନିଷ୍କାମ ଓ ପବିତ୍ର ବନ୍ଧୁତା ହୋଇ ପାରେ ତାହା ଅନୁମାନ କରି ପାରିବେ କି ନା ଆମ୍ଭର ସନ୍ଦେହ । ଯଦି ଏହିଭାବରେ ଉପରୋକ୍ତ ଉଦ୍ଧୃତାଂଶକୁ ଦେଖାଯାଏ ତାହା ହେଲେ ରାମଚନ୍ଦ୍ରଙ୍କର ସେପରି କହିବା ଦୂଷଣୀୟ ବୋଲି ଦେଖାଯାଉ ନାହିଁ । ତାରପର କବି ଅପଣାକୁ ଅଗସ୍ତ୍ୟ ଓ ମାର୍କଣ୍ଡେୟ ମୁନିଙ୍କ ପରି ସନ୍ନ୍ୟାସୀ ହେଲାପରି ମନେ କରି ଅଛନ୍ତି ଯେ ସର୍ବ ପାଣ୍ଡବସହିତ କଷ୍ଟକଟେଣୀ ମୁନିମାନେ ରାମନାରାୟଣ ବାବୁଙ୍କ ପରି "ପ୍ରୀତି ଓ ରତି" ଶବ୍ଦଦ୍ୱୟକୁ ପାପବାସନାବ୍ୟଞ୍ଜକ ବୋଲି ଗ୍ରହଣ କରିବେ ନାହିଁ । ଅମ୍ଭମତରେ ଉଦ୍ଧୃତାଂଶର ଏହି ଅର୍ଥ ହୋଇପାରେ । ସୀତା ସତୀ, ସ୍ୱାମୀ ଅର୍ଥାତ୍ ରାମଚନ୍ଦ୍ର ତାଙ୍କର ଏକମାତ୍ର ପ୍ରାଣ ଓ ପ୍ରୀତି ଅର୍ଥାତ୍ ସୁଖ ବା ସନ୍ତୋଷର ଏକମାତ୍ର-ଆଧାର ବା ପାତ୍ର ଅଟନ୍ତି, ବିଚ୍ଛେଦ ହେବୁ ତାଙ୍କର ବଡ଼ କଷ୍ଟ ହେଉଥିବ; ରାମଚନ୍ଦ୍ର କହୁଅଛନ୍ତି ମୁଁ ଯାହାର ଏକମାତ୍ର ପ୍ରାଣ ଓ ସୁଖର ସ୍ଥାନ ସେ ମୋ ବିନା କଷ୍ଟ ଥିବ ନିଶ୍ଚୟ? ଏପରି ଅର୍ଥ କରିବାରେ ଅମ୍ଭର ଭ୍ରମ ଥିଲେ ରାମନାରାୟଣବାବୁ ତାହା ସଂଶୋଧନ କରି ବାଧିତ କରିବେ ।

Split by PDF Splitter
Digitized by srujanika@gmail.com

"ଦୂଷଣ ବଦାର ତଣ୍ଡୁ ଶୁଣ ସେ ଭଳି
"ସଲ୍ଲଭମନ୍ଦ ଦେଖାଇ ବାଣେ ବେଢ଼ୁ ଧୂନ।"

ସମନାସ୍ୱପ୍ନଣବାବୁଙ୍କ ମତରେ ଏହା ସ୍ୱରୁଚିବ୍ୟଞ୍ଜକ ନୁହେ। ବୋଧ ହୁଏ ତାଙ୍କର ଦୃଷ୍ଟି "ଦୂଷଣ" ଛଡ଼ି ଅନ୍ୟ ଅଡ଼କୁ ଯାଇ ନାହିଁ ଚଳନ୍ତିପଦଟି ଟିକିଏ ଗ୍ରହଣୀୟ ଉଚିତ ଥିଲା ସେ ବୋଧ ହୁଏ ଯାଣିପାରୁ ନାହାନ୍ତି ସେ କବ ବାଲରପ୍ରକୃତିର ପ୍ରକୃତ ଛବି ଅଙ୍କନ କରିବାରେ ପ୍ରବୃତ୍ତ ହୋଇଅଛନ୍ତି । ପ୍ରକୃତିର ଅଙ୍କନ କଲା ତାହା ଜନସାଧାରଣଙ୍କ ଦୃଷ୍ଟିର ସମ୍ମୁଖରେ ରଖିବା ପାଇଁ କବି ଯେତେଦୂର ପ୍ରୟାସୀ ହୋଇଅଛନ୍ତି ତାହା ତାଙ୍କ ଶବ୍ଦବିନ୍ୟାସରୁ ପ୍ରକାଶ ହେଉଅଛି। ଯେତେବେ ଅନ୍ୟ କୌଣସି ବାନରପ୍ରକୃତିର ଛବି କବି ଦେଖାଇ ପାରିଆନ୍ତେ ତ ତାହା ଉଦ୍ଧୃତ କେବଳ ଦୁଇ ପଂକ୍ତିରୁ ବିବେଚିତ ହୋଇପାରେ ନାହିଁ ପର ଓ ପୂର୍ବ ଅଂଶମାନ ଉଦ୍ଧୃତ କରିଥିଲେ ଅମ୍ଭେମାନେ ତାହା ବିବେଚନା କରୁ ପାରନ୍ତୁ ସମନାସ୍ୱପ୍ନଣ ବାବୁ ଯେପରି ଭାବରେ ଉଦ୍ଧୃତ କରିଅଛନ୍ତି ସେଥିରୁ ପ୍ରକାଶ ଯେ କେବଳ "ଦୂଷଣ ବଦାରଣ" ଛବି ଦେଖାଇବା କବିଙ୍କର ଏକମାତ୍ର ଉଦ୍ଦେଶ୍ୟ ଥିଲା, ସେପରି କଥା ସମ୍ଭବ ହେଉ ନାହିଁ। ଅମ୍ଭ ମତରେ ସମନାସ୍ୱପ୍ନଣ ବାବୁ ସ୍ୱଇଅଡ଼କୁ ଟିକିଏ ଆଖି ବୁଲାଇଥିଲେ ଭଲ ହୋଇଥାନ୍ତା। ପ୍ରକୃତ କଥା ଅଙ୍କନ କରୁ ବା ଗୁରୁଚଣ୍ଡାଳଦୋଷର କଥା? ତାହା ହେଲେ ସମନାସ୍ୱପ୍ନଣବାବୁଙ୍କ ମତାନୁସାରେ ମିଲ୍ଟନ ସାହେବ ପାରାଡାଇଜଲସ୍ଟ ନାମକ କାବ୍ୟରେ ଆଦାମ ଓ ଇଭଙ୍କର ଛବି ଅଙ୍କିତ କରି ରୁଚିର ଶେଷ ସୀମା ଦେଖାଇ ଅଛନ୍ତି

"ଭଗ୍ନୀପୃଷ୍ଠେ ଉଦରୁ ତରଣି ପର।
କକ୍ଷୋତପରେ ଅଙ୍ଗ କଲା ଧର।
"କୋଳି ଦେଲେ ହନୁମାନ ଅଗ୍ନିର ମୂର୍ତ୍ତି
ବନ୍ଧୁ ଶାଖାରି କର୍ପା ଚଢ଼ିଲୁ ଭୁଜ॥

ଏଠାରେ ସୀତା ଯେ କକ୍ଷୋକ ଉପରେ ଅଙ୍ଗୁରୀୟ ସ୍ଥାପିତ କଲେ ଏବଂ ହନୁମାନ ଯେ ତାହା ବନ୍ଦରଙ୍କ ଉଦରୁ ତରଣି ସଙ୍ଗେ ତୁଳନା କଲେ, ଏହା ସମନାସ୍ୱପ୍ନଣ ବାବୁ ଦୂଷଣୀୟ ମନେ କରୁଅଛନ୍ତି। କିନ୍ତୁ ନିରପେକ୍ଷ ଓ ଭଣ୍ଡତ ଭାବରେ ଚିନ୍ତା କରି ଦେଖିଲେ ଏଥିରେ କିଛି ଦୋଷ ଥିଲା ପରି ବୋଧ ହେଉ ନାହିଁ। କକ୍ଷୋକତଳେ ଯେ ଦୁର୍ଦ୍ଦିଣ୍ଡିର ସ୍ଥିତି ତାହା ବୋଧ ହୁଏ ସାମାନ୍ୟ ସ୍ୱାସ୍ଥ୍ୟଇଚ୍ଛାରୁ ସମନାସ୍ୱପ୍ନଣ ବାବୁ ପଢ଼ିଥିବେ। ପ୍ରିୟବନ୍ଧୁ ହୃଦୟ ଉପରେ ନ୍ୟସ୍ତ କରିବା ସ୍ୱାଭାବିକ ହୋଇ ତାହାଙ୍କୁ ଅବଗତ ନାହିଁ ଏବଂ ଆଧୁନିକ ସଭ୍ୟସମାଜରେ ଫଟୋଗ୍ରାଫ ପ୍ରଭୃତି ଉତ୍ତିବା ପ୍ରକୃତ ହୋଇ ଯାଇବାର ଚିହ୍ନ ବୋଲି ପ୍ରକାଶ ହୋଇଥାଏ। ତେବେ ସ୍ୱମତିଜନ୍ୟ ଅଙ୍ଗୁଳୀୟକୁ କକ୍ଷୋକ ଉପରେ ନ ରଖି ଅନ୍ୟ ପ୍ରକାରରେ ସୀତା ଯେ ତାହାଙ୍କର ହୃଦୟର ସନ୍ନିକଟବର୍ତ୍ତୀ କରିଲ ପାରିଥାନ୍ତେ ତାହା ଆମ୍ଭେମାନେ ଦେଖି ପାରୁ ନାହୁଁ । ଏହା ସମାଲୋଚକ ମହାଶୟ ବର୍ଣ୍ଣାଇ ଦେଲେ ଉପକୃତ ହେବୁଁ।

ଏଠାରେ ବନ୍ଧ୍ୟଶୃଙ୍ଗକୁ କକ୍ଷୋକ ସଙ୍ଗେ ତୁଳନା କରିବାରେ କବିଙ୍କର କି ଉଦ୍ଦେଶ୍ୟ ଥିଲା ତାହା ଜାଣିବାକୁ ସମନାସ୍ୱପ୍ନଣବାବୁ ପ୍ରୟାସୀ ହୋଇ ନାହାନ୍ତି। ସେ ବୋଧ ହୁଏ ବାମୁକନଗ୍ଧରେ କେବଳ ଭଦ୍ରତାଭାବ ଦେଖିଅଛନ୍ତି, ମାତ୍ର ଅମ୍ଭର ସ୍ଥୂଳବୁଦ୍ଧିରେ ଏହି ଅନୁମାନ ହେଉଅଛି ଯେ ସୀତା ମୁଦ୍ରିକା ପାଇ ସ୍ୱାଭାବିକ ସାର୍ଦ୍ଧ ନିଶ୍ୱାସ ପକାଇବା ପର୍ଯ୍ୟନ୍ତ ଯେ କଷ୍ଟ ଚିନ୍ତା କରିଥିଲେ, ତାହାର ଛବି ଦେଖାଇବା କବିଙ୍କର ଉଦ୍ଦେଶ୍ୟ ଥିଲା। ପବିତ୍ର ଭାବ ନ ଥିଲେ ସେଠାରେ ସୂର୍ଯ୍ୟଦେବଙ୍କୁ ସଂଯୋଜିତ କରୁ ନ ଥାନ୍ତେ। କାରଣ ପୂର୍ବେ ସୂର୍ଯ୍ୟ ଏକ ପ୍ରଧାନ ଆରାଧ୍ୟ ଦେବତା ବୋଲି ସମସ୍ତଙ୍କଠାରେ ପରିଗଣିତ ହେଉଥିଲେ। ବର୍ତ୍ତମାନ ଉତ୍କଳ ଏବଂ ଜଗତ୍ପଣ୍ଡିତ ଜାଣ ଯେତେବେଳେ ତାହାର ମନରେ ନ ଥିଲା। ସୁତରାଂ ଦତ୍ତ ମୁଦ୍ରିକାକୁ ହନୁମାନ ସୂର୍ଯ୍ୟପର ଆରାଧ୍ୟ ମନେ କରୁଥିଲେ ବୋଲି କବି ବର୍ଣ୍ଣନା କରିଅଛନ୍ତି। ଅନ୍ୟଗିର ସହିତରେ ସୂର୍ଯ୍ୟଙ୍କୁ ସଂଯୋଜିତ କରିବାରେ କିଛି ଗୁଢ଼ ଉଦ୍ଦେଶ୍ୟ ଅଛି, ତାହା ବୋଧହୁଏ ସାହିତ୍ୟ-ଜ୍ଞାନ-ଲୋକମାନଙ୍କୁ ଗୋଚର ଥିବ।

ବାଜର ବାଜରେ ଶାଳଗ୍ରାମ।
ଦଳଇ ଦଳଇ ନେଲ ପ୍ରାଣ।

୧୬।୫।୯୮ } ଗୋଲୋକ ପୁର }  ଅପରାଜିତ ବନ୍ଧୁକ ଗୋଲୋକ ଧର।

---

ମୂଲ୍ୟପ୍ରାପ୍ତି।

| | | |
|---|---|---|
| ବାବୁ ଦୈତାରି ମହାନ୍ତି ଡେପୁଟିକଲେକ୍ଟର ବରଗଡ଼ | | ଟ ୧୯ |
| ଚୌଧୁରି ହରିଦାସ ଦାସ | ଜଟକ | ଟ ୩୯ |
| ବାବୁ ଗୋପାଳଚନ୍ଦ୍ର ଦାସ ଜମିଦାର | " | ଟ ୩୯ |
| ,, କାଳିକୃଷ୍ଣ ପଟ୍ଟନାୟକ | " | ଟ ୩୯ |

# ବିଜ୍ଞାପନ।

## Sita-mai-ki Andira

## ସୀତା ମାଈ କି ଅଣ୍ଡିରା

ଅଦ୍ଭୁତ ରହସ୍ୟ, ଅଦ୍ଭୁତ କାଣ୍ଡ, ଅତ ଚମତ୍କାର ଘଟନା, ଏପରି ପୁସ୍ତକ ଉତ୍କଳଭାଷାରେ ଅଦ୍ୟାପି ମୁଦ୍ରିତ ହୋଇ ନାହିଁ। ଆବାଳବୃଦ୍ଧବନିତାଙ୍କର ସୁଖପାଠ୍ୟ ଅଟେ।

ମୂଲ୍ୟ .. ଟ ୦।୬ ମାତ୍ର

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ପ୍ରାପ୍ତବ୍ୟ

---

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଏ ବର୍ଷର ଶ୍ରୀ ମହାରାଜଙ୍କର ପଲ୍ଲୀ ମହଲ ଓ ଚବୁତ୍ତ ଓଗେର ଇଜାରା ହେଉଥିବାରୁ ଉହାଁ ଦମଲ୍ଲେ ମୋଟ ନୂନ ଓ ଜମୁଲିଖିତ ପରିମାଣରେ ସତ୍ୱାଧିକାର କନ୍ତ୍ରାକ ପଇମାନରେ ଆବଶ୍ୟକ; ଅତଏବ ଯଦି କେହି ଉପଯୁକ୍ତ ଜନସାଭମାନ ଯୋଗାଇବା ସକାଶେ କଣ୍ଟ୍ରାକ୍ଟର ହେବାକୁ ଇଚ୍ଛା କରନ୍ତି ତେବେ କେଉଁ ୨ ରେଟରେ ଯୋଗାଇ ପାରିବେ ତାହା ଉଲ୍ଲେଖ କରି ଶ୍ରୀ ମହାରାଜା। ବ। ବାହାଦୁରଙ୍କ ହଜୁରକୁ ଚଳିତ ସନ ଜୁନମାସ ତା ୧୫ ରିଖ ମଧ୍ୟରେ ଦରଖାସ୍ତ ପଠାଇବେ। ଇତି।

ତା ୧୦ × ୪ × ୯୮

ରାମଚନ୍ଦ୍ର କାନଗୋଇ
ସବ୍ଓଭରସିୟର ବୌଦ୍ଧ।

---

ଛନ୍ଦମାଳାର ଅର୍ଥପୁସ୍ତକ

ସ୍କୁଲପାଠ୍ୟ ଛନ୍ଦମାଳାର ପରିବର୍ଦ୍ଧିତ ସଂସ୍କରଣ—ଅର୍ଥପୁସ୍ତକ ଅର୍ଦ୍ଧ ଅଣା ମୂଲ୍ୟରେ ଏବଂ ପଣକିଆମାନଙ୍କ ଏକଅଣା ମୂଲ୍ୟରେ କଟକ ପ୍ରିଣ୍ଟିଂକମ୍ପାନିଙ୍କ ପୁସ୍ତକାଳୟରେ ଓ ରାମପ୍ରସନ୍ନ ବାବୁଙ୍କ ନିକଟରେ ବିକ୍ରୟ ହେଉଅଛି।

ଶ୍ରୀ ନୀଳମଣି ଶର୍ମା,
ବାଲେଶ୍ୱର

---

FOR SALE

A Bullock-coach with or without bullocks,

Apply to J. Vaughan, Missionary, Cuttack.

---

ଏତଦ୍ୱାରା ସର୍ବସାଧାରଣଙ୍କୁ ଜ୍ଞାତ କରା ଯାଉଅଛି କି ଏଣେ ଓଡ଼ିଶା—ମେଡ଼ିକାଲ୍ସ୍କୁଲରେ ୧୮ ଗୋଟି ବୃତ୍ତି ଖାଲି ଅଛି। ଅଧ୍ୟୟନେଚ୍ଛୁ

Split by PDF Splitter



ବାଳକମାନେ ସ୍ୱ ୨ ପ୍ରଶଂସାପତ୍ର ସହିତ ଆସନ୍ତା ଜୁଲାଇ ତା ୧ ଦିନରେ କଟକ ଜେନରଲ ହସ୍ପିଟାଲରେ ଉପସ୍ଥିତ ହେଲେ ମନୋନୀତ କରାଯିବ ।

ପ୍ରକାଶଥାଉକି ଯେଉଁମାନେ ପ୍ରବେଶିକା ଓ ମାଇନର ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବେ କେବଳ ସେହିମାନଙ୍କୁ ଏହି ସ୍କୁଲରେ ଗ୍ରହଣ କରାଯିବ ।

ଛାତ୍ରମାନଙ୍କର ଶିକ୍ଷାଲାଗି ମୋଟ ୭ ଟି ବୃତ୍ତି ଖାଲିଅଛି । ବିଶେଷତଃ ହିନ୍ଦୁ ଓ ମୁସଲମାନ-ସ୍ତ୍ରୀଲୋକ ହେଲେ ମାସିକ ବୃତ୍ତି ଟ ୮ ଙ୍କା ବା ଟ ୧୦ ଙ୍କା ହର ଦିଆଯିବ ।

ସର ଗ୍ରିଫିଥ ଇଭାନ୍ସ ବଙ୍ଗଳାର ବ୍ୟବସ୍ଥାପକ ସଭାର ସଭ୍ୟପଦ ଛାଡ଼ି ଦେଇଗଲେ । ଗତ ମାସର ତା ୩୦ ରଖ ଦିବସ ତାଙ୍କର ଉତ୍ତରା-ଧିକାରୀ ମଧ୍ୟ-ପ୍ରଦେଶର ପ୍ରଧାନ କମିଶ୍ନର ସର ଆଣ୍ଟୋନୀପାଟ୍ରିକ ମାକ୍‌ଡୋନେଲଙ୍କୁ ସ୍ୱଜାତୀୟ ଅର୍ଥ-ଶାଳର ବୃଦ୍ଧି ସମୟରେ ଗୋପନୀୟତାରେ କାର୍ଯ୍ୟ-ଭାର ଦାନ କଲେ । ତାଙ୍କର ବିଦାୟ କାଳରେ ଏଡଭୋକେଟ୍ ଜେନେରାଲ, ମାନନୀୟ ଉଡ଼ଙ୍କ ଓ ଅନ୍ୟାନ୍ୟ କେତେକ ସାହେବ ଥିଲେ ଦେଶୀ ମଧ୍ୟ ପାଞ୍ଚଜଣ ଉପସ୍ଥିତ ଥିଲେ । ଗମନ ଗୋ-ପନୀୟ ପ୍ରକାର ଥିବାରୁ କୌଣସି ସମାରୋହ ହୋଇ ନ ଥିଲା । ସର ଗ୍ରିଫିଥ ଇଭାନ୍ସ ଜମନ୍ତେ ବିଦାୟଗ୍ରହଣ କଲେ ବର୍ତ୍ତମାନ ନୂତନ ଲେଫ୍‌ଟେ-ଣ୍ଟ ଅମ୍ଭମାନଙ୍କ ଅଧୀନ ହେବତା । ଅମ୍ଭେ-ମାନେ ସର ଗ୍ରିଫିଥଙ୍କ ନିକଟରୁ ଆଶାନୁରୂପ ଫଳ ପ୍ରାପ୍ତ ହୋଇନାହୁଁ । ଏକ୍‌ଟିଂ ଲେଫ୍‌ଟେଣ୍ଟ ଅବଶ୍ୟ ଅଳ୍ପଦିନ ନିମନ୍ତେ ଆସିଅଛନ୍ତି ସତ୍ୟ କିନ୍ତୁ ଏହି-ମଧ୍ୟରେ ଦେଶର ଅନେକ ମଙ୍ଗଳସାଧନ କରି ପାରନ୍ତି । ଅମ୍ଭେମାନେ ତାଙ୍କ ନିକ-ଟରେ ପ୍ରାର୍ଥନା କରୁଁ ଯେ ତାଙ୍କ ପ୍ରଜାଙ୍କର ସୁଖ-ସମ୍ପାଦନାର୍ଥେ ସେ ଅବଶ୍ୟ ଯତ୍ନ ଅଭ୍ୟାସ କରି ଦେଶ ଓ ଈଶ୍ୱରଙ୍କ ନିକଟରେ ତାଙ୍କର ମଙ୍ଗଳ ପ୍ରାର୍ଥନା କରୁଅଛୁଁ । ଲେଫ୍‌ଟେଣ୍ଟ ଗ୍ରାଣ୍ଟ ଇନ୍‌ଭେଷ୍ଟ-ସେକ୍ରେଟେରୀ ପଦରେ ମିଃ ଷ୍ଟାନଲି ଉଇ-ଲିୟମ୍ କଟ୍‌ନ ଓ ସ୍ୱଦେଶର ମୋକ୍ତାରେ ବ ପଦରେ କ୍ୟାପ୍ଟେନ ଲର୍ଡ ଜର୍ଜ ନିଷ୍ଟର ନିଯୁକ୍ତ ହୋଇ-ଛନ୍ତି ।

---

ବର୍ଷା ଓ ଝଡ଼ିବନ୍ୟମାନଙ୍କରେ ଚୀନଦେଶର ଅବସ୍ଥା ଜାଣିବା ପାଇଁ ଅନେକେ ଉତ୍ସୁକ ଥିବେ । ଅମ୍ଭେମାନେ ସମ୍ବାଦ ପାଇଅଛୁଁ ଗତ ମାସର ତା ୨୨ ରଖ ଠାରୁ ତା ୨୭ ରଖ ପର୍ଯ୍ୟନ୍ତ ଲଗାଣ ବୃଷ୍ଟିସହିତ ବାତ୍ୟାର ଝଡ଼ ହୋଇଥିଲା । ଝଡ଼ ଶାନ୍ତ ହୋଇଅଛି କିନ୍ତୁ ବୃଷ୍ଟିପାତ ପ୍ରତ୍ୟହ ହେଉଅଛି । ଏପ୍ରକାର ସମୟରେ ବିଦ୍ରୋହୀ-ମାନଙ୍କ ଅବସ୍ଥା କିପ୍ରକାର ଶୋଚନୀୟ ହୋଇ-ଥିବ ତାହା ପାଠକେ କଳ୍ପନା କରି ନେଇପାରନ୍ତି । ବିଦ୍ରୋହୀମାନଙ୍କ ବୃଷ୍ଟି ତୋଫାନରେ ମଧ୍ୟ କମ୍ପି-ପିତ ହେଲ ନାହିଁ । ସିପାହୀ ଫୌଜ କେଉଁଠି-ଠାରେ ଛତ୍ରଭଙ୍ଗ ହୋଇ ଓ ଲୁଟ ଦଙ୍ଗା ହେଉ ହୋଇ ଯାଇଅଛନ୍ତି । ବର୍ତ୍ତମାନ ଫୌଜର ସେନାପତି ମିଃ ଉଅରର ଓ ମିଃ ଦର୍ଶ୍ଚାସ ଭୁଲ କଲରେ ଅବସ୍ଥ ହୋଇ ସୈନ୍ୟଦଳ-ସହିତରେ ବିଦ୍ରୋହୀମାନଙ୍କୁ ଦମନ କରିବା-ନିମନ୍ତେ ଅଗ୍ରସର ହୋଇ ଅଛନ୍ତି । ସରକାରୀ ଜଙ୍ଗଲର ଓ ନଗର ନଳମ୍ବଉଲ ମାନେ ଉଦା ସ୍ଥାନରେ ସ୍ଥାପିତ ଆନାମାନଙ୍କୁ ପ୍ରେରଣ

Digitized by srujanika@gmail.com

ହୋଇ ଅଛନ୍ତି ଓ ସ୍ୱ ସ୍ୱ ଗୃହମାନ ରକ୍ଷା କରୁଛନ୍ତି । ଏମାନଙ୍କର ସୈନ୍ୟାଦି ମଧ୍ୟ ଅଛନ୍ତି । ମ୍ୟୁନିସିପାଲିଟିର ମିଃ କଣ୍ଡେଲ ଯଦୁପୁର, ବେଙ୍ଗଲୀର ମେଡମେଲନ ଲବ୍ଧପ୍ରତିଷ୍ଠ, ଷ୍ଟ ମାନେଜର ବୈଦ୍ୟନାଥପ୍ରସାଦ ସିଂହ କମ୍ପାନି ଓ ବନ୍ଦୋବସ୍ତକର୍ମଚାରୀ ବାବୁ ଦୁର୍ଗାଦାସ ମୁଖର୍ଜି ପ୍ରାମଥାଣି ସ୍ଥାନମାନଙ୍କରେ ଅବସ୍ଥାପିତ ହୋଇ ଅଛନ୍ତି । ଗବର୍ଣ୍ଣମେଣ୍ଟ ଏକେଣ୍ଟ ରାୟ ନନ୍ଦଘୋଷଦାସ ବାହାଦୁର ଗଡ଼ମୁକ୍ତାମନ୍ତ୍ରି ଆଗମନ କରିଅଛନ୍ତି । ବର୍ତ୍ତମାନ ବିଦ୍ରୋହମାନେ ଅସ୍ତବ୍ୟସ୍ତ ହୋଇଅଛନ୍ତି । ଉପରିଲିଖିତ ବନ୍ଦୋବସ୍ତରେ ବିଦ୍ରୋହମାନଙ୍କ ଠାରୁ ଦୌରାତ୍ମ୍ୟର ଆଶଙ୍କା ନାହିଁ, କିନ୍ତୁ ବଣ୍ଟଆଜାତିଙ୍କର ଏଥିରେ ଦମନ ହେବ ତ ନାହିଁ ତାହା କେହି କହିପାରୁ ନାହାନ୍ତି । ବଣ ଜଙ୍ଗଲମଧ୍ୟରେ ଲୁକ୍କାୟିତଭାବରେ ଥିଲେ କପଟ ସେମାନେ ଧରାପଡ଼ିବେ ଏମାନଙ୍କ ଧୃତ କରାଗଲେ ଏଠାର ବନ୍ଦୋବସ୍ତ ଅଂଶଚାର୍ଯ୍ୟରେ ଆସିବ ।

---

ଭାରତର ଆର୍ଥିକ ଅବସ୍ଥା ଦୃଷ୍ଟିରେ ଅମ୍ମାନଙ୍କର ବଡ଼ଲାଟ ମହୋଦୟ ଓ ତାଙ୍କର ସଦସ୍ୟମାନେ ନୂତନ ଟେକ୍ସ ବସାଇବାର ମତ ପ୍ରକାଶ କରିଥିବାରୁ କଲିକତା ଇଣ୍ଡିଆନ ମିରର ପତ୍ରିକା ଲେଖିଅଛନ୍ତି ଯେ ଏକ ସ୍ୱେଚ୍ଛାକୃତ ରାଜା ଲକ୍ଷ୍ମଣାସଙ୍କ ପଥରରୁ ରକ୍ତ ବାହାର କରିବା କାରଣ କହିବାରେ ସେ ପଚାରିଥିଲେ ଯେ ଏହା କପରି ହେବ ? ଉଦାହରଣଟି ବଡ଼ ଠିକ ହୋଇଅଛି । ସେ ପତ୍ରିକା କହିଅଛନ୍ତି ଯେ ଉପାୟମଧ୍ୟରେ ଲୁଣର ମାସୁଲ ଦୁଇଗୁଣ ଅଥବା ତିନିଗୁଣ ବୃଦ୍ଧି ହୋଇପାରେ ବା ଭାରତଗବର୍ଣ୍ଣମେଣ୍ଟ ପୁରୁଣା ହେଣ୍ଡିଧରଣରେ ପାରମିଟ ଟୋଲ୍ଟାକ୍ସ ଅଥବା ବିଦେଶରୁ ଆମଦାନି ହେଉଥିବା ଦ୍ରବ୍ୟସମୂହରେ ମାସୁଲ ବସାଇ ପାରନ୍ତି । ମାତ୍ର ଆମଦାନି ଦ୍ରବ୍ୟସମୂହରେ ମାସୁଲ ବସାଇଲେ ବିଲାତରେ ଘୋର ଆପତ୍ତି ହେବ ଏବଂ ଲୁଣର ମାସୁଲ ବଢ଼ାଇଲେ ଲୋକଙ୍କର ବିସ୍ମୟକର ଅବଶିଷ୍ଟ ରହିବ । ପରନ୍ତୁ ଏହାକୁ ଯେଉଁମାନେ ଦେଖୁଛନ୍ତି ତାଙ୍କ ଉପରେ କଷ୍ଟ ଲଦାଯାଇପାରେ ତାହା ହୋଇଅଛି ତହିଁ ଉପରେ ଆଉ ସ୍ୱଳ୍ପ ଲଦିଲେ ସହିଷ୍ଣୁ ଉଷ୍ଟ୍ରର ପିଠି ଭାଙ୍ଗିଯିବ । ବାସ୍ତବିକ ଭାଷା ନଥିବା ଏକଦଣ୍ଡେକ କାଳ ଅଛି । ମାତ୍ର ତହିଁରେ ସୁଦ୍ଧା ଅଭାବ ଅଛି । ଦୁର୍ଭିକ୍ଷ ଅଭାବ ଅନଟନ

କରିବାର ଭୟ ଦେଖାଉଥିବା ସମୟରେ ସୈନିକବ୍ୟୟ ଊଣା ହୋଇ ନ ପାରେ ଏବଂ ଶାସନବିଭାଗୀୟ କର୍ମଚାରୀମାନଙ୍କର ବେତନ ଊଣା କରିବା ମଧ୍ୟ ଅସମ୍ଭବ ଅଟଇ । ତେବେ କାଟଛାଣ୍ଟ କରିବାର କୁଶ କେଉଁଠାରେ ପ୍ରୟୁକ୍ତ ହେବା ଉଚିତ ? ବାଣିଜ୍ୟମାତ୍ରବିଭାଗରେ ଏହା ପ୍ରଯୁକ୍ତ ହୋଇପାରେ ଏବଂ ଅପବ୍ୟୟର କମତି ଲକ୍ଷ୍ୟ କରିବା ଉଦ୍ଦେଶ୍ୟରେ ଗବର୍ଣ୍ଣମେଣ୍ଟ ଦଳା-କେତେ ରେଲ୍ ଓ ଡାକର କାର୍ଯ୍ୟ ବନ୍ଦ କରିଲେ ବିଶେଷ କ୍ଷତି ହେବ ନାହିଁ । ଷ୍ଟାଫିଦ ପତ୍ରିକାର ମତ ଅମ୍ମାନଙ୍କୁ ବଡ଼ ଯୁକ୍ତିସଙ୍ଗତ ବୋଧ ହେଉଅଛି । ଦେଖାଯାଉ କାର୍ଯ୍ୟରେ କଣ ହୁଏ ।

---

ଗତ ମଇମାସ ତା ୨୯ ରଖରେ ଅମ୍ମାନଙ୍କର ଭୂତପୂର୍ବ ସୈନାପତି ଲର୍ଡ଼ ରବର୍ଟସ ମହୋଦୟଙ୍କୁ ଲଣ୍ଡନ ଲଣ୍ଡନନଗରର ଫ୍ରିଡମ ସମ୍ମାନ ଭୋଜ ଦିଆଯାଇଥିବାର ସମ୍ବାଦ ମିଳଇ । ଅନେକ ବଡ଼ ବଡ଼ ଲୋକେ ଏବଂ କପୁରଥଲାର ମହାରାଜା ଉକ୍ତ ଭୋଜରେ ଉପସ୍ଥିତ ଥିଲେ । ସର୍ ଆଲବର୍ଟ ରେଲଟ ସାହେବ ସଭାପତିର ଆସନଗ୍ରହଣ ପୂର୍ବକ ରବର୍ଟସ ସାହେବଙ୍କୁ ସାଦର କରି ପ୍ରଥମ ପ୍ରସ୍ତାବ ଅଗତକର କହିଲେ ଯେ ଏପରି ସୈନାପତି ଏବଂ କପୁରଥଲାର ମହାରାଜାଙ୍କପରି ମିତ୍ର ବିଦ୍ୟମାନ ଥିବାସ୍ଥଳେ ସମ୍ରାଜ୍ୟ ନିରାପଦରେ ଥିବାର ବୋଲାଯାଇ ପାରେ । ଲର୍ଡ ରବର୍ଟସ ମହୋଦୟ ସେଥି ଉତ୍ତରରେ ଭାରତବାସୀମାନେ ସାମ୍ରାଜ୍ୟ ରକ୍ଷାକରଣାର୍ଥ ପ୍ରସ୍ତୁତ ଥିବାର ପ୍ରକାଶ କରି ଭାରତୀୟ ସିବିଲସର୍ଭିସ ଓ ସୈନିକ କର୍ମଚାରୀମାନଙ୍କ କାର୍ଯ୍ୟର ପ୍ରଶଂସା କଲେ । ପରେ କପୁରଥଲାର ମହାରାଜା ଉତ୍ତର ଦେବାକୁ ଉଠିବାରେ ଉପସ୍ଥିତ ସଭ୍ୟବୃନ୍ଦଙ୍କ କରତାଳିରେ ଗୃହଟି ପୂର୍ଣ୍ଣ ହୋଇଗଲା । ଶ୍ରୀମତୀ ମହାରାଣୀ ଏବଂ ବିଲାତବାସିଙ୍କ ସମୀପରୁ ସର୍ବଦା ସମାଦର ପାଇଥିବାର ପ୍ରକାଶ କରି ମହାରାଜା କହିଲେ ଯେ ଭାରତବାସୀ ମାତ୍ରକେ ଶ୍ରୀମତୀ ଭିକ୍ଟୋରିଆଙ୍କ ରକ୍ଷାର୍ଥ ପ୍ରସ୍ତୁତ ଅଛନ୍ତି ଓ ଲର୍ଡ଼ ରବର୍ଟସଙ୍କୁ ଭାରତବାସିମାନେ ଅତ୍ୟନ୍ତ ଭଲ ପାଉଥିଲେ ଏବଂ ଭାରତକୁ ଅନ୍ୟ କୌଣସି ଉଚ୍ଚ ପଦରେ ସେ ଲେଉଟିଲେ ଭାରତବାସିମାନେ ତାହାଙ୍କୁ ଶାନ୍ତି ଏବଂ ସମୃଦ୍ଧିର ଦୂତ ବୋଲି ଅଭ୍ୟର୍ଥନା କରିବେ । ସେହିକ୍ଷଣରେ ଲର୍ଡ ରବର୍ଟସ

ମହୋଦୟ ଅନୁରୂପ ବ୍ୟକ୍ତ କରିଥିଲେ ଯେ ଭାରତର ବାଣିଜ୍ୟର ଉନ୍ନତି ନିମିତ୍ତ ସେଠାରେ ଇଂରାଜଶାସନ ପ୍ରଚଳିତ ରହିବା ଉଚିତ ବୋଲି ଦେଶୀୟଲୋକଙ୍କୁ ବୁଝାଇଦେବା କର୍ତ୍ତବ୍ୟ । ସବୁଠୁ ଲୋକଙ୍କର ଏ ବୋଧ ଜନ୍ମୁ ନାହିଁ ଏବଂ ନିରପେକ୍ଷ ଓ ସହାନୁଭୂତିସୂଚକ ସ୍ୱଜାତି ପ୍ରଚଳନ ପୂର୍ବକ ଏ ଭାବ ଦେଶୀୟଲୋକଙ୍କ ମନରେ ପୋତିବାକୁ ହେବ ଏବଂ ସେଥିନିମିତ୍ତ କର୍ମଣ୍ୟ ସେନା ଓ ଉପଯୁକ୍ତ ରକ୍ଷାକାର୍ଯ୍ୟ ଏବଂ ଇଂଲଣ୍ଡର ସାମୁଦ୍ରିକ ଓ ସୈନିକବନ୍ଦୋବସ୍ତ ଆଉ ଅବଶ୍ୟକମତେ ଭାରତର ସେନା ବଢ଼ାଇବା ଉଚିତ ।—ଶେଷକଥାଟି କେମନ୍ତ ଅଦ୍ଭୁତ ଜଣାଯାଉଅଛି । ଇଂରାଜଶାସନ ପ୍ରଚଳିତ ରହିବା ସକାଶେ ବାଣିଜ୍ୟ ମାତ୍ର ସେଥିସକାଶେ ସୈନ୍ୟଦଳ ବୃଦ୍ଧି କରିବାର ଆବଶ୍ୟକତା ସମ୍ବନ୍ଧମତ ନୁହଇ ।

---

## ସଂସ୍କୃତଶିକ୍ଷା ।

ଅମୃତବଜାରପତ୍ରିକା ଲେଖିଅଛନ୍ତି କଲିକତା ବିଶ୍ୱବିଦ୍ୟାଳୟରୁ ସଂସ୍କୃତପାଠ ଉଠିଗଲେ ବଡ଼ ଭଲ ହୁଅନ୍ତା କାରଣ ଯୋଗେ ବିଜାତୀୟଭାଷା ଶିକ୍ଷା କରିବାକୁ ଅନ୍ୟ କୌଣସି ଦେଶରେ ସ୍କୁଲ ଛାତ୍ରମାନେ ବାଧ୍ୟ ହେବାର ଦେଖା ନାହିଁ । ଏଥିକୁ ଇଣ୍ଡିଅନ୍ ନେସନ ପ୍ରତିବାଦ କରି ଲେଖିଅଛନ୍ତି କି ସମସ୍ତ ସଭ୍ୟଜାତି ମଧ୍ୟରେ ଦୁଇଗୋଟି ବିଜାତୀୟଭାଷା ଶିକ୍ଷିବାର ପ୍ରଚଳନ ଅଛି । ଯଥା, ଇଂରାଜ ଓ ଫରାସି ଓ ଜର୍ମାନମାନେ ଲାଟିନ ଓ ଗ୍ରିକଭାଷା ଶିକ୍ଷିବାକୁ ବିଶ୍ୱବିଦ୍ୟାଳୟଦ୍ୱାରା ବାଧ୍ୟ । ଅତଏବ ସଂସ୍କୃତପଢ଼ା ଭାରତବାସିଙ୍କର ଯେପରି ଅନୁଚିତ ନୁହେଁ ଇଂରାଜପ୍ରଭୃତିଙ୍କର ଲାଟିନ ବା ଗ୍ରୀକପଢ଼ା ସେପରି ନୁହଇ । ବିଶେଷତଃ ଇଂରାଜୀ ନ ପଢ଼ିଲେ ଚଳିଲେ ଅମ୍ମାନଙ୍କର ଗତି ନାହିଁ ସେ ସ୍ଥଳେ ଇଂରାଜୀ ପଢ଼ୁଅଛୁଁ ବୋଲି ସଂସ୍କୃତ ପଢ଼ିବା ନାହାନ୍ତି ଅବଶ୍ୟକ କାରଣ ତ ଇଂରାଜୀ ପଢ଼ାରେ ଅତଏବ ଯେ ସମସ୍ତ ଦୋଷ ଘଟୁଅଛି ସଂସ୍କୃତପଢ଼ାଦ୍ୱାରା ତାହା ସବୁ ସଂଶୋଧିତ ହୋଇପାରେ । କେବଳ ଇଂରାଜୀ ପଢ଼ି ହିନ୍ଦୁଙ୍କ ମନ ଇଂରାଜଭାବାପନ୍ନ ହୁଅଇ କିନ୍ତୁ ସଂସ୍କୃତ ଅଧ୍ୟୟନ ଥିଲେ ସେ ଭାବ ଦୂରଯାଇ ଜାତୀୟଭାବ ହୃଦୟରେ ପ୍ରତିଷ୍ଠିତ ହୁଏଇ । ପ୍ରଥମେ ଯେଉଁମାନେ ଇଂରାଜୀ ପଢ଼ିଥିଲେ ସାହେବୀଭାବ ସେମାନଙ୍କ ମଧ୍ୟରେ ଅନେକ ଦେଖା ଯାଉଥିଲା ଏବେ

Split by PDF Splitter
Digitized by srujanika@gmail.com

ଠାରେ ସେପରି ହେଉ ନାହିଁ ଏବଂ ସଂସ୍କୃତଶିକ୍ଷାର ଫଳ ହେବା ଅଭ୍ୟ ନୁହେଁ । ବଙ୍ଗଳାଦେଶର ସ୍କୁଲମାନଙ୍କରେ ମଧ୍ୟ ସଂସ୍କୃତ ଶିକ୍ଷିବା ପ୍ରଚଳିତ ହୋଇଅଛି । ସେହିମାନଙ୍କେ ବଙ୍ଗଳାଭାଷାର ଉନ୍ନତି ଘଟିଅଛନ୍ତି ସେମାନେ ପ୍ରାୟ ସମସ୍ତେ ଇଂରାଜୀ ଓ ସଂସ୍କୃତ ଉଭୟଭାଷାରେ ଶିକ୍ଷିତ । ସମାଜଂଗ୍ଲ ସଂସ୍କୃତଶିକ୍ଷାରେ ମଧ୍ୟ କାହିଁ କେବଳ ଅନୁବର୍ତ୍ତ ଘର ହୁଅଇ ମାତ୍ର ହେବ ଇଂରାଜୀ ପଢ଼ି ଅନେକଲୋକ ଅପଣା କୁଳଧର୍ମ ଓ ଆଚାରବ୍ୟବହାର ଉପେକ୍ଷା ପ୍ରକାଶ କଲେଣି । ପରନ୍ତୁ ବଙ୍ଗାଳି ପକ୍ଷରେ ସଂସ୍କୃତ ଶିକ୍ଷା ବଡ଼ କଠିନ ନୁହଇ । ସ୍କୁଲମାନେ ଶିଖିଲେ ପଢ଼ିଲେ ବଙ୍ଗୀୟ ଯୁବା ମାନେ ସହଜରେ ସଂସ୍କୃତ ପଢ଼ି ପାରିବେ ଏବଂ ବଙ୍ଗଳା ଓ ସଂସ୍କୃତର ନିକଟସମ୍ବନ୍ଧ ଥିବାରୁ ପଦାର୍ଥଶିକ୍ଷା ଜମନ୍ତେ ବଶେଷ କ୍ଳେଶ ହୁଏ ନାହିଁ ।

ଉପରଲିଖିତ ମନ୍ତବ୍ୟଗୁଡ଼ିକ ଆମ୍ଭମାନଙ୍କ ମନକୁ ବଡ଼ ଯୋଗାଉଛି । ସଂସ୍କୃତ ଭାରତର ମୂଳଭାଷା । ସବୁ ଦେଶୀୟଭାଷାର ଉନ୍ନତି ତହିଁ ଉପରେ ନିର୍ଭର କରଇ । ହିନ୍ଦୁମାନଙ୍କର ଧର୍ମ ଓ ବୈଦିକ ଆଚାର ବ୍ୟବହାରର ନିତ୍ୟସମ୍ବନ୍ଧ ସଂସ୍କୃତଭାଷାସଙ୍ଗେ ରହିଅଛି ହିନ୍ଦୁପଣ୍ଡିତେ ସଂସ୍କୃତ ଜାଣିବା ନିତାନ୍ତ ଆବଶ୍ୟକ ଏବଂ ଅଧିକ ଧର୍ମାବଲମ୍ବୀ ମଧ୍ୟରେ ଯେଉଁମାନେ ହିନ୍ଦୁଙ୍କର ରୀତି ନୀତ ଓ ଇତିହାସ ଜାଣିବାକୁ ଇଚ୍ଛା କରନ୍ତି ସେମାନେ ଅନୁବାଦ ସବୁର ସଂସ୍କୃତ ପଢ଼ୁଅଛନ୍ତି । ଯେଣୁ ଏଣି ସମସ୍ତ ଭାରତବାସିଙ୍କ ପକ୍ଷରେ ସଂସ୍କୃତ ଜାଣିବା ଆବଶ୍ୟକ ସେଥିରେ କଲେଜମାନଙ୍କରୁ ତାହାକୁ ଉଠାଇ ଦେବାର ପ୍ରସ୍ତାବ ଅନୁମୋଦନୀୟ ହୋଇ ନ ପାରେ ।

---

### ମେଦିନୀପୁର ଖବର ।

ବାଲେଶ୍ୱରର ଜଣେ ପଞ୍ଚମ୍ୟେଲର ମ୍ଳେଷ୍ଟ୍ରେଟ ଅଛନ୍ତି ବ ସେଠା ମୃତ ଓଡ଼ଳ ଉକିଲ ଗୋଷ୍ଠଙ୍କ ପୁତ୍ର ଏବଂ ରେମୁଣାର ମୃତ ଲକ୍ଷ୍ମୀକାନ୍ତ ବାବୁଙ୍କ ଜାମାତା ବାବୁ ଦ୍ୱାରକାନାଥ ଘୋଷଙ୍କ ନାମରେ ତାହାଙ୍କ ଚୌକିଦାରମାନଙ୍କ କେତେକ ଜମିର ଖାଜଣାରେ ଯୋଗଦେବା ଅପରାଧର ଏକ ମୋକଦ୍ଦମା ହେବାରେ ଡେପୁଟୀମାଜିଷ୍ଟ୍ରେଟ ବାବୁ ଶ୍ରୀରାମଚନ୍ଦ୍ର ବସୁ ତାହାଙ୍କୁ ଦୋଷ ସାବ୍ୟସ୍ତ କରି ଏକମାସ କାରାବାସ ଏବଂ ଟ ୫୦୯ ଙ୍କା ଅର୍ଥଦଣ୍ଡ ବିଧାନ କଲେ । ମାଜିଷ୍ଟ୍ରେଟଙ୍କ ନିକଟରେ ଅପିଲ ହେବାରୁ ମାଜିଷ୍ଟ୍ରେଟ ଉପରଲିଖିତ ରୂପ ଲେଖି କେବଳ କାରାବାସ ଏକମାସ ସ୍ଥଳେ ଦ ୧୫ ଦିନ ରଖିଲେ । ଯଥା It will do no harm to the Lower Court if the punishment be slightly modified to 15 days rigorous imprisonment and a fine of Rs. 50 ଅର୍ଥାତ କାରାବାସ ମିଆଦ ଏକମାସ ବଦଳରେ ଦ ୧୫ ଦିନ ହେଲେ ଲମ୍ବଅଦାଲତର କିଛି କ୍ଷତି ହେବ ନାହିଁ । କମିଶନେରଙ୍କ ନିକଟରେ ମୋସନ ହେଲା କିନ୍ତୁ ସେ କାଗଜପତ୍ର ନ ଦେଖି ତାହା ଅଗ୍ରାହ୍ୟ କଲେ । ପରିଶେଷରେ ହାଇକୋର୍ଟରେ ମୋସନ ହେବାରେ ମାନ୍ୟବର ଟ୍ରେଭଲିୟାନ ଓ ସ୍ୱେମନ ବିଚାରପତିମାନେ ଏହି ରୂପ ପ୍ରକାଶ କଲେ ଯଥା— We think the facts in this case do not justify a conviction on the charge of theft. The accused rightly or wrongly seems to have believed that he had a right to this property and therefore may not have intended to cause any wrongful loss to others or wrongful gain to himself. The conviction will be set aside. The term of punishment appears to have been served out. The fine if paid will be refunded ଏଥିର ଅର୍ଥ ଏହି ଯେ ଯଥାର୍ଥ ହେଉ ବା ଭ୍ରମରେ ହେଉ ଆସାମୀ ବୁଝିଥିଲା ଯେ ଉକ୍ତ ସମ୍ପତ୍ତିରେ ତାହାର ସ୍ୱତ୍ୱ ଅଛି ସୁତରାଂ ତାହାର ଅନ୍ୟାୟ କ୍ଷତି ବା ଆପଣାର ଅନ୍ୟାୟ ଲାଭ କରିବା ଅଭିପ୍ରାୟ ତାହାର ଥାଇ ନ ପାରେ । ଅତଏବ ସେ ଚୋରି ଅପରାଧର ଦୋଷୀ ହୋଇ ନ ପାରେ । କାରାବାସଦଣ୍ଡ ଭୋଗ ହୋଇ ସାରିଅଛି । ଅର୍ଥଦଣ୍ଡ ଦାଖଲ ହୋଇଥିଲେ ଫେରି ପାଇବ ।

ଏପରି ବାବୁ ନୂତନ ହାକିମ ତାହାଙ୍କର ଭ୍ରମ ଘଟିବା କିଛି ନୁହେ । ଉଚିତ କମିଶନର ମାଜିଷ୍ଟ୍ରେଟ ଜାଣିବାରେ କ୍ରୁଟି ଅପରାଧ ଘଟାଇଲେ ତଦନ୍ତ ନ କରିବା ଉଚିତ ଦୃଷ୍ଟି ରଖିବା ଉଚିତ । ନୂତନ ଡେପୁଟିଙ୍କ ଶିକ୍ଷା ନିମନ୍ତେ ଜଏଣ୍ଟମାଜିଷ୍ଟ୍ରେଟ ବିଶେଷରୂପେ ଦାୟୀ । ମାତ୍ର ମାଜିଷ୍ଟ୍ରେଟ ତାହାଙ୍କୁ ଉପଦେଶ ନ ଦେଇ ଅବେଦନ ଗ୍ରହଣ କଲେ ନ ହେଲେ ନିମ୍ନଅଦାଲତର ଭ୍ରମ ସଂଶୋଧନ କରିବା ଅପେକ୍ଷା ଉଚିତ ହେବାର ଅପେକ୍ଷା ଭଲ ହୋଇଥାନ୍ତା ଏବଂ ହାଇକୋର୍ଟ ଯୋଗେ ସବୁଙ୍କର ନିକଟ ଓ ଲୋକମାନଙ୍କ ମାନ ମର୍ଯ୍ୟାଦା ରକ୍ଷା ହୋଇଅଛି । କିନ୍ତୁ ଗଭର୍ଣ୍ଣମେଣ୍ଟଙ୍କର ବନ ଯେଉଁ ସେ ସମସ୍ତେ ସେଠାକୁ ଯାଇ ସୁବିଚାର ପାଇବେ ।

---

### ଡେପୁଟୀପରୀକ୍ଷାର ଫଳ ।

ଗତ ମାର୍ଚ୍ଚମାସରେ ଡେପୁଟୀକଲେକ୍ଟରପଦପ୍ରାର୍ଥୀମାନଙ୍କର ଯେଉଁ ପରୀକ୍ଷା ହୋଇଥିଲା ତହିଁର ଫଳ ପ୍ରକାଶିତ ହୋଇ ଅଛି । ଜ ୬ ଣ ଡେପୁଟୀ ଓ ଜ ୭ ଣ ସବଡେପୁଟୀ-ପଦପ୍ରାର୍ଥୀ ନାଇବୁଜ ହେବା ପ୍ରୟୋଜନ ଥିବାରୁ ତହିଁନିମନ୍ତେ ପୂର୍ବରୁ ଜାନୁଆରିମାସରେ ବିଜ୍ଞାପନ ପ୍ରକାଶିତ ହୋଇଥିଲା । ଏହି ବିଜ୍ଞାପନାନୁସାରେ ଜ ୧୫୪ ଜଣ ପରୀକ୍ଷା ଦେବାକୁ ପ୍ରାର୍ଥନା କରିଥିଲେ ତନ୍ମଧ୍ୟରୁ ଜ ୧୩୬ ଣ ପରୀକ୍ଷାସ୍ଥଳରେ ଉପସ୍ଥିତ ହୋଇଥିଲେ ଏମାନଙ୍କମଧ୍ୟରୁ ଜ ୮ ଣ ଗ୍ରାଜୁଏଟ ଅବା ଡିଏଲ୍ଉପାଧିଧାରୀ ନ ହୋଇ ମଧ୍ୟ ପରୀକ୍ଷାଦେବାର ଅନୁମତି ପ୍ରାପ୍ତ ହୋଇଥିଲେ କିନ୍ତୁ ଏମାନଙ୍କମଧ୍ୟରୁ ଜ ୪ ଣ ପରୀକ୍ଷାରେ ହାରି ଯାଇଥିଲେ । ଜ ୧୩୦ ଣଙ୍କ ମଧ୍ୟରୁ ଜ ୧୩୪ ଣ ଅବଶ୍ୟକୀୟ ସବ୍ଜେକ୍ଟ ଏକଉତ୍ତୀର୍ଣ୍ଣ ଅଙ୍କ ରଖିବାକୁ ସମର୍ଥ ହୋଇଅଛନ୍ତି । ପରୀକ୍ଷାର୍ଥୀଙ୍କ ମଧ୍ୟରୁ ଆପଣା ଦେଶୀୟଭାଷାସ୍ୱରୂପ ଜ ୧୨୫ ଣ ବଙ୍ଗଳା ଜ ୧୮ ଣ ହିନ୍ଦୁସ୍ଥାନୀ ଭାଷା ଏବଂ ଜ ୪ ଣ ଓଡ଼ିଆଭାଷାରେ ପରୀକ୍ଷା ଦେଇଥିଲେ । ଓଡ଼ିଶାରୁ କେବଳ ଜ ୪ ଣ ଉପସ୍ଥିତ ହୋଇଥିଲେ ଓଡ଼ିଆଙ୍କୁ ଏପର୍ଯ୍ୟନ୍ତ ବେଶୀ ଲୋକ ପରୀକ୍ଷା ଦେବାକୁ ସମର୍ଥ ହୋଇ ନାହାନ୍ତି କାରଣ ଏଠାରେ ଉପାଧିଧାରୀଙ୍କ ସଂଖ୍ୟା ଅତି ସାମାନ୍ୟ ଅନ୍ୟମାନେ ଆଶା କରୁଥିଲୁଁ ଏଥର ଟେକ୍ନିକାଲ ଉପାଧିଧାରୀ ନ ହୋଇଥିବା ପରୀକ୍ଷା ଦେବାର ଅନୁମତି ପାଇବେ କିନ୍ତୁ ଓଡ଼ିଶାଗଣ୍ୟରେ ତାହା ଘଟି ନାହିଁ । ଡେପୁଟୀ ଓ ସବଡେପୁଟୀ ପଦପ୍ରାର୍ଥୀ ନିୟୁକ୍ତ ଜ ୭ ଣର ଅଧିକ ଦରକାର ହେବାରୁ ସେମାନଙ୍କ ସଂଖ୍ୟା ବଢ଼ାଇଦେଇ ଜ ୭ ଣଙ୍କୁ ଜ ୧୦ ଣ ଓ ଜ ୭ ଣରୁ ଜ ୧୪ ଣରୁ ବୃଦ୍ଧି କରାଯାଇ ଅଛି । ଏତଦ୍ବ୍ୟତୀତ ଜ ୮ ଣ ସବଡେପୁଟୀଙ୍କ ମଧ୍ୟ ଏକାବେଳକେ ଡେପୁଟୀକଲେକ୍ଟର ପଦରେ ନିଯୁକ୍ତ କରା ହୋଇ ଅଛି ସେମାନଙ୍କ ମଧ୍ୟରୁ କେହି ଓଡ଼ିଆବାସୀ ନୁହନ୍ତି ।

Split by PDF Splitter

Digitized by srujanika@gmail.com

Split by PDF Splitter



ବାବୁ ଭଗବାନଚନ୍ଦ୍ରଘୋଷ ବହୁକାଳରୁ ସବ୍‌ ଡେପୁଟୀକାର୍ଯ୍ୟ କରୁଅଛନ୍ତି ଓ ଏହାଙ୍କ ମୁଖ୍ୟାଧୀନ ମଧ୍ୟ ଉପଯୁକ୍ତ ବ୍ୟକ୍ତିମାନେ କରୁଅଛନ୍ତି। ବାବୁ ମହୋଦୟ ଅଚଳବସ୍ଥାରେ ଏବଂ ... ଛୁଟୀ ପ୍ରାପ୍ତ ହୋଇ ... ସ୍ଥାନରେ ଉପସ୍ଥିତ ହୋଇଥିଲେ କେଲୁ ... ମୁଖ୍ୟାଧୀନ ଅଧିନସ୍ଥ ଭାବପ୍ରତି ଅନୁଗ୍ରହ କରୁ ହୋଇ ନାହିଁ। ଗତବର ସବ୍‌ଡେପୁଟୀ ମଧ୍ୟରେ ଏଠା ବହୋବସ୍ତରେ କାର୍ଯ୍ୟ କରୁଥିବା ବଙ୍ଗବାସୀ ୬ ଜଣ ବାବୁ ଯୋଗେନ୍ଦ୍ରନାଥ ସିଂହ ଓ ବାବୁ ଅକ୍ଷୟକୁମାର ସେନ ଡେପୁଟୀପଦରେ ଉନ୍ନତ ହୋଇଅଛନ୍ତି।

ଶିକ୍ଷାବିଭାଗ ର ୧୦ ଜଣ ଡେପୁଟୀମଧ୍ୟରେ ଓଡ଼ିଆର ନାମଗନ୍ଧ ନାହିଁ। ବାକି ୧୪ ଜଣ ଶିକ୍ଷାବିଭାଗ ସବ୍‌ଡେପୁଟୀଙ୍କ ମଧ୍ୟରେ କେବଳ ଜଣେ ବାବୁ ନବକୃଷ୍ଣଦାସଙ୍କର "ଡାମୋ" ... ଅଛୁ। ଓଡ଼ିଆବଂଶଜ ଜଣେ ସଡ଼ଗ ଏହା ... ଗତବର୍ଷ ୬ ଜଣ ଗ୍ରାଜୁଏଟଙ୍କ ମଧ୍ୟରୁ ୨ ଜଣ ପ୍ରତିଯୋଗିତା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ ଓ ଏକ ଜଣ ସବ୍‌ଡେପୁଟୀପଦକୁ ମନୋନୀତ ହୋଇଥିଲେ। ଏବେ କେବଳ ଜଣେମାତ୍ର ସବ୍‌ଡେପୁଟୀ ପଦକୁ ମନୋନୀତ ହୋଇ ଅଛନ୍ତି। ଗତବର୍ଷ ମଧ୍ୟ କେହି ଡେପୁଟି ପଦର ମନୋନୀତ ହୋଇ ନ ଥିଲେ ଏବର୍ଷ ମଧ୍ୟ କେହି ହେଲେ ନାହିଁ ଏହା ଅବଶ୍ୟ ଦୁଃଖର ବିଷୟ। ଓଡ଼ିଶା ସ୍ୱତନ୍ତ୍ର ଚଳିଥିବା ଓ ଓଡ଼ିଆର ଭାଷା ଭିନ୍ନ ହେବା ... ପୁଣି ଓଡ଼ିଆମାନେ ବହୁକାଳରୁ ଉପେକ୍ଷିତ ହୋଇଥିବା ... ଅନ୍ତତଃ ଏକଜଣ ଡେପୁଟୀପଦରେ ମନୋନୀତ ହୋଇଥିଲେ ଓଡ଼ିଆ ଧନ୍ୟ ହୋଇ ଥାଆନ୍ତା। ଯାହା ହେଉ ଓଡ଼ିଆବାସିମାନେ ଚେଷ୍ଟା କରୁଥିଲେ ଚେଷ୍ଟାର ଫଳ ଅବଶ୍ୟ ସମୟରେ ପାଉଥିବେ ଏଥିରେ କୌଣସି ସନ୍ଦେହ ନାହିଁ। ଅମ୍ଭମାନଙ୍କର ନୂତନ ଗବର୍ଣ୍ଣମେଣ୍ଟ ଅମ୍ଭମାନଙ୍କ ପ୍ରାର୍ଥନା ଦୟାଭାବରେ। ... ଅବଶ୍ୟ ... ସମୟରେ ଶୁଣିବେ।

## ବଙ୍ଗଳାର ଧର୍ମପରିବର୍ତ୍ତନ।

ସନ ୧୮୯୧ ସାଲର ଲୋକଗଣନାର ବିବରଣୀ ସବୁ ଓଡ଼ନେଲ୍ ସାହେବ ଲେଫ୍ଟେନାଣ୍ଟ ଗବର୍ଣ୍ଣମେଣ୍ଟଙ୍କୁ ସେଥିରେ ସେ ଦେଖାଉଛନ୍ତି ଯହିଁରେ ବଙ୍ଗଳାର ଧର୍ମପରିବର୍ତ୍ତନ ବିଷୟରେ ... ଅଙ୍କମାନ ଲେଖାଅଛୁ, ଯଥା।

| | ସନ ୧୮୮୧ | ସନ ୧୮୯୧ |
|---|---|---|
| | ଗଣନାମତେ | ଗଣନାମତେ |
| ହିନ୍ଦୁ | ୧,୭୨,୫୮୧୧୦ | ୧,୮୦,୭୮,୨୪୪ |
| ମୁସଲମାନ | ୧୯୮୬୦୪୧୧ | ୨୦୫୮୭୩୪୬ |
| ଖ୍ରୀଷ୍ଟିଆନ | ୧୨୭୬୨୧ | ୧୯୦୮୨୫ |
| ଜୈନ | ୧୨ ୧ | ୨୨୯୦ |
| ବୌଦ୍ଧ | ୧୫୫୮୦୯ | ୧୮୭୭୧୨ |
| ବ୍ରାହ୍ମ | ୨୮୮ | ୨୯୨୨ |

ସକଳଧର୍ମାବଲମ୍ବିଙ୍କ ସଂଖ୍ୟା ବୃଦ୍ଧି ହୋଇଥିଲେ ହେଁ ହିନ୍ଦୁ ଓ ମୁସଲମାନଙ୍କଛଡ଼ା ଅନ୍ୟାନ୍ୟ ଧର୍ମର ଲୋକଙ୍କ ସଂଖ୍ୟା ବଙ୍ଗଳାର ଜନସଂଖ୍ୟା ତୁଳନାରେ ସାମାନ୍ୟ ଅଟଇ। ହିନ୍ଦୁ ଓ ମୁସଲମାନ ବଙ୍ଗଳାର ପ୍ରଧାନଧର୍ମ ବୋଲିବାକୁ ହେବ। ଏଥିରୁ ଦେଖାଯାଏ ସନ ୧୮୮୧ ସାଲର ପୂର୍ବେ ହିନ୍ଦୁଠାରୁ ମୁସଲମାନ ସଂଖ୍ୟା ଭିନ୍ନ ଥିଲା। ସନ ୧୮୮୧ ସାଲରେ ହିନ୍ଦୁଠାରୁ ମୁସଲମାନ କମ୍ତି ଏବଂ ସନ ୧୮୯୧ ସାଲରେ ଅନେକ ଅଧିକ ହେଲେ। ଗତ ଦଶବର୍ଷରେ ହିନ୍ଦୁ ଅବଶ୍ୟ କିଛି ବଢ଼ିଅଛନ୍ତି ମାତ୍ର ମୁସଲମାନର ବୃଦ୍ଧିଠାରୁ ଅନେକ ଭିନ୍ନ ଅର୍ଥାତ୍ ହିନ୍ଦୁର ବୃଦ୍ଧି ପ୍ରାୟ ଅଠଲକ୍ଷରୁ ମୁସଲମାନର ବୃଦ୍ଧି ୧୭ ଲକ୍ଷ ହୋଇଅଛି। ଏହିପରି କ୍ରମାଗତ ବୃଦ୍ଧି ହେଲେ ପ୍ରାୟ ୩୦ ଶତ ବର୍ଷରେ ବଙ୍ଗଳାରେ ହିନ୍ଦୁଧର୍ମ ଲୋପ ହେବାର ଅନୁମାନ ହେଉଅଛି। କୋଟିଏ ହିନ୍ଦୁ ସଙ୍ଖ୍ୟାରୁ ହିନ୍ଦୁଧର୍ମାବଲମ୍ବୀ ଏକାବେଳକେ ଲୋପ ହେବା ବଡ଼ ଦୁଃଖର ବିଷୟ ସନ୍ଦେହ ନାହିଁ। ତେବେ ଏହା ଭାବିବାର ହେବ ହିନ୍ଦୁମାନଙ୍କର ଏକଥା ଚିନ୍ତା କରିବା ନିତାନ୍ତ ଆବଶ୍ୟକ ହେଉଅଛି। ଆମ୍ଭେ ଓଡ଼ନେଲ୍ ସାହେବଙ୍କ ବିବେଚନାରେ ମୁସଲମାନମାନଙ୍କ ଖାଦ୍ୟ ଅଧିକ ପୁଷ୍ଟିକରହେତୁ ସେମାନଙ୍କର ସନ୍ତାନଜନ୍ମ ଦେବା ଶକ୍ତି ଅଧିକ ବହୁବିବାହ ଏବଂ ବିଧବାବିବାହ ସେମାନଙ୍କ ମଧ୍ୟରେ ପ୍ରଚଳିତ ଏବଂ ଦାସୀପୁତ୍ରଲୁଙ୍କର ଅଧିକାର ବହୁକମୁଛନ୍ତି। ପକ୍ଷାନ୍ତରେ ହିନ୍ଦୁମାନେ ବିଧବାବିବାହର ବିରୋଧୀ ଏବଂ ଅନେକ ହିନ୍ଦୁ ଅଧିକବୟସରେ ... ବିବାହ ହୋଇ ସନ୍ତାନର ବଂଶବୃଦ୍ଧି କରନ୍ତି ଅଥଚ କନ୍ୟାର ଅଧ୍ୟମତା ହେତୁ ସନ୍ତାନ ହୁଅନ୍ତି ନାହିଁ। ଆମ୍ଭେମାନେ ଅନୁମାନ କରୁଁ କି ଖାଦ୍ୟସମ୍ବନ୍ଧୀୟ କାରଣଟି ସାହେବଙ୍କର ମନକଳ୍ପନା। ଯଦ୍ୟପି ମୁସଲମାନମାନଙ୍କର ପ୍ରଧାନଖାଦ୍ୟ ମାଂସ ଅଟଇ ମାତ୍ର ସମସ୍ତଙ୍କୁ ତାହା ସବୁଦା ପ୍ରାପ୍ତ ହୁଅନ୍ତି ନାହିଁ। ସାଧାରଣତଃ ହିନ୍ଦୁ ଓ ମୁସଲମାନଙ୍କର ଖାଦ୍ୟ ଏକ ଅର୍ଥାତ୍ ଭାତକୁ ପ୍ରଧାନ ବୋଲିବାକୁ ହେବ। ବିଶେଷ ସାଧାରଣ ବଙ୍ଗଳୀଙ୍କର କଥା ଧର୍ତ୍ତବ୍ୟ ନୁହଇ ଏବଂ ମାଂସଛଡ଼ା ଯେ ପୁଷ୍ଟିକର ଖାଦ୍ୟ ନାହିଁ ଏମନ୍ତ ବୋଲିବାର ସମ୍ଭାବନା ନାହିଁ। ପୁନଶ୍ଚ ଜଳବାୟୁ ଏକହେତୁ ଖାଦ୍ୟର ... ଜନ୍ମବୃଦ୍ଧିର କାରଣ ହେଉଥିଲେ ସବୁଠାରେ ଏକାପରି ଘଟନ୍ତା। ମାତ୍ର ଓଡ଼ିଶାରେ ଭିନ୍ନଫଳ ଦେଖାଯାଏ, ଯଥା।

| | ସନ ୧୮୮୧ | ସନ ୧୮୯୧ |
|---|---|---|
| ହିନ୍ଦୁ | ୩୬,୫୦୬୪୫ | ୩୯୬୮୧୩୩ |
| ମୁସଲମାନ | ୮୬୭୧୧ | ୯୨୧୪୬ |

ଏଥିରୁ ଦେଖାଯାଏ ଯେ ଓଡ଼ିଶାରେ ହିନ୍ଦୁ ଓ ମୁସଲମାନମାନଙ୍କର ବୃଦ୍ଧି ପ୍ରାୟ ସମାନଅନୁପାତରେ ହୋଇଅଛି ବରଂ ହିନ୍ଦୁମାନେ ସରସ ଅନ୍ତି। ସୁତରାଂ ଖାଦ୍ୟସଂକ୍ରାନ୍ତ କାରଣଟି ପ୍ରବଳ ହେଉ ନାହିଁ। ବହୁବିବାହ ଓ ଅସମକନ୍ୟାର ବିବାହ ସାଧାରଣ ନୁହେ ଏବ ପ୍ରଥମଟି ହିନ୍ଦୁଙ୍କମଧ୍ୟରେ କୋଲ୍ଲ ଅପ୍ରଚଳିତ ନୁହଇ। ଏପରି ବହୁବିବାହ ବଂଶବୃଦ୍ଧିର ଅନୁକୂଳ ହେଲେ ସେହା ଜନସଂଖ୍ୟା ବୋଲି କେହି କହିବେ ନାହିଁ ବଂଶବୃଦ୍ଧିର ଅନ୍ତଶ୍ଚରଣ ବିଧବାବିବାହ ଅଗ୍ରାହ୍ୟ ଭଲ୍ଲପାଇ ହେଉ ଦେଖାଯାଉ ନାହିଁ। ବଙ୍ଗଳାରେ ହିନ୍ଦୁ ବିଧବାବିବାହ ଅତ୍ୟନ୍ତ ବିରଳ କେତୁ ଓଡ଼ିଶାରେ କେବଳ ବ୍ରାହ୍ମଣ କରଣ ଛଡ଼ା ଅନ୍ୟ ସମସ୍ତଶ୍ରେଣୀରେ ପ୍ରଚଳିତ ଅଛି। ତଥାପି ବଙ୍ଗଳାରେ ହିନ୍ଦୁସଂଖ୍ୟା ମୁସଲମାନମାନଙ୍କଠାରୁ ଯେପରି କମ୍ ହେଉଅଛି ଓଡ଼ିଶାରେ ସେପରି ହେଉ ନାହିଁ। ତେବେ ଏକଥା ବୋଲିପାରିବା ଯେ ଓଡ଼ିଶାରେ ବ୍ରାହ୍ମଣ ଓ କରଣଅପେକ୍ଷା ଅପର ହିନ୍ଦୁମାନଙ୍କର ବଂଶବୃଦ୍ଧି ଅଧିକ ହେବାର ପ୍ରମାଣ ନ ହେବପର୍ଯ୍ୟନ୍ତ ଉକ୍ତ କାରଣଟି ସମ୍ପୂର୍ଣ୍ଣରୂପେ ଯଥାର୍ଥ ବୋଲିପାରି ନ ପାରେ।

ଅମ୍ଭମାନଙ୍କ ବିବେଚନାରେ ଅପରଧର୍ମାବଲମ୍ବୀ ମାନେ ଯାହାକାହାକୁ ଆପଣାଧର୍ମରେ ଦୀକ୍ଷିତ କରିବାକୁ ଯେପରି ଚେଷ୍ଟାଶୀଳ ତଦ୍ଭିନ୍ନ ଯେ ହିନ୍ଦୁମାନେ ଠିକ ବିପରୀତ କାର୍ଯ୍ୟ କରନ୍ତି। ଅର୍ଥାତ୍ ଯେ ଧର୍ମବିରୁଦ୍ଧକାର୍ଯ୍ୟ କଲା ତାହାକୁ ସମାଜରୁ ବାହାର କରନ୍ତି ଏବଂ ଅପରଧର୍ମର ଲୋକଙ୍କୁ ଅପଣା କରନ୍ତି ନାହିଁ ବୋଲି ହିନ୍ଦୁଦଳ କ୍ରମଶଃ କ୍ଷୀଣ ଏବଂ ଅନ୍ୟଧର୍ମାବଲମ୍ବି

Digitized by srujanika@gmail.com

ଏକ ଦୃଷ୍ଟି ରଖୁଅଛନ୍ତି । ହିନ୍ଦୁସାମ୍ରାଜ୍ୟମାନଙ୍କରେ ଭୁଞ୍ଜିବୁଝି ବ୍ୟବସ୍ଥା କରୁଅଛନ୍ତି । ସେମାନେ ଆପଣ ଉନ୍ନତିଠାରୁ ଅଧିକ ଉନ୍ନତ ଅଧିକାରୀର ବିଷୟ ଜାଣନ୍ତି । ଏବଂ ଭୁଲ ଲୋପ କେବଳ ଅନ୍ୟାନ୍ୟଙ୍କର ପ୍ରତି ଦୟା ନ ଯାଉ । ଫଳତଃ ବଂଶଲୋପ ହୁଏ ଉଦ୍ଦେଶ୍ୟ ବଂଶବୃଦ୍ଧି ହେଉ ।

## ସାପ୍ତାହିକ ସମ୍ବାଦ ।

କଟକଜାତୀୟ ଅଡିସନାଲ ସବଡିପୁଟି ଇନସ୍‌ପେକ୍ଟର ବାବୁ ହରାନନ୍ଦ ଶ୍ରୀଯୁକ୍ତ ଲକ୍ଷ୍ମୀନାରାୟଣ ଲୋକନାଥ ମିଶ୍ରଙ୍କର ଗତ ଦେବୀ ଭାଇ ଭଉଣୀ ଏବଂ ପୁତ୍ର ଅଲଗା କରଅଛନ୍ତି ।

### ଉଲ୍ଲେଖ! ଗେଜେଟ !

ବହୁଭାଷୀ କଲେକ୍ଟର ବାବୁ ଯୋଗେନ୍ଦ୍ରମୋହନ ସିଂହ ଡେପୁଟୀକଲେକ୍ଟର ପଦରେ ସ୍ଥାୟୀ ହୋଇ ବାଲେଶ୍ୱରରେ ଅବସ୍ଥାପିତ ହୋଇଅଛନ୍ତି ଓ ଏମ୍ ଶ୍ରେଣୀ ମାଜିଷ୍ଟ୍ରେଟ କ୍ଷମତା ପ୍ରାପ୍ତ ହୋଇଅଛନ୍ତି ।

ଶିକ୍ଷାନବିସ୍ ବହୁଭାଷୀ କଲେକ୍ଟର ବାବୁ ଦଇତାରି ମହାନ୍ତି ଜାଜପୁରରେ ଅବସ୍ଥାପିତ ହୋଇଅଛନ୍ତି ।

ଖୋର୍ଦ୍ଧାର ଏଃ ମାଜିଷ୍ଟ୍ରେଟ ଓ ଡେପୁଟି କଲେକ୍ଟର ମିଃ ମାହ ... ପର୍ଯ୍ୟନ୍ତ ଅସ୍ଥାୟୀ ଭାବରେ ୧ମ ଶ୍ରେଣୀର ଡେପୁଟୀମାଜିଷ୍ଟ୍ରେଟ ଓ ଡେପୁଟୀକଲେକ୍ଟରର ପଦରେ ଉନ୍ନତ ହୋଇଅଛନ୍ତି ଓ ୧ମ ଶ୍ରେଣୀ ମାଜିଷ୍ଟ୍ରେଟ କ୍ଷମତା ପ୍ରାପ୍ତ ହୋଇଅଛନ୍ତି ।

ସୁଭ ମାଜିଷ୍ଟ୍ରେଟ ମିଃ ଜ, ଏଚ୍, ଡି, ଖାଲସ୍ ୧ମ ଶ୍ରେଣୀର ଡେପୁଟୀମାଜିଷ୍ଟ୍ରେଟ ଓ ଡେପୁଟୀକଲେକ୍ଟରର ପଦରେ ସ୍ଥାୟୀ ହେଲେ ଯେତେ ପର୍ଯ୍ୟନ୍ତ ସୁଭ ମାଜିଷ୍ଟ୍ରେଟଙ୍କ କାର୍ଯ୍ୟ କରୁଥିବେ ।

ବାଲେଶ୍ୱର ଡିଷ୍ଟ୍ରିକ୍ଟର ଜେଲରଙ୍କ ଓ ବାଲେଶ୍ୱର ... ସୀମାମଧ୍ୟସ୍ଥିତ ଜମିର ସର୍ଭେ ହେବାର ନୋଟିସ ପ୍ରକାଶିତ ହୋଇଅଛି ।

ଏଫ୍, ଏ, ପରୀକ୍ଷାର ଫଳ ପ୍ରକାଶିତ ହୋଇଅଛି । ରେଭେନ୍ସା କଲେଜରୁ ଜଣେ ଛାତ୍ର ବୃତ୍ତି ପ୍ରାପ୍ତ ହୋଇଅଛନ୍ତି ।

### ଗୌରବର ବୃତ୍ତି । ମହାରାଜଙ୍କ ଉତ୍ତର ।

୧୮୯୪ ମସିହାର ସୁବର୍ଣ୍ଣଶିକ୍ଷା ପରୀକ୍ଷା ୧୮୯୫ ମସିହାର ଶିକ୍ଷାସମ୍ବନ୍ଧ ୨। ୧୨ ଲେଖା ଓ ଏମ୍ ଏ, ବି ଏ, ଏ, ପରୀକ୍ଷା ଦେବାର ତା ୨୭ ରିଖରୁ ଆରମ୍ଭ ହେବ ।

ଅପଗାମିସ୍ଥାନର ଅମିର ସୁଲତାନ, ଆଫଗାନ, ବଳନ୍ତ ଏବଂ ତାହାଙ୍କର ପ୍ରଜାମାନଙ୍କ ଅନେକ ଲୋକ ପଠାଇ ଅଛନ୍ତି । ସେମାନେ ଏହି ସ୍ଥାନ ଯୋଗଦେବ ହେବାର ଆଶା ଅଛି ।

ଏହି ଠାରୁ ଅଧିକ ବର୍ଷାରୁ ପ୍ରକାଶ ଯେ ଉତ୍ତରପୂର୍ବ ରାଜ୍ୟ କ.ସ କରୁଅଛି ଏବଂ ବଳ ପ୍ରଜାମାନଙ୍କ ପ୍ରତି ଉପଦ୍ରବମାନ ହୋଇଅଛି । ସେହି ଏହାର ସମ୍ବାଦ ଆଣିବାର ସମୟରେ ଲୋକ ସେମାନଙ୍କର ଭୟରେ ବଂଶ ବଜାଇ ... । ଓଡ଼ିଶା ଉତ୍ତରପଶ୍ଚିମ ଗୋଲମାଲ ହେଲେ ଦୁଇଜଣ ପ୍ରଧାନକର୍ମଚାରୀ ବନ୍ଦୀ ହୋଇଅଛନ୍ତି ।

ଅନୁସନ୍ଧାନଠାରୁ ଅଧିକ ସମ୍ବାଦ ପ୍ରକାଶ ଯେ

ଗମିବ ଅନ୍ତରେ ନବେଦନ ପୁଣ ଯୋଗ ଉପସ୍ଥାନ ପ୍ରାପ୍ତ ହୋଇଅଛି ରେଳପଥ ଏ ଦେଶରେ ସମ୍ପତ୍ତି କର ହେଲା ଏବଂ ଏହି ସ୍ଥାନରୁ ଏହି ସମ୍ବାଦ ମିଳିଅଛି ସ୍ୱଦେଶ ଉପସ୍ଥିତ ହୋଇଅଛି । [illegible] ଉପସ୍ଥିତ ହେବ ଏବଂ କି ହୋଇ ପାରେ ?

ମୌଲ୍‌ବୀ ବୃନ୍ଦ ଦୋକାନରେ ଗତମାସ ତା ୨୮ ରିଖରେ ଆଉ ଦୋକାନ ସମ୍ବାଦ ମିଳିଲା ।

ଗତମାସ ତା ୨୧ ରିଖରେ କୋଣାର୍କଠାରେ ପାରଷା ନାଳ କମାଇବା ବୃଦ୍ଧି ହୋଇଥିବାର ସମ୍ବାଦ ମିଳିଲା । ଏହି ମୌଜାମାନ ଆଉ ତଥା ତୋଷାଖାନ ଫଳ କୋଣ କହିବ ହୁଏ ।

ଆସନ ନାର୍ଦ୍ଦଙ୍ଗା ଜୋଗ ଜଗନ୍ନାଥ ମନ୍ଦିର ଚତ୍ୱରରେ ଜମାଦ ବଡ଼ ପଣ୍ଡାର ସହିତ ରାଜକାର୍ଯ୍ୟ ଓ ପାଠ ଶାସ୍ତ୍ର ଅର୍ଥବଳ ପ୍ରାପ୍ତ ହୋଇଅଛି । କେତେକ କମିଟିର କେତେକ ଏହାଙ୍କ କହି ରାଜପଥ ଛାଡ଼ିଲେ ।

### ଦୁଃଖବାଦ ।

ବଡ ଦୁଃଖର ସହିତ ଜଣାଉଅଛୁ ଯେ କଟକର ବାବୁ ଅନନ୍ତ ମହାନ୍ତି ଗତ ମଙ୍ଗଳବାର ଦିନର ଶେଷରେ ପରଲୋକଗାମୀ ହୋଇ ଅଛନ୍ତି । ଏହି ଶେଷ ଘଟଣା ଠାରେ କହିବାକୁ ଅଛି କି ତାଙ୍କ ମୃତ୍ୟୁରେ ଉତ୍ତମ ପ୍ରକାଶ ପାଇଁ ଉପଯୁକ୍ତ ସମୟରେ ସ୍ଥାପନ ଯୋଗ୍ୟ ଗୁଣ ଥିଲା । ତାଙ୍କ ... ପ୍ରଭୃତି ଅନେକ ଶିକ୍ଷା ବଳେ ପୂର୍ଣ୍ଣ ହୋଇଥିଲା ।

ପ୍ରାୟ ଏକ ମାସ ହେବ ପୁରୀ ଜିଲ୍ଲା ୨ ଏ ହଜାର ଦଣ୍ଡଭଙ୍ଗା ନାମ ... ଗ୍ରାମରେ ଜଣେ ଲୋକ ଘରେ ଖଣ୍ଡ ୫ ୮ ଟା ଘଟଣା ହେଲାରେ ସେ ହିଏ ଧନୁସ ... ନଦୀକୂଳରେ ପରେ ... ସେହି ଲୋକ ଆଘାତ ପାଇ ଶରୀର ଛିଡ଼ି ଯାଇଥିଲା । ତାହାର ଅବସ୍ଥା ... ପ୍ରାୟ ରେ ଏହା କହିଲି ପୁଲିସ ଅନୁସନ୍ଧାନ କରୁ ଅଛନ୍ତି । ଏହି ପ୍ରମାଣ ମିଳି ନାହିଁ ।

ଗତ ସ୍ନାନପୂର୍ଣ୍ଣିମା ଦିନ ଶ୍ରୀକ୍ଷେତ୍ରମନ୍ଦିରରେ ଶ୍ରୀ ଜଗନ୍ନାଥ ଓ ଶ୍ରୀ ବଳଦେବ ଦୁଇ ଭାଇଙ୍କ ଅସୁସ୍ଥ ବିଷୟ ଘୋଷଣା ହୋଇଥିଲା । ଶ୍ରୀ ବଳଦେବଙ୍କ ଅସୁସ୍ଥ ଜର, ମୁଣ୍ଡ, ଶ୍ରୀ ଜଗନ୍ନାଥ ମନ ସୁସ୍ଥ, ଏବଂ ଶ୍ରୀ ଜଗନ୍ନାଥ ଦେବଙ୍କ ଅସୁସ୍ଥ ଯେ ତହିଁ ଶ୍ରୀ ବଳଦେବଙ୍କ ଆରୋଗ୍ୟ ହେଲେ । ଏପରି ଖବର ଉଦ୍‌ଘୋଷଣା ଶୁଣି କାହିଁକି ଦେଖା ନ ଥିଲା । ବଡ଼ ଦୁଃଖର କଥା !

ଉକ୍ତ ଦିନ ଅନେକ ହେଲେ ନ ହେବାରୁ ପଣ୍ଡାମାନଙ୍କର ଶ୍ରୀ ଜଗନ୍ନାଥ ସ୍ୱାମୀ ମୂର୍ତ୍ତି କଳେବର ତଥାପି କହି ଜଗନ୍ନାଥ ମନ୍ଦିରରେ ତୁଳସୀ ପରି ମାନଙ୍କରେ ତ ଲୋକରେ ହୋଇଥିବା ଯୋଗଦେବ ପ୍ରାଚୀନ ଅନୁରୂପ ବାହାର ଦାହାର ସନ୍ଧ୍ୟାରେ ଆରମ୍ଭ ହୋଇ ଏହାର ବାହାରେ ତାହାକୁ ଶରୀରେ ଯେଉଁ ଜାନା ଓ ଲକ୍ଷ ଟଙ୍କା ତୁଳନା ଅଭ୍ୟାସ ସହିବାରେ ନଭିକ୍ଷାପର୍ଯ୍ୟନ୍ତ ଭ୍ରମଣ କରୁଥିବା ଭକ୍ତ ପ୍ରାୟ ... ଉପରେ ବ.ଜତ ଅଭ୍ୟାସ ପୂଜା ପୁନଃ ଲକ୍ଷ ଯାତ୍ରୀମାନେ ଜଗନ୍ନାଥଙ୍କଠାରେ ଯୋଗ ଅଛନ୍ତି । ଘଟ ।

### ଯାଜପୁର-ସମ୍ବାଦ ।

ଗତ ବୃଷ୍ଟିରେ ଏଠାରେ ୨୭ ଲକ୍ଷ ... ବର୍ଷା ହୋଇଥିବାରୁ ଚକ ଗାଲିମାନ ଉତ୍ପନ୍ନ ହୋଇ ଯାଇ ଅନ୍ତର୍ଦ୍ଧାନ ହେଲା ତହିଁ ଦୁଇ ନ ହେବାରୁ ଖାଇବାପାଇଁ ... ଲୋକ

ବ୍ୟାଘ୍ରାଦି ଘଟଣା, ଦେଶମାନ ଶେଷ ହେବାକୁ ଲାଗିଲା ତଥାପି ଅନ୍ତର୍ଗତ ଧାନ ରୁଣା ହେଲା କାହିଁ ଏବର୍ଷ ବୃଷ୍ଟି କର ଯେ ଲାଭ ହେବ ବୋଲି ଯାଇ ନ ପାରେ ।

ଡାକ୍ତରଖାନାରୁ ଜଣାଯାଏ ତାହାର ସୀମାର ଦ୍ୱିଗୁଣ ସଂଖ୍ୟା ର ପ୍ରବଳ ରୋଗୀ ଗ୍ରସ୍ତ ଅଧିକ ଅସୁସ୍ଥ ମାନଙ୍କରେ ଚିକିତ୍ସା ହୋଇ ଥିବାରେ ନାନା ଅସୁବିଧାରେ ଏପରି ଦୁର୍ଭିକ୍ଷ କାହାର ଅଛି ଯେ ଏକ ମାସରେ ରୋଗୀମାନଙ୍କର ଚିକିତ୍ସା କରିବା କଠିନ ହୋଇଅଛି ଏହା ସ୍ଥଳରେ ନିଜ ଖାଦ୍ୟ ... ସହିତ ଡାକ୍ତରଖାନା ମାନଙ୍କ ... ଦୁର୍ଭିକ୍ଷ କାଳ ତାହାର ସାହାଯ୍ୟ ସମ୍ବନ୍ଧରେ ସାହାଯ୍ୟ ହୋଇ ଜଳ ଖାଦ୍ୟ ଦାନ ନିମିତ୍ତ ଦେଇ ଡାକ୍ତରଖାନାର ସ୍ଥାପିତ ... ଅନେକ ସହଯୋଗ ହେଉନ୍ତୁ ।

ସମ୍ପ୍ରତି ଏହାର ଡାକ୍ତରଖାନାରେ ଡେପୁଟି କମିଶନର ମି ଏଡ୍ ୱାର୍ଡ ସାହେବ ଓ ... ଅଛନ୍ତି । ଗରିବ ଲୋକ ତାଙ୍କୁ ଅନେକ ପ୍ରକାର ଉପକାର ପାଇ ଅତି ସୁଖର ହେବାକୁ କହୁଥିଲେ ଯେ ସଂସାରେ ପ୍ରଚାର ହେଉ ନ ଥାଏ ଏହା ସଙ୍ଗେ ଅଧିକ ଅର୍ଥ ସାହାଯ୍ୟ ସ୍ୱୀକାର ହେବାରେ ଡାକ୍ତରଖାନା ତାହାଙ୍କ ସମ୍ମାନ ହୋଇ ଆପଣା ସମ୍ପତ୍ତିର ସେବକମାନ ଉଦ୍ଧାରଣ ହୋଇ ଗୋଟିଏ ସୁବିଧା ଅଧିକ ସ୍ଥାନକୁ ଉଠାଇ ଦେଇ ତାହାର ଗୋଟିଏ ତାଳ ଗଛ ସୀମାରେ ସେ ସେହିଠାରେ ବେଡ଼ୋଇ ବୋଲି ଏଠାରେ ଅନ୍ତ ଆକାଶ ଏକଟା ବଳାୟ ସାଇବେରିଆ ଯେଉଁଠାରେ ପଡ଼ିଥିଲା ଚାରିକୋଟି ଏକ ଶେଷ ପର୍ଯ୍ୟନ୍ତ ସୁଦୂର ଏଥିର ସମ୍ମାନ ହେବାକୁ ନବ ଲକ୍ଷ ସରକାରୀ ସମ୍ପତ୍ତିକୁ ପ୍ରାପ୍ତ, ଶାଳାକୁ ପଠାଇ ଦେଇ ମକଦ୍ଦମା ଚଳାଇ ବିଧ ଉପଯୋଗ ଡାକ୍ତରଖାନା ସ୍ଥାପନ ଅସାଧ ହୋଇଥିବାରୁ ପ୍ରମାଣ ପାଇଁ ତାହ ସ୍ୱଚ୍ଛ ଦେଶରେ ସର୍ବଦା ମାଜିଷ୍ଟ୍ରେଟ ମହାଶୟ ଉପସ୍ଥିତ ଥିଲେ ପ୍ରମାଣ ନେଇ ଡାକ୍ତରଖାନା ଅନ୍ତ ମିଶ୍ର ସୁଧାକର ଜାଗିବ ଓ ୫ ଶ ଟଙ୍କା ଅର୍ଥ ଦଣ୍ଡ କରିଅଛନ୍ତି । ଡାକ୍ତରଖାନା ଦ୍ୱାରା ଏଠାରେ ସେତେ ଅଚ୍ଛିତ ଅଛନ୍ତି ।

ବୈତରଣୀ ନଦୀର ଉତ୍ତରପାର୍ଶ୍ୱ କପଟ ଜାଜପୁର ଗ୍ରାମରେ ଏକ ବୈଶାଖୀ (ଚଇତ୍ରୀ) ପର୍ବ ହେଲା ଗ୍ରାମର ୫ ୭ ଶ ପ୍ରଜାଙ୍କର ଘୋ ୫ ୫ ଘରଛ ଭଗ୍ନ ଉଠାଇ ନେଇ ସେଠାରୁ ନେଇଚ ଅନ୍ତରେ ପଡ଼ିଆ ହୋଇଥିଲା ସେ ସମୟରେ ଲୋକ ସ୍ୱଗୃହେ ଥିଲେ ଏ ଲୋକମାନେ ଅନେକ ଲୋକ ଧାଇଁ ଆସିଲେ ପ୍ରାଣ ପାଇଲେ ତାହାର କିଛି ଅନିଷ୍ଟ ହୋଇ ନାହିଁ ।

### ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଆମ୍ଭେମାନେ ଦାୟୀ ନୋହୁଁ ।

ମାନ୍ୟବର ଶ୍ରୀଯୁକ୍ତ ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ

ମହାଶୟ ସମୀପେଷୁ !

ମହାଶୟ !

ନିମ୍ନ ଲିଖିତ ଓ ମଦ୍ୟାବର୍ତ୍ତନର ଏବଂ ବାଞ୍ଛିତ ସମ୍ପାର୍ଥ ଉତ୍କଳପତ୍ରିକାରୁ ପାଠିକା ସନ୍ତତିମାନଙ୍କ ଭିନ୍ନରେ ପ୍ରକାଶ କରିବେ ।

Digitized by srujanika@gmail.com

Split by PDF Splitter



ପାବନୀ ମେହନ ବ୍ରାହ୍ମଣ ବଳି ଏ ଗୃହସ୍ଥାନ ପଶ୍ଚାତରେ । ବଡ ଦୟ ହେଉମ ନାମ ପୁଣି ହେବ ଧାଉା ଅଦ୍ୟବଧି ଲୋକରେ । ଏତଲେ ! ଏ ବେଦାନ୍ତର ଶକ୍ତି ଧର । ହେବ ଉତ୍ତରବର୍ତ୍ତି ଗତଲେ ନଦୀ ସ୍ମୃତିବର୍ତ୍ତି ସ୍ଥିତେ ଭଦ୍ର । ୧ ।

ଲକ୍ଷପଥ ନାମ ଉଚ୍ଚାରଣ । ମିତ୍ର ପୁଣି ହେବ ଧରାଧର । ପ୍ରଥମବର୍ଣ୍ଣ ଲୋପେ ନାଦୀସ୍ଥାନ । ଦ୍ୱିତୀୟ ଲୋପେ ସବାସ୍ପୃଷ୍ଟୀ ଜାଣ । ତୃତୀୟ ଲୋପରେ । ବଳ ବୋଲିଣ୍ଟି ଅର୍ଥ ପ୍ରଚରେ । ଇତି ।

ମାତୃଗ୍ରାମ } ଭବଦୀୟ
୨୭।୫।୯୩ } ଶ୍ରୀ ବଳଭଦ୍ରଦେବ ଶର୍ମା

---

ମହାଶୟ !

ନିମ୍ନଲିଖିତ କତିପୟ ପଂକ୍ତିକୁ ଆପଣଙ୍କ ଦଗ୍ଧାଭ ପତ୍ରିକାରେ ସ୍ଥାନଦାନ କରି ବାଧିତ କରିବେ ।

ଅଧ ନଗରର ପଶ୍ଚିମଦିଗସ୍ଥ ହସ୍ପିଟାଲଠାରୁ ନାମକ ଗ୍ରାମର ପ୍ରାୟ ସମୁଦାୟ ବସ୍ତି ଗତ ଜ୍ୟେଷ୍ଠ ତା ୧୭ ରଖ ଘଣ୍ଟା ୧୦ ଟା ସମୟରେ ଅଗ୍ନିସ୍ପର୍ଶରେ ଭସ୍ମସାତ ହୋଇ ଯାଇଅଛି । ସେହି ଦାରୁଣ ଦୁର୍ଘଟଣାରେ ସୂର୍ଯ୍ୟଦେବ ନିଦାଘ କାଳୀନ ତୀବ୍ର ସ୍ୱକୀୟ ତେଜୋମୟ ଶକ୍ତି ପ୍ରଦର୍ଶାଇଥିବା ଦେଖି, ପବନଦେବଙ୍କୁ କି ଦୁଃଖାଗ୍ନି ଦେବତା ପୂର୍ବା ପବନବଳ ର ନିଶ୍ଚେଷ୍ଟଭାବରୁ ସ୍ୱକୀୟ ପ୍ରତାପ ପ୍ରଦର୍ଶନ କରିଥିଲେ । ଓଃ ! ସେହି ଭସ୍ମୀଭୂତ ଗ୍ରାମର ଶତ ଶତ ପ୍ରାଣୀଙ୍କ ଦୁର୍ଗତି ଅତି ଶୋଚନୀୟ । କେତେକେତେ ଶ୍ରୀମାନ୍ ମହାତ୍ମା ଦ୍ରୁତବେଗେ ଉପସ୍ଥିତରେ ଗ୍ରାମ୍ୟ ଅଧମାନଙ୍କୁ ଦୂରବର୍ତ୍ତୀ ସେହି ଅଗ୍ନି-ସ୍ଫୁଲିଙ୍ଗମାନଙ୍କରେ ପ୍ରବେଶ ହୋଇ ସ୍ୱହସ୍ତରେ ସୁବା ସଞ୍ଚିତ ପ୍ରଭାବର ରଖିବାକୁ ଏହି ଉପକାରକମାନଙ୍କୁ ଅପ୍ରତ୍ୟକ୍ଷ ବସ୍ତ୍ରାଦି ସହ ସେଷାଉନ୍ମୁଖରୁ ରକ୍ଷା କରିଅଛନ୍ତି । କହିଁ ପରଦେଶ ପ୍ରାନ୍ତେ କୋଡ଼ି ଶ୍ରୀ ଯୁବରାଜ ସେହି ପ୍ରଜାବର୍ଗଙ୍କ ବସବାସର ଅବସ୍ଥା ସନ୍ଦର୍ଶନାର୍ଥ ସେଠାକୁ ଗମନ କରି ଲଭ ପୂର୍ବ ଅଧ ନଗରରେ ସ୍ୱୀୟ ମଞ୍ଜିଲଭବନ ଉପଲକ୍ଷେ ପ୍ରସ୍ତୁତ ହୋଇଥିବା କାଠକୁ ପରିମାଣ ବୁଝି ସ୍ତ୍ରୀ ବ୍ୟକ୍ତିମାନେ ବଦାନ୍ୟ ଭାବରେ ନେଇ ସୁ ଅବସ୍ଥାର ପ୍ରସ୍ତୁତ କରିବାକୁ ଅଦେଶ ଦେବାରୁ ସେମାନେ ପରିତୋଷିତ ହୋଇ ଅଛନ୍ତି । ଏହିପରି ଶ୍ରୀଯୁବରାଜ ମହୋଦୟଙ୍କ ସଦ୍ଗୁଣ ରାଶି ପର ଅନୁକରଣ କରିଲେ ଶ୍ରଦ୍ଧାଯୁକ୍ତ ମନୋନିବେଶ ପୂର୍ବକ କୃତକାର୍ଯ୍ୟ ହେଲେ ଅବଶ୍ୟ ସ୍ୱୀୟ ସ୍ୱଜାତି ପ୍ରତିଷ୍ଠିତ ହୋଇ ପାରିବେ ।

୧୦।୬।୯୩ } ଭବଦୀୟ
ଅଠମଲ୍ଲିକ } ଶ୍ରୀ ଶ୍ୟାମସୁନ୍ଦର ମହାନ୍ତି ।

---

ମହାଶୟ !

ନିମ୍ନଲିଖିତ ଓଡ଼ିଆ ଗେଜେଟ ସମ୍ବନ୍ଧୀୟ କତିପୟ କଥାକୁ ଆପଣଙ୍କ ପତ୍ରରେ ସ୍ଥାନ ପ୍ରଦାନ କରି ବାଧିତ କରିବେ । ଯଥା; ପ୍ରଥମତଃ ଗବର୍ଣ୍ଣମେଣ୍ଟଙ୍କଦ୍ୱାରା ଗେଜେଟ ପ୍ରଚାରିତ କରିବାର ଯେ ଅଭିପ୍ରାୟ ଜଣାଯାଇଥିଲା ତାହା ପୂର୍ଣ୍ଣ ଅଟେ କାରଣ ସ୍ଥାନୀୟ ଗବର୍ଣ୍ଣମେଣ୍ଟଙ୍କ ମଧ୍ୟରେ ଅନେକ ଓ ଗେଜେଟ ବା ଧର୍ମଶାସ୍ତ୍ର ଜ୍ଞାନ ଲାଭବାଦ୍ୟ ବ୍ୟକ୍ତି ଅନେକ ଅବାର ଜାତୀୟ ହୁଅନ୍ତି । ତଥାପି ସେମାନେ ପାଣ୍ଡି ପ୍ରଭୃତି ମଫସଲସ୍ଥାନରେ ଓ ଅଳ୍ପ ସଦରସ୍ଥାନମାନଙ୍କରେ ଦେଶୀ ଧର୍ମ ଅନୁଷ୍ଠିତ କରନ୍ତି । ମଫସଲ ଫାଣ୍ଡିମାନଙ୍କରେ ନେଟିଣ୍ ଜଃ ଓ ଜଃ ବଳ ଅଟନ୍ତି ଜହିଁରୁ ଅଧିକାଂଶ ଅଜ୍ଞ ଓ ଗେଜେଟାଦି ଜାଣିବା ଅନଭିଜ୍ଞ । ସେମାନେ କେବଳ ସ୍ନେହ ଓ ପ୍ରଭାବର ଓ ମାଜିଷ୍ଟ୍ରେଟ ଓ ଶୁଣିଶୁଣି ଇତ୍ୟାଦି କୌଣସି ଗୋଟି ମହତ୍ତ୍ୱଭାବ ଅନୁସନ୍ଧାନ କରିବା ଓ ଉପାୟ ଅଭାବ ଦଣ୍ଡ ଭାଗି ଧର୍ମ କରନ୍ତି । ସେମାନେ ବ୍ୟସ୍ତ ହେଉଅଛନ୍ତି ଏବଂ ଉପାୟାନ୍ତର ନ ଦେଖି ଦୁଃଖରେ ମଫସଲସ୍ଥାନରେ ଅନନ୍ତ ଆସ୍ତି ଏବଂ ବନ୍ଧୁମାନଙ୍କ ସହିତ ସଦାଳାପ କରି ସବୁଦେବତା ରକ୍ଷିବା ଏମାନଙ୍କର କାର୍ଯ୍ୟକୁ ପ୍ରକାଶ ହେଉ ନାହିଁ । ଅଧିକାଂଶ ସ୍ଥାନମାନଙ୍କ ରୂପ ଓ ବେଶ ଓ ବାକ୍ୟରେ ମଣ୍ଡିତ ଥାନ୍ତି । କେଣୁ ସେମାନଙ୍କ ସହିତ ଆଳାପ କରିବାକୁ ସ୍ଥାୟୀଭାବ ବ୍ୟକ୍ତି ଭୟ କରନ୍ତି ଅତଏବ ଏମାନଙ୍କଦ୍ୱାରା ଗେଜେଟ ପ୍ରଚାର ହେବା କେବେହେଁ ସ୍ୱଯୁକ୍ତ ହେବ ତାହା ମହାନୁଭବମାନେ ବିଚାର କରି ପାରିବେ । ଅମ୍ଭମାନଙ୍କ ମତରେ ସ୍କୁଲସମ୍ବନ୍ଧୀୟ ଇନ୍ସପେକ୍ଟର ଓ ପ୍ରଧାନଶିକ୍ଷକମାନଙ୍କଦ୍ୱାରା ସେଗେଜେଟ ପ୍ରଚାରିତ ହେଲେ ଅବାରିତ କଥାମାନେ ଗେଜେଟର ମର୍ମ ବୁଝିପାରିବେ ଏବଂ ପ୍ରଶଂସିତ ଇନ୍ସପେକ୍ଟର ଓ ଶିକ୍ଷକମାନେ ତାହା ପ୍ରଚାରଣରେ ଚେଷ୍ଟା କରି ପାରିବା ସମ୍ଭବ । ଯେହେତୁ ସ୍କୁଲମାନଙ୍କରେ ଛାତ୍ର ଗେଜେଟ ପାଠ ହେବ ତଥାପି ସ୍କୁଲବାଳକମାନେ ମଧ୍ୟ ଭବିଷ୍ୟତରେ ଗେଜେଟ ଅଭ୍ୟସ୍ତର ଅନୁଗାମୀ ହୋଇ ପାରନ୍ତି ଏବଂ ସ୍କୁଲ ଡେପୁଟିଇନମାନେ ଉତ୍ତର୍ୟ ଜମିଦାର ଓ ଜମିଦାରମାନଙ୍କୁ ଗେଜେଟର ଖର୍ଚ୍ଚା ଅଦାୟ କରିବାର ସୁବନ୍ଦୋବସ୍ତ କରିପାରନ୍ତି । କେବଳ ଗେଜେଟ ବହୁମୂଲ୍ୟ ହେବାରୁ ତାହା ସଧାରଣରେ ଗ୍ରାହକ ହେବା କଷ୍ଟ ବୋଧ ହୁଏ । ଯଦ୍ୟପି ପରମଦୟାଳ ଉଚ୍ଚଶ୍ରେଣୀର ସରକାରବାହାଦୁର କ୍ଷୁଦ୍ର ଗେଜେଟର ବାର୍ଷିକମୂଲ୍ୟ ସାଧାରଣ ଓଡ଼ିଆଙ୍କର କାରଣ ପର ବାର୍ଷିକ ୮ ୩୯ ବା ଧାର୍ଯ୍ୟ କରନ୍ତି ତେବେ ଅମ୍ଭ ଜନ୍ତୁଳାରେ କ୍ଷୁଦ୍ର ଗେଜେଟ ବହୁଳ ପ୍ରଚାର ହେବା ସମ୍ଭବ । ଅତଏବ ଏ ବିଷୟ ଆପଣମାନଙ୍କ ଗୋଚରାର୍ଥେ ନିବେଦନ କଲୁଁ ଏ ପ୍ରତି ଦୟାଦୃଷ୍ଟି କରିବା ହେବ । ଇତି ।

୨୭।୫।୯୩ ଶ୍ରୀ କାଶୀନାଥ ଦାସ ମେନେଜର
। ଲ । ଭାଗିରଥୀବାଲ
। ସ୍ତ୍ରୀ । ମାସେବଡ଼ଖେଲ

---

ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ରଜା ବଳଦେବ ଭଞ୍ଜ | | ୫ ୦ ୯ |
| ବାବୁ ବାଣନଦନଉଦୟ ମହାପାତ୍ର | ଭାଲୁକା | ୫ ୦ ୯ |
| „ ଦେବାନାଥ ମହାନ୍ତି | ପାଲୁରେଲ | ୫ ୬ ୯ |
| କୁମାର ବସନ୍ତକୁମାରଦାସ ମହାପାତ୍ର ବାଲେଶ୍ୱର | ମେଦିନୀପୁର | ୫ ୦ ୯ |
| ବାବୁ ରମାଚରଣ ମିଶ୍ର | ଭଦ୍ରକ | ୫ ୬ ୯ |
| „ ପଦ୍ମଚରଣ ଦାସ | „ | ୫ ୦ ୯ |
| „ ଲକ୍ଷ୍ମୀନାରାୟଣ ନାୟକ | „ | ୫ ୯ ୯ |
| „ ମାର୍କଣ୍ଡ ଚୌଧୁରୀ | „ | ୫ ୯ ୯ |
| „ ନାଗିରଥ | „ | ୫ ୯ ୯ |
| „ ବୈଷ୍ଣବଚରଣ ଦାସ | ଜୟପୁର | ୫ ୦ ୯ |
| „ ଲୋକନାଥ ପଣ୍ଡିତ | ଲେକଗୁପ୍ତ | ୫ ୦ ୯ |
| „ ବୈଦ୍ୟନାଥ ମିଶ୍ର | ବଡ଼ମ୍ବା | ୫ ୯ ୯ |
| „ ଉଗ୍ରାମଶିଆଙ୍ଗ | | ୫ ୦ ୯ |

---


# ବିଜ୍ଞାପନ ।

## Sita-mai-ki Andira

## ସୀତା ମାଈ କି ଅଣ୍ଡିରା

ଅଦ୍ଭୁତ ଲବଣ, ଅଦ୍ଭୁତ ଜାତି, ଅତ ଉପକାରୀ ବଟିକା, ଏପରି ପ୍ରସ୍ତୁତ ଉତ୍କଳଭୂମିରେ ଅଦ୍ୟ ମୁଦ୍ରିତ ହୋଇ ନାହିଁ । ସବାଳବୃଦ୍ଧବନିତାଙ୍କର ସୁଖପାଠ୍ୟ ଅଟେ ।

ମୂଲ୍ୟ .. ୫ ୦/୨ ମାତ୍ର

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ପ୍ରାପ୍ତବ୍ୟ


Digitized by srujanika@gmail.com

Split by PDF Splitter




## FOR SALE.

One English made office Jan Palki Ghary and a country breed mare aged 8 years old with harness.

Apply to the Secretary Printing Company Cuttack for particulars.



## ବିଜ୍ଞାପନ।

ମୃତ ଓଁକାର ରାମମୋହନ ମଲ୍ଲିକଙ୍କ ନାବାଳଗ ପୁତ୍ର ବ୍ରଜନାରାୟଣ ମଲ୍ଲିକର ଅମ୍ଭେ ମ୍ୟାନେଜର ନିଯୁକ୍ତ ହୋଇ ନାବାଳଗର ହିତ ନିମନ୍ତେ ଅନେକ କଂସା ପିତ୍ତଳର ବାସନ ଓ ଅନ୍ୟାନ୍ୟ ଦ୍ରବ୍ୟ ବିକ୍ରୟ କରିବାର ସ୍ଥିର କରିଅଛୁଁ। ବାସନମାନ ଅମ୍ଭ ବସାପିଲଗ୍ନ କରକ୍ଷୀଗିନାମକ ଲୁଗାଦୋକାନରେ ଏବଂ ଅନ୍ୟାନ୍ୟ ଦ୍ରବ୍ୟ ମୃତବ୍ୟକ୍ତିଙ୍କ ବସାଘରେ ଅଛି। ଯାହାଙ୍କର ପ୍ରୟୋଜନ ହେବ ଜିନସମାନ ଦେଖି ସୁଲଭମୂଲ୍ୟରେ କିଣିପାରିବେ।

କଟକ ୩୧।୫।୯୩ } ଶ୍ରୀ ଗୌରୀଶଙ୍କର ରାୟ



## For sale

A large Boat, 73 feet long by over 6 feet wide, very strong, built at Sambalpur, containing 2 cabins, nicely fitted, 6½ feet high, and 3 cabins suitable for servants and crew, about 5 feet high. The 5 cabins are roofed with wood and painted.

On view at Gurgurria ghat, near the Fort, Cuttack. Price Rs. 500.

ଏଥିଦ୍ୱାରା ଜଣାଇ ଦିଆଯାଉଅଛି ଯେ ସମ୍ବଲପୁରଠାରେ ନିର୍ମିତ ୭୩ ଫୁଟ ଲମ୍ବ ଓ ୬ ଫୁଟରୁ ବେଶି ଚୌଡ଼ା ଗୋଟିଏ ଅତ୍ୟନ୍ତ ମଜବୁତ ବଡ଼ ବୋଟ ଅର୍ଥାତ୍ ନୌକା କେସ୍ପାର୍ଟେ ବାରବାଟୀ-କିଲ୍ଲା ଗଡ଼ଗଡ଼ିଆ ଘାଟ ନିକଟ ମୌଜୁଦ ଅଛି। ସେଥିରେ ୬½ ଫୁଟ ଉଚ୍ଚ ୨ ଗୋଟା କାମରା ଉତ୍ତମରୂପେ ସଜ୍ଜିତ ହୋଇଅଛି। ଅଉ ମାଝି ଓ ଅନ୍ୟାନ୍ୟ ଚାକରଙ୍କ ପାଇଁ ୫ ଫୁଟ ଉଚ୍ଚ ୩ଟା କାମରା ଅଛି। ଏହି ୫ କାମରାର ଛାତ କାଠଦ୍ୱାରା ନିର୍ମିତ ହୋଇ ଉତ୍ତମରୂପେ ରଙ୍ଗ ଦିଆଯାଇ ଅଛି। ମୂଲ୍ୟ ଟ. ୫୦୦ ଟଙ୍କା

ଗ୍ରାହକ ଦେଖିବାକୁ ଇଚ୍ଛା କଲେ ଉପରୋକ୍ତ ସ୍ଥାନରେ ଯାଇଁ ଦେଖିପାରିବେ।

ଯେ କେହି ଏହି ବୋଟ ନେବାକୁ ଇଚ୍ଛା କରିବେ ସେ କଟକ ବାପ୍ଟିଷ୍ଟ ମିଶନ ରେଭରେଣ୍ଡ ଜନ୍ ଭଗାନ ସାହେବଙ୍କ ନିକଟରେ ସାକ୍ଷାତ୍ କା ପତ୍ରଦ୍ୱାରା ଜଣାଇବ।

Apply to Revd. J, Voughan
Baptist Mission, Cuttack.


ସ୍ୱର୍ଗୀୟ ହାଲଡେନ ସାହେବଙ୍କର ମନୁସଂହିତା ଯେତେ ବିତରଣ ହେବାର ଥିଲା ତାହା ଶେଷ ହୋଇଁ ଯିବାରୁ ସର୍ବସାଧାରଣଙ୍କ ଜାଣିବା-କାରଣ ଏହା ପ୍ରକାଶ କରାଗଲା।


## ବନାରସୀମାଲ।

ବନାରସରେ ଅମ୍ଭର ଗୋଟିଏ ବାଣିଜ୍ୟ-କୋଠୀ ଅଛି ଏବଂ ଅନେକ ରାଜା, ମହାରାଜା ଏବଂ ଜମିଦାରମାନଙ୍କ ସହିତ ଅମ୍ଭର କାରବାର ଅଛି। ଅମ୍ଭକୋଠୀରେ ବନାରସୀ ଜରିଦାର କପଡ଼ା ପ୍ରଭୃତି ଆଶାନୁରୂପ ସୁଲଭ ମୂଲ୍ୟରେ ବିକ୍ରୟ ହୁଅଇ।

କେହି କୌଣସି ପଦାର୍ଥ ମଗାଇଲେ ଭେଲ୍ୟୁପେବଲ ପାର୍ଶଲରେ ପଠାଇ ଦିଆଯାଏ ମାତ୍ର ସେହି ପଦାର୍ଥ ମନୋମତ ନ ହେଲେ କିମ୍ବା ଅଧିକ ମୂଲ୍ୟର ବୋଧ ହେଲେ ଉକ୍ତ ପଦାର୍ଥ ଅମ୍ଭ ନିକଟକୁ ଓାପସ କରି ଦେଲେ ଅବଶ୍ୟ ଗ୍ରହଣ କରି ପସନ୍ଦମୁତାବକ ପଦାର୍ଥ ପୁଣି ପଠାଇ ଦେବୁଁ କିମ୍ବା ଟଙ୍କା ଓାପସ ଦେବୁଁ। ଏଣୁ ମାଲ ମଗାଇବା ବ୍ୟକ୍ତିଙ୍କୁ ପଦାର୍ଥ ଯିବା-ଆସିବାର ଡାକମାସୁଲ ସହିବାକୁ ହେବ।

ନିମ୍ନଲିଖିତ ପଦାର୍ଥମାନ ଅମ୍ଭର କୋଠିରେ ବିକ୍ରୟ ନିମନ୍ତେ ସର୍ବଦା ପ୍ରସ୍ତୁତ ଥାଏ।;—

ବନାରସୀ ଜରିଦାର ଶାଢ଼ୀ, ଜରିଦାର ଧୋତି ଚଦର, ସାଦା ଧୋତି ଚଦର, ଜରିଦାର ଟୋପି, କୋଟ, ରେଗା, ଜନଖାପ, ବାସ୍ତା, ସଙ୍ଗୀ, ବନାରସୀ ଦୋପଟ୍ଟା, ମଣ୍ଡିଲ, ଶିରରେ ବାନ୍ଧିବା ଫେଟା, ରୁମାଲ, ଶାଲ, ନାନାପ୍ରକାର ମୂର୍ତ୍ତି। ଏତଦ୍ଭିନ୍ନ ଆଉ ଯେ କୌଣସି ପ୍ରକାରର ପଦାର୍ଥ ବରାତ ଦେଲେ ତାହା ନିଶ୍ଚ ପଠାଇ ଦିଆଯିବ।

ରୂପାର ଗିଲ୍ଟିକରା କାଟହାଣ୍ଡିକା ପ୍ରଭୃତି ତିଆରି କରିବାକୁ ଆଦେଶ ଦେଲେ ଅତି-ସୁନ୍ଦର ରୂପେ ତିଆରି କରି ଦିଆଯିବ ମାତ୍ର କେତାଙ୍କୁ ତହିଁର ଅନୁମାନିକ ଚତୁର୍ଥାଂଶ ମୂଲ୍ୟ ଅଗ୍ରିମ ପଠାଇବାକୁ ହେବ।

ଅମ୍ଭ ନିକଟକୁ କେହି ପତ୍ର ଲେଖିବାକୁ ଇଚ୍ଛା କଲେ ହିନ୍ଦୀ କିମ୍ବା ଇଂରେଜୀ ଭାଷାରେ ଲେଖି ଆପଣାର ପୁରା ନାମ ଧାମ ସୁସ୍ପଷ୍ଟରୂପେ ଉଲ୍ଲେଖ କରି ଥିବେ।

ଶ୍ରୀ ପାଲୁମଲ ଖେଲାନାଥ।
କୁଞ୍ଜଗଲୀ ଫାଟକ, ବନାରସ।



## ପ୍ରଜାସ୍ୱତ୍ତ୍ୱବିଷୟକଆଇନ।

ଅର୍ଥାତ୍ ସନ ୧୮୮୫ ସାଲର ୮ ଆଇନ। ୧୮୫୯ ସାଲର ୧୦ ଆଇନ ବଦଳରେ ଏହି ଆଇନର କେତେକ ଅଂଶ ଓଡ଼ିଶାରେ ଚଳୁଅଛି। ଏହି ଆଇନର ସମ୍ପ୍ରଦାୟଅଂଶର ସହିତ ଓଡ଼ିଆ ଅନୁବାଦ, ଟୀକା ଓ ଲେଫ୍ଟନେଣ୍ଟ ଗବର୍ଣ୍ଣରଙ୍କଦ୍ୱାରା ପ୍ରଚଳିତ ଏହି ଆଇନସମ୍ପର୍କୀୟ ନିୟମାବଳୀ ଖଣ୍ଡିଏ ପୁସ୍ତକାକାରରେ ଅଳ୍ପଦିନ-ମଧ୍ୟରେ ଛପା ହେବ। ସର୍ବସାଧାରଣଙ୍କ ବୁଝିବା-ନିମନ୍ତେ କଠିନଶବ୍ଦମାନଙ୍କର ଅର୍ଥ ଲେଖାଯାଇ ଅଛି। ଜମିଦାର, ମକଦମ ଓ ଖରପୋଷଦାର-ପ୍ରଭୃତି ପ୍ରତ୍ୟେକ ଭୂମ୍ୟଧିକାରୀ ଓ ରୟତପକ୍ଷରେ ଏହି ଆଇନ ଅତ୍ୟନ୍ତ ପ୍ରୟୋଜନୀୟ। ଏହା ଶସ୍ତାଦରରେ କଟକ ଦରଘାବଜାର ପ୍ରିଣ୍ଟିଂକୋମ୍ପାନୀଙ୍କ ଛାପାଖାନାରେ ମିଳିବ



## ବିଚମସାହେବଙ୍କ ବଟିକା।

## (BEECHAM'S PILLS.)

ଫଳଦତେଚନାରେ ଏକ ୧ ଗିନିଅର ମୂଲ୍ୟ ଏକ ୧ ମୋହରକୁ ଶସ୍ତା କୋହିଯାଇ ପାରେ।

ଏ ବଟିକା କେବଳ ଉଦ୍ଭିଦପଦାର୍ଥରେ ପ୍ରସ୍ତୁତ ହୋଇ ଅଛି। ଏଥିରେ ପାରା ଅଫିମ ଇତ୍ୟାଦି ଉଷ୍ଣ କି ଧର୍ମହାନିକର ଦ୍ରବ୍ୟ କିଛି ନାହିଁ। ଏହା ସବୁ ହାତରେ ପ୍ରସ୍ତୁତ ହୋଇ ନାହିଁ କଳରେ ପ୍ରସ୍ତୁତ ହୋଇଅଛି।

ସକଳ ବୟସର ସ୍ତ୍ରୀ ପୁରୁଷଙ୍କ ପକ୍ଷରେ ସମାନ ଉପକାରୀ ବୋଲି ପୃଥିବୀରେ ବିଖ୍ୟାତ। ଥରେ ପରୀକ୍ଷା କଲେ ଏଥିର ଗୁଣ ଜାଣି ପାରିବ।

ଉଦରାମୟ, ପାକସ୍ଥଳୀରେ ବ୍ୟଥା, ମୁଣ୍ଡବ୍ୟଥା, ମୁଣ୍ଡବୁଲା, ଭୋଜନ କରିବାରୁ ଉଦରର ପରିପୂର୍ଣ୍ଣତା ଓ ସ୍ଫୀତତା, ନିଦ୍ରାଳୁତା, ଶୈତ୍ୟ, ତାପୋଦ୍ଗମ, କ୍ଷୁଧାମାନ୍ଦ୍ୟ, ଶ୍ୱାସ, କୋଷ୍ଠବଦ୍ଧତା, ଚର୍ମରୋଗ ଇତ୍ୟାଦି ସକଳପ୍ରକାର ସ୍ନାୟବିକ ଓ ପୈତ୍ତିକ ପୀଡ଼ାରେ ଏହି ବଟିକା ଅମୋଘ


Digitized by srujanika@gmail.com

Split by PDF Splitter



ଛିଦ୍ର । ଏବ ଲକ୍ଷ ସଂଖ୍ୟାର ଓ ଦେବସ୍ତୁତି-ପରର ଅବାନ୍ତ ହୁଇଥାଏ ।

ସ୍ୱନୋସ୍ତାଳର ସକଳନଗରର ଫଂଗ୍ରହ-ଭିଷଣୀ-ସୂଚୀରେ ପ୍ରାପ୍ତ ହୁଅନ୍ତି । ମୂଲ୍ୟ ପ୍ରଣ୍ଟସ୍ଥ ଅଟାର ଅନୁସାରେ ୫ ୦୫ ୫୦ ୯୦ ଓ ୫ ୦ ୩ଙ୍ଗ ଅଟଇ । ଆବଶ୍ୟକୀ ପୁଅକ ଦେଖା-ବୁଝିବ ।

# New School Books.

## JUST TO HAND.

Webb's Two hundred questions on Grammar and Idiom with Answers.

Webb's Keys to English Entrance Course for 1892 and 1893.

S. P. Ghosh's Key to English Entrance Course for 1894.

Chambers' Etymol. Dictionary.

Webb's Condensed Dictionary.

Webb's International Do.

Whitehall Drawing Copy Books.

R. C. Dutt's History of India.

Catechism of History of India.

Buckley's History of England.

K. P. Basu's Algebra.

Royal Readers No. I to IV.

Manual of Geography.

Wall-maps and Atlases.

To be had of the Secretary, Printing Company, Durgha Bazar, Cuttack.

ନୂତନ ରୟଲରିଡର ନଂ ୨ ସଂଖ୍ୟାର ଅର୍ଥ-ପୁସ୍ତକ ଦ୍ୱିତୀୟ ସଂସ୍କରଣ ମୁଦ୍ରିତ ହୋଇ ପ୍ରିଣ୍ଟିଂ-କମ୍ପାନୀ ଯନ୍ତ୍ରାଳୟରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି । ମୂଲ୍ୟ ୫ ୦ ୩ ମାତ୍ର ।

Key to New Royal Readers No. II. 2nd edition is out and can be had of the Printing Company's Press, Cuttack.

*Price 3 Annas only.*

ଉପାୟ ସ୍ଥାନର ଏକମାତ୍ର ଅଛି ।
ଓ, ଭାଗରେ ଏକ ବୋଷ୍ଟାପର
ଅଧୁ ଦେଶିଲ୍ୟ ଓ ତେଠ ପ୍ରଚେତନ ବେଲାକ୍ଷ ସହୋଦର ।

# ଫିକିରିଟି ଛୁପ ।

ପାରୁର, ଶରୀର ଭୁଲ ଦେଇ ଦେହଦେଶକୁ ଭରାଇ ଲୋକ ଖିଁ ଭିଷଦରେ । ଶରର ୨ ଟା ଏର ବର୍ଷ ଦେବ

ନିକ୍ଷେପର ଓ ଅନେକ ଏଣିକ ପ୍ରକାଶ ଉପସ୍ଥିତ ମହାଜୋଳକରେ ଉପଯୁକ୍ତ ପାତ୍ରା ପ୍ରକୃତ ଶୀଘ୍ର ସାଧ ହିଁ ଦେଉଛନ୍ତି ଯେ ଅଶୁର ସାଧାରଣ ଏକ ସେମାନ ଅବଶ୍ୟ । ସେଥିମାନେ ଆଜୁଟିତ ପାଳିଛନ୍ତି ଏବଂ ପଞ୍ଚ-ଟଙ୍କ ଏବଂ ଆଚୁଳିଜଳ ଓ ସେହି ପ୍ରଭୃତି ଅନ୍ୟ ବୃଦ୍ଧ ମାତ୍ର ବୋଷ୍ଟ ସାଧାରଣ ସ୍ଥାନରେ ପ୍ରଭୃତି କଟିଂ ସେମାନେ ଅଣଙ୍କ ଓ ଶିଷ୍ୟ ସେଶାଳ ଦେଇ ବଡ଼ା ଖେଳକରେ ଆଡ଼ ବେଶ ( ଏଥିରେ ପ୍ରଭୃତି ବା ମାଦେଖନ୍ତି ) ଶୌଚରେ ଗମନ ଉତ୍ତମ ଦଶା ଦେଖିବାର ଉଦ୍ଦେଶ ଧରା ପାଣି, ମେଘ, ବର୍ଷଣ ୨୦ ଦିନର ମେଘ, ଝଡ଼, ଶୀତ, ଗ୍ରୀଷ୍ମ, ଶୁଷ୍କତା, ବୃଷ୍ଟି ଦେବେ, ଖାଦ୍ୟବାସରେ ଅବଶ୍ୟ, ଶୁଦ୍ଧ ଜଳରେ, ବା ଯା ଖେଳବାରେ ବେଦବାକ୍ୟ, ପଞ୍ଚ ବେଳେ ଅନୁସାର, ପ୍ରତିବାର, ଉତ୍ତାପ ଥାଏ ବା ପଛରେ ବା ଅର୍ଦ୍ଧ ବୃଦ୍ଧଶେଷ ବା ସପ୍ତାହରୁ ଦେବେ, କୌଣସି ଶତ, ସଂଖ୍ୟାରେ ଜ୍ୱାଳାବର, ମୂତ୍ରକୃଚ୍ଛ୍ର ପ୍ରମେହ ଓ ଅର୍ଶ ଓ ଅର୍ଦ୍ଧ ପର ବା ଶୋଥ । ଶରୀରରେ ବେଦନା, ଏବଂ ସନ୍ଧି, ଆମବାତ, କୋଷ୍ଠବଦ୍ଧ, ଶିରଃ-ପୀଡ଼ା, ଅଗ୍ନିମାନ୍ଦ୍ୟ, ଅଜୀର୍ଣ୍ଣ, ମୂର୍ଚ୍ଛା, ଦୁର୍ବଳତା, କୁଷ୍ଠରୋଗ, ହାତଗୋଡ଼ର ଜ୍ୱାଳା ଇତ୍ୟାଦି (ସ୍ତ୍ରୀ ଓ ପୁରୁଷ) ସେବନରୁ ଦୂରୀଭୂତ ହୁଏ ଏବଂ ଶରୀର ସେବନ କଲେ ଶୀଘ୍ର ଓ ଉତ୍ତମ ଦେଇ ଏକମାତ୍ର ଦେଖ ଦେବେ ଶରୀରରୁ ଅନେକ ଦେବ ଭଲ, ମାଂସ, ଶୁକ୍ର, ଭଲ, ଖାଦ୍ୟ ଶକ୍ତି ଦେବ । ଏଥିରେ ଏକ ଏହିଠାରେ ଅନୁରୂପ ଗୀତା ଅବ ଦେବ ମାତ୍ର । ଏକମାସ ସେବନୋପଯୋଗୀ ଗୁଡ଼ ଟିକି ୫ ୨ ଟଙ୍କା । ଡାକମାସୁଲ ୫ ୦ । ଏହାର ଠିକଣା ଦିଅନ୍ତୁ ଠିକଣା,—

ଓ, ଭାଗରେ ଏକ,କୋ,
୧୧ ନମ୍ବର କଲେଜଷ୍ଟ୍ରିଟ, କଲିକତା ।

# ଘଡ଼ିମରାମତି ।

Watches! Clocks! Time pieces Repaired by an efficient workman the premises of the Cuttack Printing Company Charge moderate.

ଭାଗ୍ୟଦ୍ୱାର ପ୍ରେସ ବଡ଼ ଶୁକ୍ରବାର ଉତ୍କୃଷ୍ଟରୂପେ ମରାମତ ହେବା ଓ ଯଥା ସମ-ୟରେ ପାଇପିବାର ଦର ବନ୍ଦୋବସ୍ତ ଏ କଟକରେ ନ ଥିବାରୁ ଅନେକ ଲୋକଙ୍କର ଯାତନାରୁ ଦୂରକରିବା ନିମନ୍ତେ । ସାଧାରଣ ଭଦ୍ରଲୋକ ଦେବ ପ୍ରେସଲାଗାଠାରେ ଭଦ୍ର ଲୋକ ସମସ୍ତ ଜାଣି ପାରିବେ ।

# ବାଲିଙ୍କାଗିଦ୍ଧ ।

କଟକ ଜିଲ୍ଲା ଶଣ୍ଡ ଲକ୍ଷରେ ଏକଲ ଶରୀର ପୌଷପ୍ରବଳର ବାବୁ ଗୋପୀନାଥର ସମ୍ପ୍ରଦାୟ

ଦଶା ଜଳସେଁ ବାବୁ ଅର୍ଦ୍ଧବାର ଦର ଭଣ୍ଡାରର ପୋକାଳରେ ଅଛନ୍ତି ଦେଖ ଅଛୁ, ଯଥା—

| | | | | |
|---|---|---|---|---|
| ୧୦ ଏଣ | ଭାର | ୨ ୧୪ ୫ ୨୩ | ୫ ୧୪ ୫ ୦୪ |
| ୧୦ ଏଣ | „ | „ ୫ ୬ | „ ୫ ୦ ୪ |
| ୧୨ ଏଣ | „ | „ ୫ ୩ | „ ୫ ୦ ୪ |
| ୧୨ ଏଣ ଉପରେ ପ୍ରତ୍ୟେକ | ୫ ୩ | | ୫ ୦ ୪ |

ଉପରୋକ୍ତ ଦର ଭଣ୍ଡାରର ଶୀଘ୍ର ଚାହିଁ ବେ

ଉତ୍ତରଷ୍ଟ୍ରିଟଜାତ ବସାଜବାହୁ ଅନୁସାରର ପୋକାଳରେ ଅବଶ୍ୟକାଣ ୫ ଦିନେ ଓ ଭିଷଣ୍ଟିଙ୍ଗର ଲୁଗା ଓ ପ୍ରେସନର ଓ ଭଣ୍ଡା-ରରେ ଭଣ୍ଡା ସବୁଜିନର ଅଛନ୍ତି ଦେଖ ଏବ ଛାପା ଶସ୍ତା ସ୍ତାବଦକଙ୍କ ନଅରେ ଅଛି ଅଛୁ । ଉତ୍ତରର ଅନେକପ୍ରକାର ଯେଉଁମ ଭଣ୍ଡାର ଅନ୍ୟ ସଙ୍ଗେ ପ୍ରସ୍ତୁତ ଅଛି ତାହାଙ୍କ ଯାତ୍ରା ଅବସ୍ଥାର ଭଲ ପୋକାଳରେ ଅନୁ-ଷଣ କଲେ ପୁଲିସ ବନ୍ଧୁଙ୍କ ପ୍ରାପ୍ତ ହୋଇ ପାରିବେ ।

# ପିତ୍ତଫାର ।

ଏ ଭାବରୁ ଜେଉଁଶ ଯାତ୍ରରେ ଭଙ୍ଗ ଜଣ ଦେଇ ଭିଷଣ ଯୋଗାଳର ଫଣରେ ଟଙ୍କରେ ଆଶିଲା ତଥ ଦେବ ଏହାର ସିନ୍ଧ-ସ୍ଥରେ ଦେଖିବାରେ ନହିବାର ଦେବ ଓ ଭଲ ଅବସ୍ଥା ।

ବହିର ଭଗଣ ଓ ସାତରେ ଲଗାଇବାର ଭାବ ମଣ ଅଛି ।

ଅରନ୍ଦବଣ୍ଡର ଜର ବଣାଶିବର

ଲୁଭିଲୋକରେ ଭଣ୍ଡାରର୍ଦ୍ଧ ଦରଚାର ବର୍ଣ୍ଣ ଭଣ ଶିଶୁରେ ଖର୍ଚ୍ଚ ଜେବାରୁ ଅଛି ।—

ପ୍ରଥମଥର ବର୍ଷରେ

| | |
|---|---|
| ଅଗ୍ରିମ | ୫ ୦୪ |
| ଅନ୍ତର୍ଗ୍ରହ | ୫ ୩ |
| ବର୍ଷ ଏକ ପ୍ରବାହ | ୫ ୩୧ |

ଜାଡ଼ ଦେଇଙ୍କି ଭଣ୍ଡାର ଦେଶରେ ଭଣ ଦେବରେ ଉର୍ଦ୍ଧ୍ୱ ୫ ୦୧ ରୁ ଅଣା ଦେବ ନାହିଁ ।

ଦୂଷଣ ଓ ଦେଶସ୍ଥର ଭଣ୍ଡାର ଖର୍ଚ୍ଚ ପ୍ରଥମ-ଅବଧ ଦେଖାଇ ବିଜ୍ଞାପନ ଦେବ ।

ଅଧିକ ଦରର ଭଣ୍ଡାରେ ଦେବ ବନ୍ଦୋବସ୍ତ ହୋଇପାରିବ ।

ଉପରୋକ୍ତ ମୂଲ୍ୟ ଭଣ୍ଡାରଙ୍କଠାରେ ଦେଇ ପାରୁ ଦେବ ।

ଏହି ପତ୍ର ଉତ୍କଳଦୀପିକା ଯନ୍ତ୍ରର ପ୍ରିୟ ଉତ୍କଳଦୀପିକା ଯନ୍ତ୍ର ଦ୍ୱିତୀୟବାର ସମ୍ପାଦକରେ ମୁଦ୍ରିତ ଓ ପ୍ରକାଶିତ ହେଲା

Digitized by srujanika@gmail.com

Split by PDF Splitter




# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା ।

ଭାଗ ୨୮ ଶ | ସଂ ୨୪ ସଂଖ୍ୟା | ତା ୧୭ ଦଶ ମାହେ ଜୁନ ସନ ୧୮୯୩ ମସିହା । ମୂ । ଅଷାଢ଼ ଶୁ ୪ ରୁ ସନ ୧୩୦୦ ସାଲ ଶନିବାର | ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩୧ | ପଶ୍ଚାଦ୍ଦେୟ ଟ ୩୯


କାବୁଲଠାରୁ ଆସିଥିବା ସମ୍ବାଦରୁ ପ୍ରକାଶ ଯେ ଅମୀରଙ୍କର ସେନା ହଜାରାଜାତିଙ୍କୁ ପରାସ୍ତ କରି ସେମାନଙ୍କ ମଧ୍ୟରୁ ୬୦୦୦ଜଣ ଲୋକଙ୍କୁ ହତ କରିଅଛନ୍ତି । ଅମୀରଙ୍କ ସେନାର ଅଳ୍ପ କ୍ଷତି ହୋଇଅଛି । ମାତ୍ର କାନ୍ଦାହାରରୁ ଆସିଥିବା ସମ୍ବାଦରୁ ପ୍ରକାଶ ଯେ ଅମୀରଙ୍କ ସେନା ଭୟଙ୍କର ପରିମାଣ କ୍ଷତିଗ୍ରସ୍ତ ହୋଇଅଛନ୍ତି । କଷ୍ଟ ସମ୍ବାଦ ପାଯାଯାଇ ନାହିଁ । ତଥାପି ଏଥିରୁ ପ୍ରକାଶ ଯେ ହଜାରାଙ୍କ ସହିତ ଯୁଦ୍ଧ ନିଷ୍ପନ୍ନ ହେଉଅଛି ମାତ୍ର କୌଣସି ପକ୍ଷର ଫଳ କିଛିରୂପେ ଜଣାପଡୁ ନାହିଁ ।

---

ଟେକର ପ୍ରିନ୍‌ସେସ୍ ମେଙ୍କ ସହିତ ଡ୍ୟୁକ୍-ଅଫ୍-ୟର୍କଙ୍କର ବିବାହବନ୍ଧନ ସ୍ଥିର ହୋଇ ଯାଇଅଛି । ଆଗାମୀ ଜୁଲାଇମାସ ତା ୬ ରିଖରେ ଏ ବିବାହ ସମ୍ପନ୍ନ ହେବ । ଅସ୍ମାନଙ୍କ ଯୁବରାଜଙ୍କ ଜ୍ୟେଷ୍ଠ ପୁତ୍ରଙ୍କ ସହିତ ଏହି ପ୍ରିନ୍‌ସେସଙ୍କର ବିବାହ ହେବାର ଇତିପୂର୍ବେ ସ୍ଥିର ହୋଇଥିଲା ମାତ୍ର କାଳ ତାହା କରିଲେ ଦେଲା ନାହିଁ । ବର୍ତ୍ତମାନ ଡ୍ୟୁକ୍-ଅଫ୍-ୟର୍କଙ୍କ ସହିତ ଏହାଙ୍କ ବିବାହ ହେବା ବଡ଼ ସୁଖର ବିଷୟ ଅଟଇ । ଯୁବରାଜଙ୍କର ଯେଉଁ ଜ୍ୟେଷ୍ଠପୁତ୍ର ପରଲୋକଗତ ହେଲେ ଡ୍ୟୁକ୍-ଅଫ୍-ୟର୍କ ତାଙ୍କର କନିଷ୍ଠ ।

---

ଭାରତ ଉପରେ ଅନ୍ୟାୟ ପ୍ରକାର ଅଥବା ସୈନ୍ୟବ୍ୟୟ କରା ହୋଇଥିବା ବିଷୟରେ ଭାରତର ବଡ଼ଲାଟ ମହୋଦୟମାନେ ଉକ୍ତ ସେ-ଣ୍ଟର ଯାହା କହିଯାଇଅଛନ୍ତି ଏବଂ ବର୍ତ୍ତମାନ ପାର୍ଲିୟାମେଣ୍ଟର ଲର୍ଡ଼ମାନଙ୍କ ଗୃହରେ ଲର୍ଡ଼ ନର୍ଥବ୍ରୁକ୍ ମହୋଦୟ ଯାହା କହିଅଛନ୍ତି ତାହା ସମର୍ଥନ କରି କଲିକତାର ବିଖ୍ୟାତ ଟାଇମସ୍ ପତ୍ରିକା ଏ ବିଷୟରେ ଘୋରତର ପ୍ରତିବାଦ କରିଅଛନ୍ତି ମଧ୍ୟ ଲେଖିଅଛନ୍ତି ଏସମ୍ବନ୍ଧରେ ଭାରତର ବର୍ତ୍ତମାନ ଅବସ୍ଥାକୁ କେହି ଅନୁମୋଦନ କରିପାରିବେ ନାହିଁ ।—ବାସ୍ତବରେ ସୈନ୍ୟବ୍ୟୟ ଯୋଗାଉଁ ୨ ଭାରତର ଭଣ୍ଡାର ଖାଲି ହୋଇଗଲା ଅଥଚ ଏତେ ବଡ଼ ୨ ଲୋକେ କହି ୨ ଚଳୁ କରି ପାରିଲେ ନାହିଁ । ସବୁ ଅସ୍ମାନଙ୍କର କପାଳର ଦୋଷ ।

---

ହାବଡ଼ାର କେତେକଜଣ ଟରଣିଙ୍କ କଚେରୀକୁ ଆସିବାକାରଣ ନିଷେଧ କରାଯାଇଥିଲା । ସେମାନଙ୍କ ମଧ୍ୟରୁ ୨ଜଣଙ୍କୁ ଉକିଲମାନେ ସୁପାରିସ କରିବାରୁ ମାଜିଷ୍ଟ୍ରେଟସାହେବ ତାଙ୍କୁ ମୋକ୍ତାରୀ କରିବା କାରଣ ଅନୁମତି ଦେଇଥିଲେ । ଇତିମଧ୍ୟରେ ଏ ଦୁହେଁ ଫୌଜଦାରୀ ଅଦାଲତର ୨ଜଣ ଆସାମୀଙ୍କଠାରୁ ଜାମିନ ହେବା ସକାଶେ ଟ୧୨ଙ୍କା ଠକାଇନେଲେ ପରନ୍ତୁ ଜାମିନ ହେଲେ ନାହିଁ । ଏ ବିଷୟ ଜଣାପଡ଼ିବାରୁ ଅନେକ ଲୋକେ ଏବଂ ଉକିଲମାନେ ଏମାନଙ୍କୁ ଘେରିଗଲେ ଏବଂ ଆସାମିକି ଟ୧୨ଙ୍କା ତାଙ୍କଠାରୁ ଦିଆଇଦେଲେ ।—ଯାହାର ସ୍ୱଭାବ ଥରେ ମନ୍ଦ ହୋଇଅଛି ସେ ପୁଣି ଭଲ ହେବା ବଡ଼ କଠିନ । ଟରଣିଙ୍କି ପ୍ରଶ୍ରୟ ଦେବା କଦାଚ ଉଚିତ ନୁହେ ।

---

ଅସ୍ମାନଙ୍କର ସହଯୋଗୀ ବଙ୍ଗବାସୀ ବଙ୍ଗଳାର ନୂତନ ଲେପ୍ଟେନାଣ୍ଟଙ୍କ ସମ୍ବନ୍ଧରେ ନିମ୍ନଲିଖିତ ବିଷୟ ଲେଖିଅଛନ୍ତି । ଅସ୍ମାନେ ଏହା ପାଠକରି ସାତିଶୟ ତୃପ୍ତ ହେଲୁଁ ଏବଂ ଏପ୍ରକାର ଉତ୍ତମ କାର୍ଯ୍ୟ ସାଧାରଣଙ୍କର ଜାଣିବା ଆବଶ୍ୟକ ମନେକରି ପ୍ରକାଶ କଲୁଁ ।

"ଅସ୍ମାନଙ୍କର ବର୍ତ୍ତମାନ ଲେପ୍ଟେନାଣ୍ଟ ପୂର୍ବରେ ଛପ୍‌ରର ମାଜିଷ୍ଟ୍ରେଟ ଥିଲେ । ଶୁଣାଯାଏ କଲିକତା ଆଗମନ ସମୟରେ ହାଜିପୁର ଷ୍ଟେସନଠାରେ କେତେକ ସ୍କୁଲକର୍ମଚାରୀ ତାଙ୍କ ସହିତ ସାକ୍ଷାତ୍ କରିବାକୁ ଯାଇଥିଲେ । ସେମାନଙ୍କ ସହିତ କଥୋପକଥନ କରିବା ନିମନ୍ତେ ଗାଡ଼ିରୁ ଓହ୍ଲାଇ ସେ ସେଠାରେ ତାଙ୍କର ପୂର୍ବତନ ଛପ୍‌ରର ଚପରାସିଙ୍କୁ ଦେଖିକରି ତାଙ୍କ ନିକଟକୁ ଗମନ କଲେ ଓ କୁଶଳବାର୍ତ୍ତା ଜିଜ୍ଞାସାକରି ତାଙ୍କୁ ଆପ୍ୟାୟିତ କଲେ ।"

---

ବଡ଼ମ୍ବାର ନାବାଳକ ରାଜାଙ୍କ ଶିକ୍ଷା ଗଡ଼ମୁକାମରେ ଉତ୍ତମରୂପେ ନ ହେବାରୁ ସେ କଟକ ମୁକାମକୁ ଆସିଅଛନ୍ତି । ସେ ରାଜାଙ୍କର ବୟଃକ୍ରମ ପ୍ରାୟ ଷୋଡ଼ଶ ବର୍ଷ ହେବ । ସୁତରାଂ ଏପ୍ରକାର

Digitized by srujanika@gmail.com

ସମୟରେ ଇଂରାଜୀଶିକ୍ଷା କରିବେ ଅବା କେବଳ ଓଡ଼ିଆଭାଷା ଶିକ୍ଷାକରିବେ ତାହା ସ୍ଥିର ହୋଇ ନାହିଁ ବୋଲି ଶୁଣୁଅଛୁଁ । ବର୍ତ୍ତମାନକାଳରେ ଇଂରାଜୀଭାଷା ସଭ୍ୟଭାଷା ସୁତରାଂ ଜାଣିବାର ଆବଶ୍ୟକ ଏବଂ ପ୍ରାୟ ସାତବର୍ଷକାଳ ଏଠାରେ ପାଠ କରିପାରନ୍ତି ଏପ୍ରକାର ସ୍ଥଳରେ ଇଂରାଜୀଶିକ୍ଷା କର୍ତ୍ତବ୍ୟ ଶିକ୍ଷାରମ୍ଭ କରିପାରନ୍ତି । ଇଂରାଜୀସ୍କୁଲମାନଙ୍କରେ ମଧ୍ୟ ଓଡ଼ିଆ ଓ ସଂସ୍କୃତ ଭାଷାର ଶିକ୍ଷାପ୍ରବର୍ତ୍ତ ହୁଏ । ଅମ୍ଭେମାନେ ଆଶାକରୁଁ ନାବାଳକର ଶିକ୍ଷା ବିଷୟରେ ଅଣୁ ବିଶେଷ ବନ୍ଦୋବସ୍ତ ହେବ । ଅନ୍ୟାନ୍ୟ ନାବାଳକଙ୍କ ଶିକ୍ଷାପ୍ରତି ଶ୍ରୀଯୁକ୍ତ କମିଶ୍ନର ସାହେବଙ୍କର ମନୋଯୋଗ ପର୍ଯ୍ୟବେକ୍ଷଣ ହେଲେ ଉତ୍ତମ ହେବ । ପାଠକଙ୍କର ମନେଥିବ ଯେ ଅମ୍ଭେମାନେ ନାବାଳକର ଶିକ୍ଷାସମ୍ବନ୍ଧରେ ଦୃଷ୍ଟିରଖିବା ବିଷୟରେ ପୂର୍ବରୁ କହି ଅଛୁଁ ।

---

ମହାରାଣୀଙ୍କ ଜନ୍ମଦିବସ ଉପଲକ୍ଷରେ ସଂପ୍ରତିକାଳରୁ ଅନେକ ଉପାଧି ବିତରିତ ହୁଏ । ଯେଉଁମାନେ ଉପାଧି ପାନ୍ତି ତାଙ୍କ ମଧ୍ୟରୁ ଦେଶୀୟ ଲୋକଙ୍କର ସଂଖ୍ୟା ଅଧିକ କମ ହୋଇଥାଏ । ସାଧାରଣତଃ ସରକାରଙ୍କ ସହିତ ଯେଉଁମାନଙ୍କର ସମ୍ପର୍କ ଅଛି ସେହିମାନେ ଉପାଧିଲାଭର ପାତ୍ର ହୁଅନ୍ତି । ଏଥର କେସରହିନ୍ଦ ଉପାଧିଧାରିଙ୍କ ସଂଖ୍ୟା ଦୁଇ ଶହଜଣ ହେବ । ଏମାନଙ୍କ ମଧ୍ୟରୁ ଓଡ଼ିଶା ଗଡ଼ଜାତ ସାହାଲର ଖଣ୍ଡପଡ଼ା ରାଜବଂଶର ପଣ୍ଡିତ ଚନ୍ଦ୍ରଶେଖରସିଂହ ହରିଚନ୍ଦନ ମହାପାତ୍ର ସାମନ୍ତ ଯେଉଁ ପଠାଣି ସାମନ୍ତ ନାମରେ ବିଶେଷ ପରିଚିତ ମହାମହୋପାଧ୍ୟାୟ ଉପାଧି ଲାଭକରି ଅଛନ୍ତି । ଓଡ଼ିଶାକୁ ଯାହାହେଉ ଏବର୍ଷ ଜଣେଲୋକକୁ ଉପାଧିଟାଏ ମିଳିଅଛି । ପଠାଣି ସାମନ୍ତ ଯୋଗ୍ୟ ଜ୍ୟୋତିର୍ବିଦ୍‌ପଣ୍ଡିତ । ତାଙ୍କର ପଞ୍ଜିକାଗଣନା ଅନ୍ୟାନ୍ୟ ପଞ୍ଜିକାଗଣନା ଅପେକ୍ଷା ଯେ ଠିକ ଏହାପ୍ରମାଣାଦ୍ୱାରା ଜଣାଯାଇଅଛି । ଏମନ୍ତ ଯୋଗ୍ୟଲୋକ ଉପାଧି ପ୍ରାପ୍ତ ହେବାରେ ସେ ସମସ୍ତେ ଆହ୍ଲାଦିତ ହେବେ ଏଥିରେ ଅଣୁମାତ୍ର ସନ୍ଦେହ ନାହିଁ ।

---

ବକ୍ଷୀ ବନ୍ଦୋବସ୍ତସମ୍ବନ୍ଧରେ ଲର୍ଡ଼ ବେଲବେଲ ପ୍ରଭୃତିଙ୍କର ଯେଉଁ କମିଟି ବସିଥିଲା ତହିଁରେ ବାଦାନୁବାଦ ଶେଷ ହୋଇ ରପୋର୍ଟ ପ୍ରସ୍ତୁତ ହୋଇଥିବାର ସମ୍ବାଦ ମିଳଇ । ଉକ୍ତ ରପୋର୍ଟ ପ୍ରଥମେ ଆମ୍ଭମାନଙ୍କ ଷ୍ଟେଟର ସେକ୍ରେଟେରୀ ଓ ଭାରତ ମନ୍ତ୍ରୀବର୍ଗଙ୍କ ସମୀପରେ ଅର୍ପିତ ହେବ । ସେମାନେ ଦେଖି ସାରିଲାରୁ ଭାରତଗବର୍ଣ୍ଣମେଣ୍ଟଙ୍କ ସମୀପକୁ ଆସିବ ଏବଂ ଏଠାରୁ ଫେରିଗଲେ ପାର୍ଲିୟାମେଣ୍ଟରେ ତହିଁର ବିଚାର ହେବ । କମିଟି କି ପ୍ରକାର ରପୋର୍ଟ ପ୍ରସ୍ତୁତ କରିଅଛନ୍ତି ତାହା ଅବଧି ପ୍ରକାଶ ପାଇ ନାହିଁ । କଲିକତ ଇଣ୍ଡିଆନ ଷ୍ଟାଣ୍ଡାର୍ଡ଼ ପତ୍ରିକା ପ୍ରକାଶ କରିଅଛନ୍ତି ଯେ ଟାକଶାଳର ରୂପାଂଶ ଅଧିକ ପରିମାଣ କମାଇବା ଓ ଭାରତକୁ ଆମଦାନୀ ହେଉଥିବା ରୂପାଉପରେ ମାସୁଲ ବସାଇବାହିଁ ପ୍ରଣାଳୀ ଦିଳିବାର କମିଟି ମତ ପ୍ରକାଶ କରିଅଛନ୍ତି । କମିଟିର ମତ ଅନୁସାରେ ଭାରତମଧ୍ୟରେ ବିଲାତରେ ଗ୍ରହଣୀୟ ମୁଦ୍ରାର ଟଙ୍କାର ମୂଲ୍ୟ ବଢ଼ି ଯାଇଅଛି । ରପୋର୍ଟ ନ ବାହାରିବାଯାଏ କିଛି ବୋଲିଯାଇ ନ ପାରେ ।

—※—

କିଲାତର ଖାଁଙ୍କ ସମ୍ବନ୍ଧରେ ସମ୍ବାଦ ମିଳଇ ଯେ [illegible] ଯିବା ପୂର୍ବରୁ ସେ ଗବର୍ଣ୍ଣରଜେନେରଲ ବାହାଦୂରଙ୍କ ଏଜେଣ୍ଟଙ୍କ ସହିତରେ ସାକ୍ଷାତ କରିଥିଲେ । ଖାଁସାହେବଙ୍କୁ ସିଂହାସନଚ୍ୟୁତ କରି ଭାରତକୁ ପଠାଇବାର ଯେ କଥା ହୋଇଥିଲା ତାହା ରହିତ ହୋଇ ତାଙ୍କୁ କିଲାତକୁ ପଠାଇବା କାରଣ ସ୍ଥିର ହୋଇଅଛି ମାତ୍ର ସେ ଆଉ ଶାସନକାର୍ଯ୍ୟ କରି ପାରିବେ ନାହିଁ । ତାଙ୍କ ପୁତ୍ର ଏ କାର୍ଯ୍ୟ କରିବେ । ଆଗାମୀ ଅଗଷ୍ଟମାସ ପର୍ଯ୍ୟନ୍ତ ଇଂରାଜ ଏବଂ ଦେଶୀୟ ସେନା ସେଠାରେ ରହିବେ । ଅନ୍ୟ କେତେ କହନ୍ତି ଯେ ଖାଁସାହେବ ଗ୍ରୀଷ୍ମକାଳରେ ମାସ୍ତୁଙ୍ଗ ଓ ଶୀତକାଳରେ ସିବିଠାରେ ରହିବେ ଏବଂ ଜ ୫୦ ଣ ପଦାତିକ ସିପାହୀ ତାଙ୍କ ପହରାରେ ରହିବେ । ଅନୁମାନ ହୁଏ ଅପଣା ଶ୍ରୀଭବର୍ଗ ନିକଟରେ ଖାଁସାହେବଙ୍କୁ ରଖିବା କାରଣ ଏପରି ପରାମର୍ଶ ହୋଇଅଛି । ତଥାପି ଗୋଳମାଳ କଲେ ତାଙ୍କୁ ଭାରତକୁ ପେଲି ଆସିବା କାରଣ ଇଂରାଜଙ୍କର ଅଧିକାର ଅଛି । ସିବିର ମୁନସଫ ଲାଲ ରଘୋଦାସ କିଲାତରେ ବିଶେଷ କାର୍ଯ୍ୟ କମିଶ୍ନର ନା ୫ ଖ ସହାସେ ନିଯୁକ୍ତ ହୋଇଅଛନ୍ତି ।

---

ବୋମ୍ବାଇର ସେନାପତି ଲେଫ୍‌ଟେନେଣ୍ଟ ଜେନେରଲ ସର ଜର୍ଜ ଗ୍ରୀଭସ ସାହେବ ଗତ ମାସ ତା ୯ ରିଖ ସନ୍ଧ୍ୟାବେଳେ ଅଶ୍ୱାର ସେକ୍ରେଟେରୀ ଲିଓ ସାହେବଙ୍କ ସହିତରେ ପୁନାନଗରରେ ଘୋଡ଼ାଚଢ଼ି ଯାଉଥିବା ସମୟରେ ହଠାତ୍ ଘୋଡ଼ା ଝୁଣ୍ଟିପଡ଼ିବାରୁ ସେନାପତି ମହୋଦୟ ଘୋଡ଼ାଆଗକୁ ଲେଉଟିପଡ଼ିଲେ ଯେ ମୁଣ୍ଡରେ ଗୁରୁତର ଆଘାତପାଇ କେତେକ୍ଷଣଉତ୍ତାରୁ ମରିଗଲେ । ପଡ଼ି ସଲାମାଣ୍ଡେ ଲିଓ ସାହେବ ଘୋଡ଼ାରୁ ଓହ୍ଲାଇ ତାଙ୍କୁ ଉଠାଇ ଦେଲେ ତାହାଲେ ମାତ୍ର ତାଙ୍କର ସାଟିଖୋଲିଲା ନାହିଁ । ସଙ୍ଗେ ତାଙ୍କୁ ସେନାନିବାସକୁ ନେଇଯାଇ ଡାକ୍ତର ସାହେବଙ୍କୁ ଡାକରା ହୋଇଥିଲା ମାତ୍ର ଡାକ୍ତର ଆସିଲାବେଳକୁ ତାଙ୍କର ପ୍ରାଣବାୟୁ ବାହାରି ଯାଇଥିଲା । କଥିତ ହୁଏ ତାଙ୍କର ମସ୍ତିଷ୍କରେ ଗୁରୁତର ଆଘାତ ହେବାରୁ ଏ ଘଟଣା ଘଟିଲା । ମରିବାର ଅବ୍ୟବହିତପରେ ମୁଖବାଟେ କେତେ ରକ୍ତ ଓ ଫେଣ ବାହାରିପଡ଼ିଲା । ମୃତ୍ୟୁପୂର୍ବେ ଏହାଙ୍କର ସ୍ୱାସ୍ଥ୍ୟ ଅତ୍ୟନ୍ତ ଖରାପଥିଲା । ଅଳ୍ପଦିନପରେ ମାନ୍ଦ୍ରାଜର ସେନାପତି ପଦ ଗ୍ରହଣ କରିବାକୁ ଯାଇ ବ୍ୟାଘ୍ରକର୍ତ୍ତୃକ ଆକ୍ରମିତ ହୋଇ ମୃତ୍ୟୁମୁଖରେ ପଡ଼ିଲେଉଥିବାରୁ ଅନ୍ୟପ୍ରଦେଶର ସେନାପତି ସ୍ଥାନରେ ଏରୂପ ଘଟିବା ବଡ଼ ଶୋଚନୀୟ ଅଟଇ । ଷୋଳବର୍ଷବୟସରେ ଏ ମହାଶୟ ବ ୪୦ ବର୍ଷରୁ ଉର୍ଦ୍ଧ୍ୱକାଳ ଦକ୍ଷତାସହିତରେ କାର୍ଯ୍ୟ କରି ବିଶେଷ ପ୍ରଶଂସନୀୟ ହୋଇଥିଲେ । ମାତ୍ର ମୃତ୍ୟୁ ବଡ଼ ଅଦ୍ଭୁତରେ ଏହାଙ୍କୁ ଘେନିଗଲା ।

---

ଗତ ରଥଯାତ୍ରାଠାରୁ ଲଗାଣବୃଷ୍ଟି ଆରମ୍ଭ ହୋଇଅଛି । ଏତପୂର୍ବେ ତୋଫାନ ଯୋଗେ ପ୍ରଚୁରଜଳ ବୃଷ୍ଟି ହୋଇ ବିଲଖାଲ ଜଳରେ ପୂର୍ଣ୍ଣହୋଇ ଯାଇଥିବାରୁ ଫସଲପକ୍ଷେ ବିଶେଷ ଅନିଷ୍ଟକର ହୋଇଥିବା ଯୋଗେ ଅମ୍ଭେମାନେ ମନେ କରିଥିଲୁଁ ଯେ ଅନ୍ତତଃ ଏକମାସକାଳ ବୃଷ୍ଟି ବନ୍ଦ ହେଲେ କୃଷିକାର୍ଯ୍ୟର ସୁବିଧା ହୋଇପାରିବ । ମାତ୍ର ଆମ୍ଭମାନଙ୍କର ସେ ଆଶା ଫଳବତୀ ହେଲା ନାହିଁ । ଯଦ୍ୟପି ଗତସପ୍ତାହରବାର ଦିନରେ ଅପରାହ୍ଣେ କ୍ରମବୃଷ୍ଟି ହୋଇଥିଲା ମାତ୍ର ତହିଁ ଉତ୍ତାରୁ ଜମାଗତ ବଉଦନିଆଉ ଜଳ ଛାଡ଼ିଯିବାରୁ ଚେଙ୍ଗବିଲମାନଙ୍କର ଜଳ ଶୁଖିଯାଇ କୃଷିକାର୍ଯ୍ୟର ସୁବିଧା ହୋଇଗଲା । ମୂଲିଆମଜୁରି ସମସ୍ତେ କୃଷିକାର୍ଯ୍ୟରେ ଲାଗିଗଲେ ଏମନ୍ତ କି ସ୍ତ୍ରୀଲୋକମାନଙ୍କୁ ମିଳିବା କାରଣ ସମ୍ବଡ଼ମାନକ କଷ୍ଟକର ହେଲା । ଉଚ ମଧ୍ୟରେ ଉଷ୍ଣଶୀତ ଉପସ୍ଥିତ ହେଲା । ଅନେ-

Split by PDF Splitter



ଜବର୍ଷ ଭଳରେ ମଧ୍ୟ ବୃଷ୍ଟି ହୁଅଇ ନାହିଁ ମାତ୍ର ଏବର୍ଷ ଶୀତ ଗ୍ରୀଷ୍ମ ସବୁଋତୁରେ ବୃଷ୍ଟି ହୋଇଥିବାରୁ ଇନ୍ଦ୍ରଦେବ ସଜାଗ ଥିବାସ୍ଥଳେ ଉଚ୍ଛୃଙ୍ଖଳା ଛାଡ଼ିଯିବ ଅବା ନାହିଁତ ? ପ୍ରଥମ ପୁଲବନ ବେଳେ ୨ ବନ୍ୟପତନ ହୋଇଥିବା ମାତ୍ର ଗତବୁଧବାର ଓ ଗୁରୁବାର ପ୍ରଭୃତିଦିନ ବୃଷ୍ଟି ହୋଇଅଛି । ଏ ବୃଷ୍ଟି ଚତୁର୍ଦ୍ଦିଗାଲବ୍ୟାପୀବୃଷ୍ଟି ଥିବାର ଜଣା ଯାଉଅଛି ଏବଂ ଉଠାଣ ଜେଉଁଥିବାରୁ ଶୀଘ୍ର ନଦୀ ବୃଦ୍ଧିହେବାର ସମ୍ଭାବନା ଅଛି । ଆକାଶ ଅଦ୍ୟାପି ମେଘାଚ୍ଛନ୍ନ ଆଉ ବୃଷ୍ଟି ହେଉଅଛି । ଶୀଘ୍ର ଛାଡ଼ିବାର ଆଶା ନାହିଁ । ଏମନ୍ତସ୍ଥଳେ କୃଷିମାନେ ଯେଉଁକ ହୁଣାହୁଣି କରୁଅଛନ୍ତି ତେଉଁକରେ କୃଷିକାର୍ଯ୍ୟ ଶେଷ ହେଉ । ଯାହାକେ ଅନାଦିଶଲ ସ୍ନେହ ବଢ଼ି ଫସଲ ଉଠାଇନାହାନ୍ତି ମାତ୍ର ବର୍ତ୍ତମାନ ଯେପରି ଆକାଶର ଗତି ଗତିଅଛି ତହିଁରେ ଏବର୍ଷ ଆଗପଣ ଫସଲ ହୋଇପାରିବାର କୌଣସି ସମ୍ଭାବନା ନାହିଁ । ଜଳଭୂମିର ଫସଲର ଆଶା ଏକାବେଳକେ ଉଚ୍ଛେହୁତ ହୋଇଅଛି ଓ ଉଚ୍ଚସ୍ଥ ଭୂମିପଣ ଫସଲ ନଷ୍ଟ ହୋଇଥିବାର ଅନୁମାନ କରା ଯାଇପାରେ ।

—୦*୦—

ସିଭିଲସର୍ଭିସ ଅର୍ଥାତ୍ ଭାରତୀୟ ବଡ଼ଚାକିରି ପରୀକ୍ଷା ଏଠାରେ ଓ ବିଲାତରେ ସମକାଳରେ ଗୃହୀତହେବା ବିଷୟରେ ବହୁକାଳ ହେଲା ଆନ୍ଦୋଳନ ଚଳି ଆସୁଅଛି ମଧ୍ୟ ଆମ୍ଭମାନଙ୍କର ଷ୍ଟେଟସେକ୍ରେଟେରୀ ଅନେକଥର ଏଥିବିରୁଦ୍ଧରେ ମତ ପ୍ରଦାନ କରିଥିଲେ । ବର୍ତ୍ତମାନ ଆନନ୍ଦ ସହିତରେ ଅବଗତ ହେଲୁଁ ଯେ ଗତମାସ ତା ୨ ରଖରେ ପାର୍ଲିଅମେଣ୍ଟ ଭବନର କମନ୍ସ ଗୃହରେ ଉକ୍ତ ପ୍ରସ୍ତାବ ଧାର୍ଯ୍ୟ ହୋଇ ଯାଇଅଛି । ଏହି ପ୍ରସ୍ତାବ ସ୍ୱପକ୍ଷରେ ୮୪ ଶ ସଭ୍ୟ ମତ ଦେଇଥିଲେ ମାତ୍ର ଏଥି ବିରୁଦ୍ଧରେ ଯେଉଁମାନେ ମତ ଦେଇଥିଲେ ତାଙ୍କର ସଂଖ୍ୟା ୭୭ ଜଣ । ସୁତରାଂ ସେଦିନ ସଭାରେ ଯେ ଏ ପ୍ରସ୍ତାବ ହେବାକୁ ଅଳ୍ପସଭ୍ୟ ଉପସ୍ଥିତ ଥିଲେ ଏଥିରେ ସନ୍ଦେହ ନାହିଁ । ଆମ୍ଭମାନଙ୍କର ନମ୍ର ସେକ୍ରେଟେରୀ ରସେଲ ସାହେବ ଉକ୍ତ ପ୍ରସ୍ତାବ ବିରୁଦ୍ଧରେ ମତ ପ୍ରକାଶ କରି କହିଲେ ଯେ ଭାରତଶାସନ କରିବା କାରଣ ଭାରତୀୟ କୌଣସି ଶ୍ରେଣୀବିଶେଷର ଲୋକଙ୍କୁ ଅଧିକାର ପ୍ରଦତ୍ତ ହୋଇ ନାହିଁ । ପରୀକ୍ଷାରେ ସେମାନେ ଅବଶ୍ୟ ଭଲ ଫଳ ଦେଖାଉଅଛନ୍ତି, ତଥାପି ଏତକ ବୋଲା ଯାଇପାରେ ଯେ ଭାରତଶାସନ କରିବାର ଉପଯୁକ୍ତ ଶିକ୍ଷା ଇଂରାଜ ପରିବେଷ୍ଟିତ ବିଲାତରେ କଲେଜ ଦ୍ୱାରା ଦିଆଯାଇ ପାରେ । ସୁତରାଂ ତରତର ହୋଇ ଏ ବିଷୟରେ ମତ ପ୍ରଦାନ କରିବା ଅନ୍ୟାଯ୍ୟ ।—ଯାହା ହେଉ ବର୍ତ୍ତମାନ ଭାରତ ଓ ବିଲାତ ଉଭୟତ୍ର ପରୀକ୍ଷା ଗୃହୀତ ହେବାର ଧାର୍ଯ୍ୟ ହୋଇଗଲା । ଗବର୍ଣ୍ଣମେଣ୍ଟ ଏ ବିଷୟରେ ନୂତନ ନିୟମ କରିବେ ଅବଧି ଜଣାପଡ଼ ନାହିଁ । ଇତି ମଧ୍ୟରେ ଅନେକ ଲୋକ ମନ୍ତ୍ରୀବର ଗ୍ଲାଡଷ୍ଟୋନ ମହୋଦୟଙ୍କ ଏବିଷୟରେ ସେ କି କରିବାର ପ୍ରସ୍ତାବ କରୁଅଛନ୍ତି ପଚାରିବାରୁ ଯିବାରେ ସେ କହିଲେ ଯେ ଅବଧି ଏ ବିଷୟର କିଛି ମୀମାଂସା ହୋଇ ନାହିଁ ଏବଂ ବିଷୟଟି ଅତ୍ୟନ୍ତଗୁରୁତର ଥିବାରୁ ସେ କିଛିଦିନ ବିଳମ୍ବ କରିବା କାରଣ ସମୟ ନେବେ ।

ଅତଃପର ଆମ୍ଭେମାନେ ଅବଗତ ହୋଇଅଛୁଁ ଯେ ବିଲାତ ଗବର୍ଣ୍ଣମେଣ୍ଟ ଏ ବିଷୟ ସ୍ଥିରି କଲା ପୂର୍ବରୁ ଭାରତ ଗବର୍ଣ୍ଣମେଣ୍ଟଙ୍କର ମତାମତ ଜାଣିବାକାରଣ ତାଙ୍କୁ ଏ ବିଷୟରେ ରିପୋର୍ଟ ତଲବ କରିବାକାରଣ ବିଲାତ ଗବର୍ଣ୍ଣମେଣ୍ଟ ଲେଖିଅଛନ୍ତି । ଭାରତ ଗବର୍ଣ୍ଣମେଣ୍ଟ ରିପୋର୍ଟ କଲା ଉତ୍ତାରୁ ଏ ବିଷୟ ମୀମାଂସିତ ହେବ ।

———

ଏ ନଗରସ୍ଥ ମିଉନିସିପାଲିଟୀର କେତେକ ବାର୍ଡ଼ର ଟାକ୍ସ ପୁନଃ ଧାର୍ଯ୍ୟ ହେବା ସମୟରେ ଏଠା ଜଜ କମିଶନର କଲେକ୍ଟର ଇତ୍ୟାଦି ବଡ଼େଘର ଅମଲାମାନେ ମିଉନିସିପଲ ଚେୟାରମାନ ସାହେବଙ୍କ ନିକଟରେ ଏକ ଗୁହାରି ଆଗତ କରିଥିଲେ । ଗୁହାରିର ସାରମର୍ମ ଏହିଯେ ଟାକ୍ସ ଅବସ୍ଥାନୁସାରେ ଧାର୍ଯ୍ୟହେବା ଅଇନ ହେଉଅଛି କିନ୍ତୁ ପୂର୍ବରୁ ଶତକଡ଼ା ଏକଟଙ୍କା ହିସାବରେ ଟାକ୍ସ ନିରୂପିତ ହୋଇ ଆସୁଅଛି । ଏ ରେଟ କେଉଁ ଆଇନାନୁସାରେ ହୋଇଅଛି ତାହା ଟାକ୍ସଦାତାମାନଙ୍କ ଜଣା ନାହିଁ । ପୂର୍ବେ ଲୋକଙ୍କର ଅବସ୍ଥା ଭଲ ଥିଲା ମଧ୍ୟ ଧାନ, ଚାଉଳର ଦର ଶସ୍ତା ଥିଲା । ବର୍ତ୍ତମାନ ଅତି ଦୁର୍ମୂଲ୍ୟ ହୋଇଅଛି ସୁତରାଂ ଚେୟାରମାନଙ୍କୁ ପ୍ରାର୍ଥନା କରିଥିଲେ ଯେ ସରକାରୀ କର୍ମଚାରୀମାନଙ୍କର ଟାକ୍ସ ନିରୂପଣ କରିବା ସମୟରେ ସେମାନଙ୍କର ଉପାର୍ଜନର ପ୍ରଣାଳୀ, ଚାକରଙ୍କ ସଂଖ୍ୟା ଓ ଘର ନିମନ୍ତେ ବ୍ୟୟ ଘରର ଆକୃତି ଓ ଗୃହ ଆସବାବ ପ୍ରଭୃତିର ମୂଲ୍ୟ ବିଷୟ ବିଚାରିକରି ତଦନୁସାରେ ଟାକ୍ସ ଧାର୍ଯ୍ୟ ହେଉ । ବାଲେଶ୍ୱର ମିଉନିସିପାଲିଟୀରେ ଏହିପରି ନିୟମରେ ଟାକ୍ସ ଧାର୍ଯ୍ୟ କରିବା ନିମନ୍ତେ ବଙ୍ଗଳାର ବ୍ୟବସ୍ଥାକାର ମତ ପ୍ରଦାନ କରିଥିଲେ । ଦରଖାସ୍ତକାରୀମାନେ ତହିଁର ଏକ ପ୍ରତିଲିପି ଦରଖାସ୍ତ ସହିତ ପ୍ରେରଣ କରିଥିଲେ ଆମ୍ଭେମାନେ ମଧ୍ୟ ତହିଁର ଏକଖଣ୍ଡ ପ୍ରାପ୍ତ ହୋଇଅଛୁଁ । ସର୍ବସାଧାରଣଙ୍କ ଗୋଚରାର୍ଥେ ନିମ୍ନେ ପ୍ରକାଶ କଲୁଁ । କିନ୍ତୁ ଆମ୍ଭେମାନେ ଶୁଣିଲୁଁ ଯେ ଆମଲାଙ୍କ ଗୁହାରି ପ୍ରତି ମିଉନିସିପଲ କମିଶନରମାନେ ଦୃଷ୍ଟିପାତ କରିନାହାନ୍ତି । ଏଥିର କାରଣ ଆମ୍ଭେମାନେ ଜାଣୁନାହୁଁ । ବ୍ୟବସ୍ଥାକାରଙ୍କ ମତ ସମସ୍ତଙ୍କ ପ୍ରତି ଖଟଇ । ଅନୁଭବ ଟାକ୍ସଦାତାମାନେ ମିଳିତ ହୋଇ ଉଚିତ ହାକିମଙ୍କ ନିକଟରେ ସବିଶେଷ ହାଲ ଜଣାଇଲେ ଫଳ ହୋଇପାରେ ।

To

THE COMMISSIONER OF THE ORISSA
DIVISION

*Dated Calcutta the 11th May* 1891

Sir,

With reference to your No. 80 M of the 5th I have the honor to say that the Balasore Municipality appears to imagine itself empowered to levy a second Income Tax, because it is allowed to consider the "circumstances" of residents in making its assessment. This view is clearly wrong. The "circumstances" they may consider are, not the sources of profit which a resident may have, but his style and mode of living, expenditure on servants houses &c, size of house, value of furniture or other contents of the house &c, which, lying within the municipality, is protected by the Municipal officers.

I have &c.
Sd. T. T. Allen
Supdt. & Remembrancer of Legal
affairs.

———

## ସ୍କୁଲ ସବ୍‌ଇନ୍‌ସ୍ପେକ୍ଟର ନିଯୋଗ ।

ସ୍କୁଲସମୂହର ସବ୍ ଇନ୍ସପେକ୍ଟର ନିଯୋଗସମ୍ବନ୍ଧରେ ନୂତନ ନିୟମ ଗତ କଲିକତା ଗେଜେଟରେ ପ୍ରକାଶିତ ହୋଇଅଛି । ଅତଃପର ଯେଉଁମାନେ ଉକ୍ତପଦର ପ୍ରାର୍ଥୀ ହେବେ ସେମାନେ

Digitized by srujanika@gmail.com

Split by PDF Splitter



ବି,ଏ,ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବେ ଅଥବା ଏଫ୍ ଏ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଅନ୍ୟୂନ ତିନିବର୍ଷ କାଳ କୌଣସି ଉଚ୍ଚଶ୍ରେଣୀର ଇଂରାଜୀ ସ୍କୁଲର ଅଧସ୍ତନ ଶିକ୍ଷକପଦରେ ଅଥବା କୌଣସି ମଧ୍ୟଶ୍ରେଣୀର ଇଂରାଜୀସ୍କୁଲର ପ୍ରଧାନ ଶିକ୍ଷକପଦରେ କାର୍ଯ୍ୟକରିଥିବେ ଓ ଉକ୍ତ ପଦରେ ସନ୍ତୋଷଜନକରୂପେ କାର୍ଯ୍ୟ କରିଥିବା ବିଷୟରେ ସ୍କୁଲର ଇନ୍ସପେକ୍ଟରଙ୍କ ପ୍ରଦତ୍ତ ସାର୍ଟିଫିକେଟ ଦେଖାଇବେ। ଓଡ଼ିଶା ଓ ଛୋଟନାଗପୁର ପକ୍ଷରେ ଯେ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଅନ୍ୟୂନ ତିନିବର୍ଷ କୌଣସି ଉଚ୍ଚଶ୍ରେଣୀର ଅଧସ୍ତନ ଶିକ୍ଷକପଦରେ ଅଥବା ମଧ୍ୟଶ୍ରେଣୀର ଇଂରାଜୀସ୍କୁଲର ପ୍ରଧାନଶିକ୍ଷକପଦରେ କାର୍ଯ୍ୟ କରିଥିବ ଓ ଇନସ୍ପେକ୍ଟର ପ୍ରକାର ସାର୍ଟିଫିକେଟ ପ୍ରଦାନ କରି ସେ ଉକ୍ତପଦ ସକାଶେ ପ୍ରାର୍ଥୀ ହୋଇପାରିବ।

ଏତଦ୍ୟତୀତ ଦୁଇଜଣ ସମ୍ଭ୍ରାନ୍ତ ବ୍ୟକ୍ତିଙ୍କର ସ୍ୱାକ୍ଷରିତ ସଚ୍ଚରିତ୍ରତାସମ୍ବନ୍ଧୀୟ ସାର୍ଟିଫିକେଟ ଆବଶ୍ୟକ ଓ ତାହା ମାଜିଷ୍ଟ୍ରେଟ ସ୍ୱାକ୍ଷରକରିବେ। ପ୍ରାର୍ଥୀର ବୟସ ୩୦ ବର୍ଷରୁ ଊର୍ଦ୍ଧ୍ୱ ହେବ ନାହିଁ। ଜନ୍ମପତ୍ରିକା ଦ୍ୱାରା ଅବା ଅନ୍ୟ କୌଣସି ପ୍ରକାର ଯଥେଷ୍ଟ ପ୍ରମାଣ ଦ୍ୱାରା ବୟସର ସାର୍ଟିଫିକେଟକୁ ପୋଷକତା କରିବାକୁ ହେବ।

ସ୍ୱାସ୍ଥ୍ୟ ଓ ସବଳତା ବିଷୟରେ ଜନେକ ସିଭିଲସର୍ଜନଙ୍କ ସ୍ୱାକ୍ଷରିତ ସାର୍ଟିଫିକେଟ ପ୍ରଦାନ କରିବାକୁହେବ। ଏସବୁଥାଇ ମଧ୍ୟ କାର୍ଯ୍ୟ ପାଇଲା ପରେ ମଧ୍ୟ ଅନ୍ୟୂନ ୩ ମାସ ଶିକ୍ଷାନବିଶି କରିବାକୁ ହେବ ଓ ଇନସ୍ପେକ୍ଟରଙ୍କ ମନ ନ ମାନିଲେ ସେ ତତ୍‌ମାତ୍ର ସ୍ଥାନରେ ତିନିମାସ ଶିକ୍ଷାନବିଶି ଅବସ୍ଥାରେ ରହିପାରନ୍ତି।

---

### ଲାଖରାଜ ବାଜିଆପ୍ତି ସ୍ୱତ୍ୱ।

ଲାଖରାଜ ବାଜିଆପ୍ତି ଭୂମିର ବନ୍ଦୋବସ୍ତ ସମ୍ବନ୍ଧରେ ବଙ୍ଗୀୟ ରେବିନ୍ୟୁ ବୋର୍ଡ ସନ ୧୮୭୭ ସାଲର ତା ୬ ମେ ସର୍କୁଲାରରେ ଯେଉଁ ଆଦେଶ ପ୍ରଚାର କରିଅଛନ୍ତି ତହିଁପ୍ରତି ଆମ୍ଭମାନଙ୍କ ମନୋଯୋଗ ଆକର୍ଷିତ ହୋଇଅଛି। ଉକ୍ତ ସର୍କୁଲରର ଆଦେଶ ସନ ୧୮୭୭ ସାଲ ତା ୭ ଋଷ ମାର୍ଚ୍ଚର ଗବର୍ଣ୍ଣମେଣ୍ଟ ଗେଜେଟରେ ବଙ୍ଗଳା ଅନୁବାଦ ସହିତ ପ୍ରକାଶିତ ହୋଇଅଛି। ତହିଁର ସଂକ୍ଷେପମର୍ମ ଏହି କି ମହିମାନ୍ୱିତ ଶ୍ରୀଯୁକ୍ତ ଗବର୍ଣ୍ଣରଜେନେରଲ ବାହାଦୂର ଜାରିକରିଅଛନ୍ତି ଯେ ସନ ୧୮୯୩ ସାଲ ୧୯ ଅର୍ଡର୍ ଧା ୮ ଦର ପ୍ର ୬୩ କରଣ ଅନୁସାରେ ଲାଖରାଜ ବାଜିଆପ୍ତି ଭୂମି ଉପରେ ଯେଉଁ ରାଜସ୍ୱ ଧାର୍ଯ୍ୟ ହେବ ତାହା ଚିରକାଳ ନିମନ୍ତେ ହେବ ଓ ସେହି ରାଜସ୍ୱ ଦେଇ ଲାଖରାଜଦାରମାନେ ପୁତ୍ରପୌତ୍ରାଦିକ୍ରମେ ଭୋଗ ଦଖଲ କରିବେ। କେବଳ ଯେଉଁ ସ୍ଥଳମାନଙ୍କରେ ଏପରି ଜଣାଯିବ ଯେ ଚିରକାଳ ନିମନ୍ତେ ସଂଜମ୍ବ ବନ୍ଦୋବସ୍ତ କରିଥିଲେ ସର୍ବସ୍ୱ କାର୍ଯ୍ୟକାରକମାନେ ଯେଉଁ ଜମା ଧାର୍ଯ୍ୟ କରିଆନ୍ତେ ଅଳ୍ପସମୟ ନିମନ୍ତେ ବନ୍ଦୋବସ୍ତ ହେବାରୁ ତହିଁରୁ ଊଣା ଜମା ଧାର୍ଯ୍ୟ କରିଅଛନ୍ତି କେବଳ ସେହି ସ୍ଥଳମାନଙ୍କରେ ଜମାବୃଦ୍ଧି ହୋଇ ଚିରକାଳ ନିମନ୍ତେ ବନ୍ଦୋବସ୍ତ ହେବ ଏବଂ ଉକ୍ତ ଜମାବୃଦ୍ଧି କେବଳ ସେ ସମୟର ବନ୍ଦୋବସ୍ତ କାଗଜ ଲିଖିତ ଭୂମିର ଉତ୍ପନ୍ନ ଦୃଷ୍ଟିରେ ହେବ ନୂତନ ବନ୍ଦୋବସ୍ତ ହେବ ନାହିଁ। ଗବର୍ଣ୍ଣମେଣ୍ଟଙ୍କର ଏହି ଅଭିପ୍ରାୟ ମତେ ଲାଖରାଜ ବାଜିଆପ୍ତି ଭୂମି ସ୍ୱତ୍ୱର ଚିରକାଳ ବନ୍ଦୋବସ୍ତ ଶୀଘ୍ର କରିବାକାରଣ ବଙ୍ଗଳାର ପ୍ରତ୍ୟେକ ବିଭାଗୀୟ କମିଶନରଙ୍କ ପ୍ରତି ରେବିନ୍ୟୁ ବୋର୍ଡ ଆଦେଶ ଦେଇଅଛନ୍ତି।

ବୋର୍ଡଙ୍କ ଉପରଲିଖିତ ଆଦେଶ ସାଧାରଣ ଅଟଇ ଓ ସମସ୍ତ ଜିଲ୍ଲାପ୍ରତି ଖଟିବାର ସ୍ପଷ୍ଟ ଲେଖାଅଛି। ପ୍ରତ୍ୟକ୍ଷେ ଓଡ଼ିଶାପ୍ରତି ନ ଖଟିବାର କୌଣସି କାରଣ ନାହିଁ। ଏଥିରୁ ଏମନ୍ତ ତର୍କ ଉପସ୍ଥିତ ହୋଇ ପାରେ ଯେ ଓଡ଼ିଶା ଚିରସ୍ଥାୟୀ ବନ୍ଦୋବସ୍ତର ବହିର୍ଭୂତ। ଏଠାରେ ସମସ୍ତ ପ୍ରକାର ରାଜସ୍ୱର ସାମୟିକ ବନ୍ଦୋବସ୍ତ ହୋଇଥିବା ପ୍ରତ୍ୟକ୍ଷେ ଏଠା ଲାଖରାଜ ବାଜିଆପ୍ତିର ଜମା ଚିରକାଳ ନିମନ୍ତେ ବନ୍ଦୋବସ୍ତ ହେବା ଅସଙ୍ଗତ ହେବ। ବାସ୍ତବରେ ଓଡ଼ିଶା ବନ୍ଦୋବସ୍ତ ସମୟରେ ରେବିନ୍ୟୁ ବୋର୍ଡ ଏହି କାରଣ ଦର୍ଶାଇ ବାଜିଆପ୍ତି ସ୍ୱତ୍ୱର ସାମୟିକ ଜମା ଧାର୍ଯ୍ୟ କରିବାର ଆଦେଶ ଦେଇଥିଲେ। ବଙ୍ଗୀୟ ଗବର୍ଣ୍ଣମେଣ୍ଟଙ୍କ ସନ ୧୮୩୮ ସାଲର ଜୁଲାଇମାସ ତା ୩୧ ରିଖ ଲିଖିତ ନ ୧୪୦୫ ନମ୍ବର ଚିଠି ଓ ତହିଁ ସଙ୍କ୍ରାନ୍ତ କାଗଜମାନଙ୍କର ମର୍ମ ମଧ୍ୟ ସେହିପରି ଅଟଇ ଅର୍ଥାତ ତହିଁରେ ସ୍ପଷ୍ଟ ଲେଖାଅଛି ଯେ ଲାଖରାଜ ବାଜିଆପ୍ତି ଭୂମିମାନ ଅଧାଜମାରେ ବ ୩୦ ବର୍ଷ ନିମନ୍ତେ ବନ୍ଦୋବସ୍ତ ହେବ ଓ ଏହି ନିୟମରେ ଲାଖରାଜଦାରମାନଙ୍କୁ ପଟ୍ଟା ଦିଆଯାଇଅଛି। ମାତ୍ର ଆମ୍ଭମାନଙ୍କ କ୍ଷୁଦ୍ର ବିବେଚନାରେ ଏ ଯୁକ୍ତି ମାତ୍ର ସେ ସମୟପ୍ରତି ଉପଯୁକ୍ତ ହୋଇ ଥିଲେହେଁ ଚିରକାଳ ସକାଶେ ପ୍ରବଳ ନୁହଇ। ସନ ୧୮୩୮ ସାଲରେ ଯେ ଆଦେଶ ହୋଇଥିଲା ତହିଁର ବ ୨୮ ବର୍ଷ ପରରୁ ଅର୍ଥାତ ସନ ୧୮୬୬ ସାଲରେ ଯେତେବେଳେ ମହାମାନ୍ୟ ଗବର୍ଣ୍ଣର ଜେନେରଲ ବାହାଦୂର ନିଷ୍ପତ୍ତି କଲେ କି ଅଲଡାନୁସାରେ ଲାଖରାଜ ବାଜିଆପ୍ତି ଅଧାଜମାରେ ଚିରକାଳ ନିମନ୍ତେ ବନ୍ଦୋବସ୍ତ ହେବା ଉଚିତ ଏବଂ ତଦନୁସାରେ ରେବିନ୍ୟୁ ବୋର୍ଡ ସାଧାରଣ ଆଦେଶ ସମସ୍ତ ବିଭାଗୀୟ କମିଶନରମାନଙ୍କ ନିକଟକୁ ପଠାଇଲେ ସେତେବେଳେ ଓଡ଼ିଶା ପ୍ରତି ସେ ଆଦେଶ ଖଟିବ ନାହିଁ ଏକଥା କିପରି ହୋଇପାରିବ? ଓଡ଼ିଶାରେ ଅନ୍ୟାନ୍ୟ ଭୂମିର ସାମୟିକ ବନ୍ଦୋବସ୍ତ ହୋଇଅଛି ବୋଲି ଲାଖରାଜ ବାଜିଆପ୍ତିର ବନ୍ଦୋବସ୍ତ ସେହିପରି ହେବ ଏ ଯୁକ୍ତି ନିତାନ୍ତ ଦୁର୍ବଳ ଏବଂ ଏହାକୁ ଅନୁସାର କାର୍ଯ୍ୟ ହୋଇଥିଲେ ସାମୟିକ ବନ୍ଦୋବସ୍ତ ଓଡ଼ିଶାରେ କେତେଗୁଡ଼ିଏ ମୋକରରୀ ମହାଲ ଅଥବା ମୋକରରୀ ବନ୍ଦୋବସ୍ତ ବଙ୍ଗଳାରେ କେତେଗୁଡ଼ିଏ ସାମୟିକ ବନ୍ଦୋବସ୍ତୀ ଭୂମି ନ ଥାନ୍ତା। ବଙ୍ଗଳାର କେତେକ ଲାଖରାଜ ବାଜିଆପ୍ତି ଭୂମି ଅଳ୍ପକାଳ ନିମନ୍ତେ ବନ୍ଦୋବସ୍ତ ହୋଇଥିଲା ବୋଲି କି ଗବର୍ଣ୍ଣମେଣ୍ଟଙ୍କ ଉକ୍ତ ନିଷ୍ପତ୍ତି ବାହାରିଲା। ସେହି ନିଷ୍ପତ୍ତି ଅନୁସାରେ ଲାଖରାଜ ବାଜିଆପ୍ତି ଭୂମିମାନ ଓଡ଼ିଶାର ବର୍ତ୍ତମାନ ବନ୍ଦୋବସ୍ତରେ ଅଧାଜମାରେ ଚିରକାଳ ନିମନ୍ତେ ବନ୍ଦୋବସ୍ତ କରିଦେବା ଉଚିତ ଏବଂ ତାହା କଲେ ଅସଙ୍ଗତ ନ ହୋଇ ବରଂ ସମସ୍ତ ବଙ୍ଗପ୍ରଦେଶର ଲାଖରାଜ ବାଜିଆପ୍ତିଦାରଙ୍କ ଅବସ୍ଥା ସମାନ ହେବ ଏବଂ ନ୍ୟାୟ ବିଚାର ସକାଶେ ସମସ୍ତେ ଗବର୍ଣ୍ଣମେଣ୍ଟଙ୍କୁ ଧନ୍ୟବାଦ ଦେବେ। ଅତଏବ ବୋର୍ଡଙ୍କ ପ୍ରଚାରିତ ମହାମାନ୍ୟ ଗବର୍ଣ୍ଣର ଜେନେରଲଙ୍କ ସ୍ଥିର ନିଷ୍ପତ୍ତି ଅନୁସାରେ ଲାଖରାଜ ବାଜିଆପ୍ତିର ବନ୍ଦୋବସ୍ତ ଚିରକାଳ ନିମନ୍ତେ ହେବାର ଉଚିତ ଓ ତହିଁର ଜମା ବୃଦ୍ଧି ହେବା ଉଚିତ ନୁହଇ। କେବଳ ଯେଉଁଠାରେ ଜମି ସମ୍ପୂର୍ଣ୍ଣରୂପେ ଅବାଦ ହୋଇ ନ ଥିଲା ଅଥବା ସାମୟିକ ବନ୍ଦୋବସ୍ତ ହେବାବେଳେ ଜମା ଊଣା ହୋଇଥିଲା ସେହିଠାରେ ଜମା ବୃଦ୍ଧିର ସ୍ଥାନ ଅଛି। ଓଡ଼ିଶାର ଲାଖରାଜ ବାଜିଆପ୍ତି ଭୂମିମାନ ଅନ୍ୟାନ୍ୟ ଜମିପରି ସାମୟିକ ବନ୍ଦୋବସ୍ତ ହୋଇଥିଲା ଏବଂ ସେ ସମୟରେ ଜମି ସମ୍ପୂର୍ଣ୍ଣରୂପେ ଅବାଦ ହୋଇ ନ ଥିବାର ବୋଲାଯାଇ ନ ପାରେ। ସୁତରାଂ ବର୍ତ୍ତମାନ ଏଥିର ଜମାବୃଦ୍ଧି ହେବାର ଉଚିତ

Digitized by srujanika@gmail.com

ହୋଇଅଛି । ମାତ୍ର ଆମ୍ଭମାନଙ୍କର ବିବାଦ ଏହିକି ବର୍ତ୍ତମାନ ଯାହା ଜମାବନ୍ଦୀ ହେବ ତହିଁର ଅର୍ଦ୍ଧେକ ରାଜସ୍ୱ ଧାର୍ଯ୍ୟ ହେବାଣି ତହିଁରୁ ଅଧିକ ହେଲେ ଅନ୍ୟାୟ ହେବ ଏଥିରେ ସନ୍ଦେହ ନାହିଁ । କାରଣ ଚିରସ୍ଥାୟୀ ବନ୍ଦୋବସ୍ତ ହଉଥିବାରେ କଷ୍ଟ ହେଲେ ହେଉ ଦେଖାଇବାର ବାଟ ଥିଲେ ସୁଦ୍ଧା ଅର୍ଦ୍ଧେକରୁ ଅଧିକ ଜମା ଧାର୍ଯ୍ୟ କରିବାକୁ କୌଣସି ହେତୁ ଦେଖାଯାଉ ନାହିଁ । ବାଜେଅଫଡ଼ ଲାଖରାଜଦାରମାନେ ବିଶେଷ ସ୍ୱତ୍ୱବାନ୍ ବ୍ୟକ୍ତି ଅଟନ୍ତି ଏବଂ ପ୍ରଜା ନୁହନ୍ତି ଏକଥା ଗବର୍ଣ୍ଣମେଣ୍ଟ ସ୍ପଷ୍ଟରୂପେ ସ୍ୱୀକାର କରିଅଛନ୍ତି ଏବଂ ଓଡ଼ିଶାର ଏହି ଶ୍ରେଣୀର ସ୍ୱତ୍ୱବାନ୍ ବ୍ୟକ୍ତିଙ୍କୁ ଯେଉଁ ଖାରିଜପଟ୍ଟାମାନ ଦିଆ ଯାଇଅଛି ତହିଁରେ ନିର୍ଦ୍ଧାରିତ ଜମାବନ୍ଦୀ ଥିବାରୁ ସ୍ଥାୟୀ ଏବେ ଏବଂ ଦଳଦସ୍ତାବିଜୀ ଏବେ ହୋଇ ଉଚିତ ହୋଇ ଲେଖାଅଛି, ଏମାନେ ଯେଉଁଠାରେ ପ୍ରଜା ନୁହନ୍ତି ଏବଂ ଏମାନଙ୍କର ଯେତିକି ବିଶେଷ ସ୍ୱତ୍ୱ ଅଛି ସେଉଁଠାରେ ଏମାନଙ୍କର ଦଖଲୀ ଏଣିକି ସାମାନ୍ୟ ରଇତି-ପରି ହେବ ଏହା ନିତାନ୍ତ ଅଯୌକ୍ତିକ ଏବଂ ଗବର୍ଣ୍ଣମେଣ୍ଟଙ୍କ ଆଦେଶର ବିପରୀତ ଅଟଇ । ଏହି ନଗରର ଖାସମହାଲ ବନ୍ଦୋବସ୍ତ ସମ୍ବନ୍ଧରେ ଲାଖରାଜ ବାଜେଅଫଡ଼ ସ୍ୱତ୍ୱ ଏକାବେଳକେ ଲୋପ ହେବାର ଦେଖି ଅନେକଙ୍କ ମନରେ ଭୟ ହୋଇଅଛି ଯେ ସମସ୍ତ ଓଡ଼ିଶାରେ ଏହିପରି ହେବ । ବାସ୍ତବରେ ଗବର୍ଣ୍ଣମେଣ୍ଟଙ୍କ ପକ୍ଷରୁ ଏପରି ଅନ୍ୟାୟ ହେଲେ ଲୋକଙ୍କର ଭୟ ହେବାର କଥା ମାତ୍ର ଏକଥା ଜାଣିବାକୁ ଆଉ ବାକି ନାହିଁ ଯେ ଆମ୍ଭମାନଙ୍କ ନ୍ୟାୟବାନ୍ ଗବର୍ଣ୍ଣମେଣ୍ଟଙ୍କର ସାଧୁ ଉଦ୍ଦେଶ୍ୟ ଅନେକ ସମୟରେ କର୍ମଚାରୀ ବିଶେଷର ଦୋଷ ଅବା ଅଦୂରଦର୍ଶିତା ହେତୁ ବ୍ୟର୍ଥ ହୋଇଯାଏ । ଏଠା ଖାସମହାଲ ବନ୍ଦୋବସ୍ତକର୍ତ୍ତା ଆପଣା ବାହାଦୁରି ଦେଖାଇବା ପାଇଁ ଲାଖରାଜ ବାଜେଅଫଡ଼ ସ୍ୱତ୍ୱ ଲୋପ କରି ଜମା ଧାର୍ଯ୍ୟ କରିବାର ଆଦେଶ ଦେଲେ ଏବଂ ଉପଯୁକ୍ତ ଆଇନମାନେ ସେହିବାଟେ ଗଲେ ଏଣେ ଲାଖରାଜଦାରଙ୍କ ପକ୍ଷରୁ କିଛି ଆପତ୍ତି ନ ହେବାରୁ ସେହି ଏକପାଖିଆ ବିଚାର ରହିଗଲା । ଏବେ ବେଳେ ମଧ୍ୟ ଲାଖରାଜଦାରମାନେ ଯତ୍ନ ନ କରି ନିଶ୍ଚିନ୍ତ ହୋଇ ଘରେ ଶୋଇଲେ ସେପରି ଘଟିବା ବିଚିତ୍ର ନୁହଇ । ଭରସା କରୁଁ ସେପରି ହେବ ନାହିଁ । ଅନ୍ତତଃ ବାଲେଶ୍ୱର-ବାସିମାନେ ଯଥାସମୟରେ ଜାଗ୍ରତ ହୋଇ ଏ ବିଷୟରେ ଗବର୍ଣ୍ଣମେଣ୍ଟଙ୍କୁ ଆବେଦନ ପଠାଇବାର ଉଦ୍ୟମ କରୁଅଛନ୍ତି । ଓଡ଼ିଶାର ଅନ୍ୟାନ୍ୟ ସ୍ଥାନରୁ ଏହିପରି ଆବେଦନପତ୍ରମାନ ଗଲେ ଗବର୍ଣ୍ଣମେଣ୍ଟ ଉପଯୁକ୍ତ ଆଦେଶ ବନ୍ଦୋବସ୍ତ-ମହକୁମାକୁ ପଠାଇବେ ଅଥବା ଆବେଦନକାରୀଙ୍କୁ ଉପଯୁକ୍ତ ଉତ୍ତର ପ୍ରଦାନଦ୍ୱାରା ପ୍ରବୋଧ ଦେବେ ।

---

# ସାପ୍ତାହିକ ସମ୍ବାଦ ।

ଆମ୍ଭମାନଙ୍କର ଗଡ଼ଜାତ ସୁପରିଣ୍ଟେଣ୍ଡେଣ୍ଟ ଶ୍ରୀଯୁକ୍ତ ଜ ବୃକ୍ଷ ଆଗାମୀ ସପ୍ତାହରେ ଢେଙ୍କାନାଳ ଗଡ଼କୁ ଦୌରା ମୋକଦ୍ଦମା ବିଚାର ନିମନ୍ତେ ଗମନ କରିବେ ।

କଟକ କଲେକ୍ଟରର ଖାଜାଞ୍ଚି ବାବୁ ରଘୁନାଥ ନାୟକ ବାଲେଶ୍ୱରରେ ସବ୍‌ଡେପୁଟୀ କାର୍ଯ୍ୟରେ ଉପସ୍ଥିତ ହେବା ନିମନ୍ତେ ଅଦ୍ୟ କଟକ ପରିତ୍ୟାଗ କରିବେ ।

ବାବୁ ଲକ୍ଷ୍ମୀଦାସ ନାୟକ ତାଙ୍କ ସ୍ଥାନ ନିମନ୍ତେ କଟକ ଖାଜାଞ୍ଚି କାର୍ଯ୍ୟରେ ନିଯୁକ୍ତ ହେଲେ ।

ଏଠା ମିଉନିସିପାଲିଟୀର ଟାକ୍ସ ଦାରୋଗା ତୁଲାରାମ ପଟ୍ଟନାୟକ ଅପରାଧରେ ସସପେଣ୍ଡ ହୋଇଅଛନ୍ତି । ସବିଶେଷ ବୃତ୍ତାନ୍ତ ଜଣାପଡ଼ି ନାହିଁ ।

ମିଉନିସିପଲ କମିଶ୍ନର ଙ୍କାଠି ନାଜରମହମ୍ମଦଙ୍କର କୌଣସି ଦୋଷ ପ୍ରମାଣ ହୋଇ ନ ଥିଲା ଓ ପ୍ରଥମ ଦଣ୍ଡଦାତାଠାରୁ ଉଚ୍ଚ ଅଦାଲତକର୍ତ୍ତା ସମସ୍ତଙ୍କ ବିଚାର ଭୁଲ ହୋଇଅଛି । ସେଇ ଅପରାଧ ନ ଥିଲା ତଳେ ସେସନ ଜଜ୍ ଜଜକର୍ତ୍ତାଙ୍କ ଶାସ୍ତି ଦେବା ଅଯଥାର୍ଥ ନୁହଇ । ହାଇକୋର୍ଟ ଉପଦେଶ ପ୍ରକାର ରାୟ ପ୍ରଦାନ କରିଅଛନ୍ତି । ଆମ୍ଭମାନଙ୍କ ମତରେ "ନଷ୍ଟଜନସ୍ୟ କେବଳ ମସ୍ତକନ୍ୟାଥା ଦେଉ" ଏହି ବାକ୍ୟ ଶାସ୍ତିଟା ହୋଇଥିବ । ବର୍ତ୍ତମାନ ପୁଣି କମିଶ୍ନର ପଦକୁ ବାହାଲ ହେଉ ପାରନ୍ତି କି ?

ବାଲେଶ୍ୱରର ମାଜିଷ୍ଟ୍ରେଟ ଅଫିସର ହେଡ଼କିରାଣି ଓ ସେରେସ୍ତାଦାର ବାବୁ କେଦାରନାଥ ଘୋଷ ନୂଆ କ୍ଲେଗଲେ ମାଜିଷ୍ଟ୍ରେଟ ସମ୍ମାନ ଲାଭ କରି ଅଛନ୍ତି ।

ଗତ ଶୋଭାଜନରେ ଝିନ୍ଦକାଇଠାରେ ଝମ୍ପରି ଝଡ଼ ଏବଂ ଅନେକ ବୃକ୍ଷ ଭୂମିସାତ ହୋଇଥିବାର ସମ୍ବାଦ ମିଳଇ । କୌଣସି ଲୋକ ମରି ନାହିଁ ମାତ୍ର ଅନେକ ଗୋମେଷାଦି ନଷ୍ଟ ହୋଇଅଛନ୍ତି ।

ଓଡ଼ିଶା ଡ଼ିଭିଜନର ଇନ୍‌ସ୍‌ପେକ୍ଟର ଡୁଇଗୋଷ୍ଟ ସାହେବଙ୍କୁ ଭ୍ରମଣ କରୁଅଛନ୍ତି ।

ମେ । ଏଣିକି ମାଟ୍ରିକ୍ ଓ ଇଣ୍ଟରମିଡ଼ିଏଟ ପରୀକ୍ଷାର୍ଥୀମାନେ ଇତିହାସ ଓ ଭୂଗୋଳରେ ଶତକଡ଼ା ୩୦ ନମ୍ବର ରକ୍ଷି ପାରିଲେ ଉକ୍ତ ପରୀକ୍ଷାରେ ପାସ ସାର୍ଟିଫିକେଟ ପାଇପାରିବେ ଏବଂ ଉକ୍ତ ବିଷୟରେ ଶତକଡ଼ା ୨୫ ନମ୍ବର ରଖି ପାରିଲେ ବୃତ୍ତି ପାଇବାର ଉପଯୁକ୍ତ ହୋଇପାରିବେ ।

ମେ । ଯେଉଁ ଅଧ୍ୟାପକମାନେ ପଣ୍ଡିତଙ୍କର ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବେ ତାଙ୍କ ବିଷୟରେ ପରୀକ୍ଷା ଦେବା ସେମାନଙ୍କର ଇଚ୍ଛାଧୀନ ଅଟେ ।

### କଲିକତା-ଗେଜେଟ ।

ଉତ୍କଳର ଡ଼େପୁଟୀ କଲେକ୍ଟର ବାବୁ କାର୍ତ୍ତିକଚନ୍ଦ୍ର ଘୋଷ ଚୌଧୁରୀ ଏକମାସର ଛୁଟି ପ୍ରାପ୍ତ ହୋଇଛନ୍ତି ।

ବାଲେଶ୍ୱରର ଅଫିସିଏଟିଂ ଡେପୁଟୀ ମାଜିଷ୍ଟ୍ରେଟ ଓ ଡେପୁଟୀ କଲେକ୍ଟର ବାବୁ ଯୋଗେନ୍ଦ୍ରମୋହନ ଘୋଷ ଉତ୍କଳରେ ଅଫିସିଏଟ ହୋଇଅଛନ୍ତି ।

କୃଷି ଶିକ୍ଷିତ ଗୋରକ୍ଷଣ ଜଏଣ୍ଟମାଜିଷ୍ଟ୍ରେଟ ଓ ଡେପୁଟୀ କଲେକ୍ଟର ମିଃ ସୂର୍ଯ୍ୟକୁମାର ଅଗସ୍ତି ବର୍ତ୍ତମାନ ଛୁଟି ନେଇ ସଦର ମହକୁମାରେ ଅବସ୍ଥାପିତ ହୋଇଛନ୍ତି ।

ବଙ୍ଗଳା ସଭାର ଅଧିନ ଆଇନ ପ୍ରସ୍ତୁତ କରିବା ନିମନ୍ତେ ଲେଫ୍‌ଟେନାଣ୍ଟ ଗଭର୍ଣ୍ଣର ବାହାଦୁରଙ୍କ ଦ୍ୱାରା ସଭାପତିରେ ନିମ୍ନଲିଖିତ ବ୍ୟକ୍ତିମାନେ ନିଯୁକ୍ତ ହୋଇଥିଲେ ।

ବୋର୍ଡର ମେମ୍ବର ମିଃ ଡ, ଅବ୍, ସମ୍ବେଲ

ବଙ୍ଗଳା ଦପ୍ତରର ସେକ୍ରେଟେରୀ ମିଃ ଜେ, ଏ, ବୋର୍ଡିଲନ୍

କଲିକତାର ପ୍ରେସିଡେନ୍ସି ମାଜିଷ୍ଟ୍ରେଟ ମୌଲବୀ ଅବଦୁଲ ଜବରଙ୍ଗୀ ବାହାଦୁର

ବାବୁ ସୁରେନ୍ଦ୍ରନାଥ ବାନର୍ଜି

ମିଃ ଲାଲମୋହନ ଘୋଷ ବାରିଷ୍ଟର

ଦରଭଙ୍ଗାର ମହାରାଜା ସାର ଲକ୍ଷ୍ମୀଶ୍ୱର ସିଂହ ବାହାଦୁର

ମୌଲବୀ ସିରାଜୁଲ ଇସ୍‌ଲାମଖାଁ ବାହାଦୁର

ମିଃ ପାଣ୍ଡୁକ ସ୍ମେଫେମ୍ବାର

„ ଜ୍ଞାନେନ୍ଦ୍ର ବାନର୍ଜି ବାରିଷ୍ଟର

„ ଜନ ଡଲହାମ ଉମେଶ

ଓଡ଼ିଶା ସ୍କୁଲସମୂହର ତତ୍କାଳୀନ ଇନସ୍ପେକ୍ଟର ବାବୁ ରାଧାନାଥ ରାୟ ଗତ ଡିସେମ୍ବରମାସ ତା ୧ ଦିନରୁ ଅସ୍ଥାୟୀ ଶିକ୍ଷା ବିଭାଗର ୧ମ ଶ୍ରେଣୀରେ ବାହାଲ ହେଲେ ।

କଟକ ମେଡ଼ିକେଲସ୍କୁଲର ନିମ୍ନଲିଖିତ ଛାତ୍ରମାନେ ଗତ ପରୀକ୍ଷାରେ ଉତ୍ତୀର୍ଣ୍ଣତା ଲାଭ କରିଅଛନ୍ତି ।

| | |
|---|---|
| ୧ ଭୁବନାନନ୍ଦ ନାୟକ | ୧୦ ମହେନ୍ଦ୍ରନାଥ ଦାସ |
| ୨ ଦେବେନ୍ଦ୍ରନାଥ ଅଧିକାରୀ | ୧୧ ଲଙ୍କେଶ୍ୱର ଘୋଷ |
| ୩ ଗୋପୀନାଥ ଦାସ | ୧୨ ଗୋପାଳଚନ୍ଦ୍ର ଦେ |
| ୪ କାର୍ତ୍ତିକଚନ୍ଦ୍ର ଦଳ ମହାପାତ୍ର | ୧୩ ଶ୍ରୀମନ୍ତ ବାରୋ |
| ୫ ଶ୍ରୀନାଥ ମହାନ୍ତି | ୧୪ ଅଶ୍ୱିନୀ ଘୋଷ |
| ୬ ପ୍ୟାରୀଲାଲ ଦାସ | ୧୫ କୃଷ୍ଣଚନ୍ଦ୍ର ଜେନା |
| ୭ ମହେନ୍ଦ୍ରନାଥ ବାନର୍ଜି | ୧୬ ଶେଖ ଜ, ଦଲବୁ |
| ୮ ସୟଦ ଏହସନ ଉଲ୍ଲା | ୧୭ ରମାନନ୍ଦ ପାଣିଗ୍ରାହୀ |
| ୯ ଭୁବନମୋହନ ମିଶ୍ର | |

---

କପୂରଥଲାର ମହାରାଜା ଗତମାସ ତା ୯ ଦିନରେ ମନ୍ତ୍ରୀଙ୍କର ଷ୍ଟାନହୋପ ଓ ଲର୍ଡ଼ ଜେଟଲଣ୍ଡ ସହିତ ସାକ୍ଷାତ କରିଥିବାର ସମ୍ବାଦ ମିଳଇ ।

ସହୋଦରଠାରୁ ଅଭିଥିବା ସୀମାନ୍ତ ପ୍ରଦେଶୀୟ ସମ୍ବାଦରୁ ପ୍ରକାଶ ଯେ ଉମରା ଖାଁ ଚତୁର୍ଥ ଦୁର୍ଗକୁ ହସ୍ତଗତ କରିଅଛନ୍ତି । ପାମନାକ ଓ ଗୋ ୪ ଟି ଦୁର୍ଗକୁ ଖାଁ ସାହେବ ଜଣେ ଜଣ ଦେଇ ଗୋ ୪ ଟି ଦୁର୍ଗକୁ ହସ୍ତଗତ କରିଅଛନ୍ତି । କଥିତ ଅଛି ଉମରା ଖାଁ ଜନଜାନ ଦୁର୍ଗକୁ ନଷ୍ଟ ବିଷୟରେ ବହୁ ବର୍ତ୍ତମାନ ସୁଦୃଢ଼ ଅଡ଼ିକୁ ଘେରାଉ କରୁଅଛନ୍ତି । ସୁଦୃଢ଼ବାସିମାନେ ବ୍ରିଟିଶଗଭର୍ଣ୍ଣମେଣ୍ଟଠାରୁ ସାହାଯ୍ୟ ପ୍ରାର୍ଥନା କରିଅଛନ୍ତି ।

ମାନ୍ଦ୍ରାଜ ଅନ୍ତର୍ଗତ କୃଷ୍ଣା ଜିଲ୍ଲାରେ ଜଣେ ଦାସୀ ସୁନ୍ଦରୀ ଘଟନାବଶତଃ ଆପଣା ଘରେ ଭଗ୍ନସ୍ତୁପ ହେବା ମନ୍ଦିରଗୃହ ଖୋଳା ପାଇଥିବାର ସମ୍ବାଦ ମିଳଇ ।—କପାଳ ଖୋଲିଲେ କିଏ ନ ଦିଏ ।

ମଣିପୁର ଅଞ୍ଚଳରେ କ୍ରମାଗତ ୫ ଦିନ ରାତି ବୃଷ୍ଟି ହେବାରୁ ସେଠାରେ ଜଳମାନ ବଢ଼ି ଘରଦ୍ୱାର ଭାଙ୍ଗିଥିବାର ସମ୍ବାଦ ମିଳଇ । କେତେକଜଣ ମଣିପୁରୀ ଏଥିରେ ନଷ୍ଟ ହୋଇଥିବାର ଶୁଣାଯାଏ ।

Split by PDF Splitter

Digitized by srujanika@gmail.com

Split by PDF Splitter



ଚୀନଜାପାନଙ୍କ ସମ୍ବନ୍ଧରେ ସମ୍ବାଦ ମିଳଇ ଯେ ସେମାନଙ୍କ ମଧ୍ୟରୁ ଜ ୧୫ ଲେକ ଅସ୍ଥିର ହୋଇ ଅଛନ୍ତି ଯେ ଏମାନେ ଉକ୍ତ ଜାପାନୀ ଲୋକମାନେ ମା ୭ ଶ ପର୍ଯ୍ୟନ୍ତ ଶାନ୍ତିରେ ରହିବା କଥାରେ ନାମିଳ ଖୁସି ରହିବେ । ଚିନମଠାରେ ସେନାନୀବାସ ନିର୍ମାଣ କାର୍ଯ୍ୟ ଲଗ୍ନରୂପେ ଚଳୁଅଛି ।

ଶ୍ରୀମତୀ ସ୍ୱଦେଶ୍ୱରୀଙ୍କ ଜନ୍ମଦିନ ଉପଲକ୍ଷରେ ଗତ ମାସ ତା ୭ ରେ ଅସ୍ମାନଙ୍କର ବ୍ରିଟିଶ ସେନେଟରେ ଯେଉଁ ଭୋଜ ହୋଇଥିଲେ ତହିଁରେ ଘଟନାବଶ ଏକ ଜଣ ପ୍ରଧାନ ନବାବମାନଙ୍କର ଓ ଶତ୍ରୁର ଟାଉନ ମଧ୍ୟ ଉପସ୍ଥିତ ଥିବାର ସମ୍ବାଦ ମିଳଇ ।

ମଣ୍ଡଳଠାରେ ଓଲାଉଠା ଆରମ୍ଭ ହୋଇଥିବାର ସମ୍ବାଦ ମିଳଇ । ଗତମାସ ତା ୮ ଦିନରେ ଜ ୭୦ ଶ ଲୋକ ଏ ରୋଗରେ ଆକ୍ରାନ୍ତ ହୋଇ ମୃତ ହୋଇଥିବାର କଥିତ ଅଛି ।

ଉତ୍ତାପ ସମ୍ରାଜ୍ଞୀଙ୍କ ବିବାହ ଦିନରୁ ୨୫ ବର୍ଷ କାଳ ଅତୀତ ହୋଇଥିବାରୁ ରଜତବିବାହ (Silver marriage) କିମ୍ବା ଅଦ୍ଭୁତ ଉତ୍ସବ ସମ୍ପନ୍ନ ହୋଇ ଯାଉଅଛି । ଉକ୍ତ ବିବାହରେ ଅନେକ ସମ୍ରାଟ ଓ ପ୍ରଜାଙ୍କ ଉପହାର ଦିଆଯାଇ ଥିଲା । ଏହା ଦେଖିବା ସମ୍ରାଟଙ୍କୁ ସେହି ସବୁ ଉପହାରରେ ତାହା ସହିତ ବାଳେ ୫୨୦୦୦ ଟଙ୍କା ଓ ତହିଁ ପଶ୍ଚାତରୁ ଭ୍ରମଣ କରିବାକୁ ଯିବାରେ ୫୦୦୦ ଟଙ୍କା ଖର୍ଚ୍ଚ ପଡ଼ୁଅଛି ।

ନୂତନ ଉଦ୍ଭାବନ ।—ଅତିବାତ ଅବସ୍ଥାରେ ବନ୍ଦ ରହିଲେ ଲୋକ ମୃତପ୍ରାୟ ହେଉଥିବାରୁ ରକ୍ଷା କରିବାର ଉପାୟରେ ନୂତନ ଯନ୍ତ୍ର ଉଦ୍ଭାବନ ହୋଇଅଛି ଯହିଁରେ ଶ୍ୱାସ ରୁଦ୍ଧ ହେବ ନାହିଁ ଏପରି ବୁଝାଯାଏ ।

ସୁନାର ଦର ।—ଗତ ବୁଧବାରଠାରୁ ଟଙ୍କାଦର ସୁନାର ଭରି ୫ ୧୨୪ ଅଣା ଜଣାଯାଇଅଛି ଓ ଲୋହିରୁ ୫ ୨୪ ଅଣା ତଳେ ଚଳାହେଉଅଛି ।

ପୂର୍ବକୂଳର ରେଲକାର୍ଯ୍ୟକୁ ମାନ୍ଦ୍ରାଜ ଗବର୍ଣ୍ଣମେଣ୍ଟଙ୍କଠାରୁ ହସ୍ତାନ୍ତର କରି ନୂଆମାସ ତା ୧ ଦିନରେ ରେଲଓ୍ୱେର ଜାଇଣ୍ଟ କଣ୍ଟ୍ରୋଲର ହସ୍ତରେ ଦିଆଯାଇଅଛି ।

କଲିକତା ମିଉନିସପାଲିଟିର ଭାଇସ୍ ଚେୟାରମ୍ୟାନ ପଦରେ ଏକ ବିଶେଷ ଅଧିବେଶନ ହୋଇଥିଲା ଅନେକ ତର୍କବିତର୍କ ପରେ ମିଃ ଗ୍ରେହାମ ଏଣ୍ଡ ଟେକ୍ସିଡୋନେଲ୍ଲ ସେକ୍ରେଟାରି ପଦରେ ନିଯୁକ୍ତ ହେଲେ । ଏହାଙ୍କର ଉପସ୍ଥିତ ପାରିଶ୍ରମିକ ମାସିକ ୧୨ଶ ଟଙ୍କାଠାରୁ ଅଧିକ ଅଛି ।

---

### ପତ୍ରପ୍ରେରକଙ୍କ ପ୍ରଶ୍ନ ।

ଶ୍ରୀ ଜଣମଣି ଭୋବାବୁ ପାଲଳହଡ଼ା—ଏ ପକ୍ଷରେ କେବଳ ଗଣକ ପ୍ରତି ଦୋଷାରୋପ କରି ହୋଇଅଛି । ଏପ୍ରକାର ଶ୍ରଦ୍ଧାର ଅନୁକୂଳ ସତ୍ତ୍ୱର ମାଜିଷ୍ଟ୍ରେଟ ଶ୍ରୀଯୁକ୍ତ ବାଇଲସାହେବଙ୍କ ନିକଟରେ କଲେ ସେ କହିଁଲୁ ଉଚିତ ବିଚାର କରିବେ ।

### ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ ।

---

### ଶ୍ରୀ ଜଗନ୍ନାଥ ସନାତନଧର୍ମରକ୍ଷିଣୀସଭା

### ସୂଚନା ।

ଅଦ୍ୟ ତା ୨୮ ଋଷ ମଇ ସନ ୧୮୯୭ ମସିହା ରବିବାର ସଭା ଅଧିବେଶନରେ ଉପସ୍ଥିତ ସୁପ୍ରଣାଦ ପଠନ ହେଲାପରେ ନିମ୍ନଲିଖିତ ବିଷୟ ନିର୍ଦ୍ଧାରିତ ହେଲା ।

୧ମ—ଭାରତବର୍ଷସ୍ଥ ହିନ୍ଦୁମାନଙ୍କର ପୂଜା ଏବଂ ସାଧାରଣମାନଙ୍କର ଅନ୍ନ ଓ ଧନଉପାର୍ଜନର ଉପକାରୀ ଗୋରୁମାନଙ୍କୁ କସାଇମାନେ ପ୍ରତି ଗ୍ରାମରେ ଭ୍ରମଣକରି ଯାଇ ଅଣ୍ଟାଳଦ ଖରିଦ କଲାପ୍ରାୟ ଖରିଦ କରିନେଇ ଗୋବଧ କରୁଥିବାରେ ହିନ୍ଦୁମାନଙ୍କର ଧନ ଓ ଧର୍ମ ହରପ୍ର ନଷ୍ଟ ହେଉଅଛି ଏବଂ ହିନ୍ଦୁଜାତିମଧ୍ୟରେ ବ୍ରାହ୍ମଣମାନେ ସର୍ବଶ୍ରେଷ୍ଠ ଉତ୍କୃଷ୍ଟଜାତି ଓ ମାନନୀୟ ଏବଂ ଧର୍ମରକ୍ଷାକାରୀ ବୋଲି ଥିବା ସ୍ଥଳରେ ବର୍ତ୍ତମାନ ଯେ ବ୍ରାହ୍ମଣମାନଙ୍କର ନିନ୍ଦା ସମ୍ବାଦପତ୍ରିକାମାନଙ୍କରେ ବିଶେଷ ଶୁଣା ଯାଉଅଛି, ଏହା ଅତି ଶୋଚନୀୟ । ଯଦ୍ୟପି କେହି ଗୋରୁ ଖୁଣ୍ଟରେ ବନ୍ଧାଥିବା ଅବସ୍ଥାରେ ଦୈବାତ୍ ମୃତ ହେଲେ ବ୍ରାହ୍ମଣମାନେ ଗୋସ୍ୱାମୀଙ୍କୁ ଧୋବା ଭଣ୍ଡାରୀ ନିଷେଧକରି ଏବଂ ତାହା ହସ୍ତରୁ ଜଳସ୍ପର୍ଶ ଗ୍ରହଣ ନ କରି ଗୋବଧ ପ୍ରାୟଶ୍ଚିତ୍ତ କରାଉଅଛନ୍ତି, କିନ୍ତୁ ଗୋରୁ ଗୋଖାଦକଙ୍କୁ ବିକ୍ରୟ କଲେ ଶାସ୍ତ୍ର ଅନୁସାରେ ସମ୍ପୂର୍ଣ୍ଣ ଚତୁଷ୍ପାଦ ଗୋବଧପାତକ ବିକ୍ରେତାଙ୍କୁ ଲାଗୁଥିବାସ୍ଥଳେ ବ୍ରାହ୍ମଣମାନେ ତାହାଙ୍କୁ ପ୍ରାୟଶ୍ଚିତ୍ତ ନ କରାଇ ଉକ୍ତ ଗୋବିକ୍ରେତା ପତିତବ୍ୟକ୍ତିର ଅନ୍ନଜଳ ସ୍ୱଚ୍ଛନ୍ଦରେ ପାନ କରୁଥିବାରେ ଉଦ୍ଧାର ବ୍ରାହ୍ମଣମାନଙ୍କର ଜାତି ଓ ଧର୍ମ ଓ ବ୍ରହ୍ମତ୍ୱ ନଷ୍ଟ ହେଉଅଛି, ଏକଥା ବହୁତ ବାହୁଲ୍ୟ । ବ୍ରାହ୍ମଣମାନେ ପାଠଶାଳାମାନଙ୍କରେ ବିଦ୍ୟାଧ୍ୟୟନ କରି ଆପଣାର ଜାତି ଓ ଧର୍ମ ଓ ଧନ ରକ୍ଷାପ୍ରତି ଦୃଷ୍ଟି ନ କରି କେବଳ ପେଟଧନାର ସ୍ୱବୃତ୍ତି ପରିତ୍ୟାଗ କରି ବାଧ୍ୟ ହୋଇ ଅନ୍ୟବୃତ୍ତି ଅବଲମ୍ବନ କରୁଅଛନ୍ତି ଏବଂ ଉକ୍ତ ଗୋବିକ୍ରେତା ପତିତବ୍ୟକ୍ତିଙ୍କର ଅନ୍ନଜଳ ଗ୍ରହଣରୁ ନିତାନ୍ତ ସେମାନେ ପାପଭାଗୀ ହେଉଅଛନ୍ତି, ସନ୍ଦେହ ନାହିଁ । ଏପ୍ରକାର ନାନାକାରଣରୁ ବ୍ରାହ୍ମଣମାନଙ୍କର ଜାତି ଓ ଧନ ଓ ଧର୍ମ ଓ ବ୍ରହ୍ମତେଜ ହାସ ହୋଇ ଲୋକସମାଜରେ ନିନ୍ଦନୀୟ ହେଉଥିବାରୁ ଭାରତବର୍ଷସ୍ଥ ଜାତୀୟ ହିନ୍ଦୁଧର୍ମସଭା ଓ ପଣ୍ଡିତ ଓ ପ୍ରତ୍ୟେକ ଗ୍ରାମବାସୀ ପ୍ରଧାନ ଓ କର୍ମିଷ୍ଠ ବ୍ରାହ୍ମଣ ଏବଂ ପୁରାଣପଣ୍ଡିତ ପଣ୍ଡିତ ମହାଶୟମାନଙ୍କ ନିକଟରେ ପ୍ରାର୍ଥନା ଯେ ସେମାନେ ଶାସ୍ତ୍ରାଲୋଚନା ପୂର୍ବକ ଗୋଖାଦକ ନିକଟରେ ଗୋରୁବିକ୍ରେତା ବ୍ୟକ୍ତିମାନଙ୍କୁ ବିଧିମତେ ପ୍ରାୟଶ୍ଚିତ୍ତ କରାଇବେ ଏବଂ ଯେଉଁ ବ୍ରାହ୍ମଣମାନେ ଉକ୍ତ ଗୋବିକ୍ରେତାବ୍ୟକ୍ତିଙ୍କର ପକ୍ୱାନ୍ନ ଭୋଜନ କରିଥାନ୍ତି ସେମାନଙ୍କୁ ସେହି ପକ୍ୱାନ୍ନ ଭୋଜନରେ ଯେରୂପ ପ୍ରାୟଶ୍ଚିତ୍ତ କରିବାର ବିଧିଅଛି ସେ ବିଧିଅନୁସାରେ ପ୍ରାୟଶ୍ଚିତ୍ତ କରାଇ ଆପଣା ବ୍ରାହ୍ମଣଜାତିର ନିନ୍ଦା ଦୂର କରିବେ, ଏବଂ ହିନ୍ଦୁମାନଙ୍କୁ ଗୋଖାଦକ ନିକଟରେ ଗୋରୁ ବିକ୍ରୟକରିବାର ନିଷେଧକରି ସନାତନଧର୍ମରକ୍ଷା କରିବେ ।

ଦସ୍ତଖତ

ଶ୍ରୀ ସୁଦର୍ଶନ ପଟ୍ଟନାୟକ

ସଭାର ସମ୍ପାଦକ

---

### ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ବାବୁ ଗୌରଚନ୍ଦ୍ର ପ୍ରଧାନ | ଅନୁଗୁଳ | ୫ ୩୧ |
| „ ରାମପ୍ରସାଦ ସିଂହ | ବାଙ୍କ | ୫ ୨୬ |
| „ ଗୋବିନ୍ଦଚନ୍ଦ୍ର ମହାପାତ୍ର | ମୟୂରଭଞ୍ଜ | ୫ ୩୧ |

---

## ବିଜ୍ଞାପନ ।

---

### ପୁରୁଷୋତ୍ତମର ଶ୍ରୀ ଶ୍ରୀ ଜଗନ୍ନାଥଜୀଉଙ୍କର ମନ୍ଦିରର ସଂସ୍କରଣବିଷୟକ ସୂଚନା ।

| | | |
|---|---|---|
| ପୂର୍ବ ପ୍ରକାଶ ସମଷ୍ଟି | | ୫ ୧୦୦୪୯୬୩/୨ |
| ବାବୁ ନବଦ୍ୱୀପଚନ୍ଦ୍ର ସେନ | ବାଙ୍କ ୫ | ୧ |
| „ କୃଷ୍ଣଗୋବିନ୍ଦ ଦାସ | ହିନ୍ଦୋଳ ୫ | ୩୦। |
| „ ଯୋଗେଶ୍ୱର ଦାସ | ମୋହନପୁର ୫ | ୪ |
| „ ଗୋପବନ୍ଧୁ ମିଶ୍ର | ଅଠଗଡ଼ ୫ | ୨ |
| ଶ୍ରୀମତୀ ବିନ୍ଦାବତୀ, | ଉଣ୍ଡା ୫ | ୧୦ |
| ଠାକୁର ଲକ୍ଷ୍ମୀନାରାୟଣ ସିଂହ | ଏକଡ଼ ୫ | ୧୦ |
| ବାବୁ ନୃସିଂହଗୋପାଳ ସରକାର ବାଳସୋର ୫ | | ୧୦ |
| „ ଭୁବନେଶ୍ୱର ଦାସ ମହାପାତ୍ର | | |
| | ପଞ୍ଚକୋଟ ୫ | ୪ |
| ମହନ୍ତ ଗଙ୍ଗାମାତା ମଠ | ପୁରୀ ୫ | ୫୦ |
| ପଣ୍ଡିତ ଜଗନ୍ନାଥ | ଉଦୟକୁଦ ୫ | ୧୨ |
| ପୁରୁଷୋତ୍ତମର କାଳସରେ ସଞ୍ଚିତ | ୫ | ୧୩।/୧ |
| ବାବୁ ଜନାର୍ଦ୍ଦନ ମହାନ୍ତି | ବାଙ୍କ ୫ | ୪ |
| „ ଜଗନ୍ନାଥ ମହାନ୍ତି | ଏକଡ଼ ୫ | ୨ |
| „ ଚୂଡ଼ାମଣିଘୋଷ ଦାସ | ବାଇପଡ଼ ୫ | ୧ |
| „ ରଘୁନାଥ ଦାସ | ଉଣ୍ଡା ୫ | ୩୪ |
| „ ନୃସିଂହ ପାଢ଼ି | ଏକଡ଼ ୫ | ୧ |
| „ ହରି ଦାସ | ଏକଡ଼ ୫ | ୧ |

Digitized by srujanika@gmail.com

Split by PDF Splitter



. ଜମାଭରଣ ସରକାର     କାଉଚର ୫     ୧
. ଷ୍ଟୋକସମାପ୍ତ ବାପ୍ସ     ସାଲସୁର ୫     ୧୦

ଟ ୧୦୦୫୭୫୫।୶୧୧
ଜଲସ୍ଥମ ମହିଳ
ଅବୈତନିକ ସେକ୍ରେଟରୀ

ତା ୧ ରଖ ଜୁନ ସନ ୧୮୯୩ ମସୀହା ।

## Sita-mai-ki Andira

## ସୀତା ମାଈ କି ଅଣ୍ଡିରା

ଅଦ୍ଭୁତ ରହସ୍ୟ, ଅଦ୍ଭୁତ କାଣ୍ଡ, ଅତି ଚମତ୍କାର ଘଟଣା, ଏପରି ପୁସ୍ତକ ଉତ୍କଳ-ଭାଷାରେ ଅଦ୍ୟାପି ମୁଦ୍ରିତ ହୋଇ ନାହିଁ । ଆବାଳ-ବୃଦ୍ଧବନିତାଙ୍କର ସୁଖପାଠ୍ୟ ଅଟେ ।

ମୂଲ୍ୟ .. ଟ ୦।୶୬ ମାତ୍ର

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ପ୍ରାପ୍ତବ୍ୟ

### NOTICE.

Wanted a Sub-overseer for the Atmalik Raj state at the salary of Rs. 20 a month. None need apply who has not passed the survey standard examination.

Preference should be given to those who have a fair knowledge of English.

Applications with copies of testimonials should reach to the undersigned on or before 10th July 1893.

Atmalik Raj state 10—6—93. } By order of the Maharaja Durga Charan Pattanaik Tutor to the Jubraj Atmalik

ଅଠମଲ୍ଲିକ ରାଜ୍ୟର ପବ୍ଲିକ୍ୱାର୍କସ ବିଭାଗ ନିମନ୍ତେ ଏକଜଣ ସବଓଭରସିୟର ମାସିକ ଟ ୧୫ ଙ୍କା ବେତନରେ ଆବଶ୍ୟକ ଅଛି । କର୍ମପ୍ରାର୍ଥିଗଣ ସ୍ୱ ସ୍ୱ ପ୍ରଶଂସାପତ୍ର ସହ ଅବେଦନପତ୍ରମାନ ନିମ୍ନ ସ୍ୱାକ୍ଷରକାରୀଙ୍କଠାରୁ ଆଗାମୀ ଜୁଲାଇମାସ ତା୧୦ ରୁଖ ସୁଦ୍ଧା ପ୍ରେରଣ କରିପାରିବେ । ପ୍ରକାଶ ଥାଉକି ପ୍ରାର୍ଥନାକାରୀଗଣ ଆପଣା୨ ପ୍ରଶଂସାପତ୍ର ସହିତରେ ତାହାଙ୍କ ଶରୀରର ସବଳତା ବିଷୟକ ଡାକ୍ତରୀ ସାର୍ଟିଫିକଟ ମଧ୍ୟ ପଠାଇଥିବେ । ଇତି

ଶ୍ରୀମାନ୍ ମହାରାଜାଙ୍କ ଆଦେଶ ଅନୁସାରେ

ଅଠମଲ୍ଲିକ ୧୦।୬।୯୩ } ଶ୍ରୀ ଦୁର୍ଗାଚରଣ ପଟ୍ଟନାୟକ ଯୁବରାଜଙ୍କ ଶିକ୍ଷକ ।

ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆ-ଯାଉଅଛି ଯେ ଏ ରାଜ୍ୟର ଶ୍ରୀ ମହାରାଜଙ୍କର ପକ୍କା ମହଲ ଓ ରାସ୍ତା ଏମାନଙ୍କର ମରାମତ ହେଉ-ଥିବାରୁ ତହିଁ ନିମନ୍ତେ ମୋଟ ଚୂନ ଓ ନିମ୍ନ-ଲିଖିତ ପରିମାଣରେ ପକ୍କାଇଟା ବହୁତ ପରି-ମାଣରେ ଆବଶ୍ୟକ; ଅତଏବ ଯଦି କେହି ଉପରୋକ୍ତ ଜିନିସମାନ ଯୋଗାଇବା ସକାଶେ କଣ୍ଟ୍ରାକ୍ଟର ହେବାକୁ ଇଚ୍ଛା କରନ୍ତି ତେବେ କେଉଁ୨ ରେଟରେ ଯୋଗାଇ ପାରିବେ ତାହା ଉଲ୍ଲେଖ କରି ଶ୍ରୀ ମହାରାଜା । ବ । ବାହାଦୁରଙ୍କ ହଜୁରକୁ ଚଳିତ ସନ ଜୁନମାସ ତା ୧୫ ରୁଖ-ମଧ୍ୟରେ ଦରଖାସ୍ତ ପଠାଇବେ । ଇତି ।

ଇ ୧୦" × ୫" × ୩"

ରାମଚନ୍ଦ୍ର କାନଗୋଇ
ସବ୍‌ଓଭରସିୟର ବୌଦ ।

ସ୍ୱର୍ଗୀୟ ଡାଲଟନ ସାହେବଙ୍କର ମନୁଷ୍ୟହତ୍ୟା ଯେତେ ଉଦାହରଣ ହେବାର ଥିଲା ତାହା ଶେଷ ହୋଇ ଯିବାରୁ ସର୍ବସାଧାରଣଙ୍କ ଜାଣିବା-କାରଣ ଏହା ପ୍ରକାଶ କରଗଲା ।

### FOR SALE.

One English made office Jan Palki Ghary and a country breed mare aged 8 years old with harness.

Apply to the Secretary Printing Company Cuttack for particulars.

### For sale

A large Boat, 73 feet long by over 6 feet wide, very strong, built at Sambalpur, containing 2 cabins, nicely fitted, 6½ feet high, and 3 cabins, suitable for servants and crew, about 5 feet high. The 5 cabins are roofed with wood and painted.

On view at Gurguria ghat, near the Fort, Cuttack. Price Rs. 500.

ଏତଦ୍ଦ୍ୱାରା ଜଣାଇ ଦିଆଯାଉଅଛି ଯେ ସମ୍ବଲପୁରଠାରେ ନିର୍ମିତ ୭୩ ଫୁଟ ଲମ୍ବ ଓ ୬ ଫୁଟରୁ ବେଶି ଚଉଡ଼ା ଗୋଟିଏ ଅତ୍ୟନ୍ତ ମଜଭୁତ ବଡ଼ ବୋଟ ଅର୍ଥାତ୍ ନୌକା ବିକ୍ରୟାର୍ଥେ ବାରବାଟୀ-ନିକଟ ଗଡ଼ଗଡ଼ିଆ ଘାଟ ଉପରେ ମୌଜୁଦ ଅଛି । ସେଥିରେ ୬½ ଫୁଟ ଉଚ୍ଚ ୨ ଗୋଟି କାମରା ଉତ୍ତମରୂପେ ସଜ୍ଜିତ ହୋଇଅଛି । ଆଉ ମାଝି ଓ ଅନ୍ୟାନ୍ୟ ଚାକରଙ୍କ ପାଇଁ ୫ ଫୁଟ ଉଚ୍ଚ ୩ଟି କାମରା ଅଛି । ଏହି ୫ କାମରାର ଛାତ କାଠଦ୍ୱାରା ନିର୍ମିତ ହୋଇ ଉତ୍ତମରୂପେ ରଙ୍ଗ ଦିଆଯାଇ ଅଛି । ମୂଲ୍ୟ ଟ ୫୦୦ ଙ୍କା

ଗ୍ରାହକ ଦେଖିବାକୁ ଇଚ୍ଛା କଲେ ଉପରୋକ୍ତ ସ୍ଥାନରେ ଯାଇଁ ଦେଖିପାରିବେ ।

ଯେ କେହି ଏହି ବୋଟ ନେବାକୁ ଇଚ୍ଛା କରିବ ସେ କଟକ ବାପ୍ଟିଷ୍ଟମିଶନ ରେବରେଣ୍ଡ ଜନ୍‌ଭଗାନ ସାହେବଙ୍କ ନିକଟରେ ସାକ୍ଷାତ୍ ବା ପତ୍ରଦ୍ୱାରା ଜଣାଇବ ।

Apply to Revd. J. Voughan Baptist Mission, Cuttack.

### ପ୍ରଜାସ୍ୱତ୍ୱବିଷୟକଆଇନ ।

ଅର୍ଥାତ୍ ସନ ୧୮୮୫ ସାଲର ଆ ୮ ଇନ । ୧୮୯୧ ସାଲର ଆ ୧୦ ଇନ ଦ୍ୱାରା ବଦଳରେ ଏହି ଆଇନର ଯେତେକ ଅଂଶ ଓଡ଼ିଶାରେ ଚଳୁ-ଅଛି । ଏହି ଆଇନର ସମୁଦାୟ ଅଂଶର ସରଳ ଓଡ଼ିଆ ଅନୁବାଦ, ଟୀକା ଓ ଲେଫ୍ଟେନେଣ୍ଟ ଗ-ଭର୍ଣ୍ଣରଙ୍କଦ୍ୱାରା ପ୍ରସ୍ତୁତ ଏହି ଆଇନସଂକ୍ରାନ୍ତ ନିୟମାବଳୀ ଖଣ୍ଡିଏ ପୁସ୍ତକାକାରରେ ଅଳ୍ପଦିନ-ମଧ୍ୟରେ ଛପା ସରିବ । ସର୍ବସାଧାରଣଙ୍କ ବୁଝିବା-ନିମନ୍ତେ କଠିନଶବ୍ଦମାନଙ୍କର ଅର୍ଥ ଲେଖାଯାଇ ଅଛି । ଜମିଦାର, ମକଦମା ଓ ଲାଖରାଜଦାର-ପ୍ରଭୃତି ପ୍ରତ୍ୟେକ ଭୂମ୍ୟଧିକାରୀ ଓ ରୟତପକ୍ଷ-ରେ ଏହି ଆଇନ ଅତ୍ୟନ୍ତ ପ୍ରୟୋଜନୀୟ । ଏହା ସମ୍ପାଦକରେ କଟକ ଦରଘାବଜାର ପ୍ରିଣ୍ଟିଂକୋମ୍ପାନୀଙ୍କ ଛାପାଖାନାରେ ମିଳିବ ।

### ବିଚ୍‌ମସାହେବଙ୍କ ବଟିକା ।

### ( BEECHAM'S PILLS. )

ଫଳଦ୍ୱାରା ବିଚାରରେ ଏକ୨ ଟଙ୍କାର ମୂଲ୍ୟ ଏକ୨ ମୋହରକୁ ଶସ୍ତା ବୋଲାଯାଇ ପାରେ

ଏ ବଟିକା କେବଳ ଉଦ୍ଭିଦପଦାର୍ଥରେ ପ୍ରସ୍ତୁତ ହୋଇ ଅଛି । ଏଥିରେ ପାରା ଚର୍ବି ଇତ୍ୟାଦି ବିଷାକ୍ତ ବା ଧର୍ମହାନିକର ଦ୍ରବ୍ୟ କିଛି ନାହିଁ । ଏହା ସବୁ ହାତରେ ପ୍ରସ୍ତୁତ ହୋଇ ନାହିଁ କଲରେ ପ୍ରସ୍ତୁତ ହୋଇଅଛି ।

ସକଳ ବୟସର ସ୍ତ୍ରୀ ପୁରୁଷଙ୍କ ପକ୍ଷରେ ସମାନ ଉପକାରୀ ବୋଲି ପୃଥିବୀରେ ବିଖ୍ୟାତ । ଥରେ ପରୀକ୍ଷା କଲେ ଏଥିର ଗୁଣ ଜାଣି ପାରିବ ।

ଉଦରାମୟ, ପାକସ୍ଥଳୀରେ ବ୍ୟଥା, ମୁଣ୍ଡବ୍ୟଥା, ମୁଣ୍ଡବୁଲା, ଭୋଜନ ପରେ ଉଦରର ପରିପୂର୍ଣ୍ଣତା ଓ ସ୍ଫୀତତା, ନିଦ୍ରାଳୁତା, ଶୈତ୍ୟ, ତାପୋଦ୍ଗମ, କ୍ଷୁଧାମାନ୍ଦ୍ୟ, ଶ୍ୱାସ, କୋଷ୍ଠବଦ୍ଧତା, ବହୁଧ ଚର୍ମରୋଗ ଇତ୍ୟାଦି ସକଳପ୍ରକାର ସ୍ନାୟବିକ ଓ ପୈତ୍ତିକ ପୀଡ଼ାରେ ଏହି ବଟିକା ଅମୋଘ

Digitized by srujanika@gmail.com

Split by PDF Splitter



ଔଷଧ । ଏକ ଭଲ୍ ପରୀକ୍ଷାର ଓ ଦେହସ୍ପର୍ଶିପ-ଷରେ ଅବ୍ୟର୍ଥ ଫଳଦାୟ ।

ହୋମିଓପ୍ୟାଥିର ସବଳକଗର ଇଂରେଜୀ-ଔଷଧାଳୟରେ ପ୍ରାପ୍ତ ହୁଅଇ । ମୂଲ୍ୟ ପ୍ରତିଫାଇଲ-ର ଆକାର ଅନୁସାରେ ଟ ୦୧ ଟ୦ ଏବଂ ଟ ୦ ।୯ ଅଟଇ । ଡାକଖର୍ଚ୍ଚ ପୃଥକ୍ ଦେବା-କୁ ହେବ ।

# New School Books.

## JUST TO HAND.

Webb's Two hundred questions on Grammar and Idiom with Answers.

Webb's Keys to English Entrance Course for 1892 and 1893.

S. P. Ghosh's Key to English Entrance Course for 1894.

Chambers' Etymol. Dictionary.

Webb's Condensed Dictionary.

Webb's International Do.

Whitehall Drawing Copy Books.

R. C. Dutt's History of India.

Catechism of History of India.

Buckley's History of England.

K. P. Basu's Algebra.

Royal Readers No. I to IV.

Manual of Geography.

Wall-maps and Atlases.

To be had of the Secretary, Printing Company, Durgha Bazar, Cuttack.

ନୂତନ ରୟଲରିଡର ନ ୨ ନମ୍ବର ଅର୍ଥ-ପୁସ୍ତକ ଦ୍ୱିତୀୟ ସଂସ୍କରଣ ମୁଦ୍ରିତ ହୋଇ ପ୍ରିଣ୍ଟିଂ-କମ୍ପାନିଙ୍କ ଯନ୍ତ୍ରାଳୟରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି । ମୂଲ୍ୟ ଟ ୦ ।୵ ମାତ୍ର ।

Key to New Royal Readers No. II. 2nd edition is out and can be had of the Printing Company's Press, Cuttack.

*Price 3 Annas only.*

ଡାକ୍ତର ପ୍ରାଣନାଥ ଏକମାତ୍ର ଔଷଧ ।

ଧାତୁ ଦୌର୍ବଲ୍ୟ ଓ ମେହ ପ୍ରମେହର ଏକମାତ୍ର ମହୌଷଧ ।

# ଡିଭିଲିଟି କ୍ୟୁର ।

ଡାକ୍ତର, କବିରାଜ ପ୍ରଭୃତି ଯେଉଁ ମେହରୋଗକୁ ଅସାଧ୍ୟ କୋଲି ସ୍ଥିର କରିଥିଲେ । ଯେଉଁ ରୋଗ ୨।୩ ଶହ ବର୍ଷ ହେଲା

ପ୍ରମେହ ଓ ଅମେହରା ଏବର ପୁଟିଏକ ଏକସ୍ଥରନ୍ଧାନଙ୍କର ମହାଦୋଷରେ ଥାକୁବା ଗୀଡାର ଅଦ୍ଭୁତ ଔଷଧ ସାଦା ଶ୍ରୀ ନ ହୋଇଅଛି ଏ ସବୁର ସାହାଯ୍ୟରେ ଏହି ମହୌଷଧ ଅବଶ୍ୟ । ସେହିମାନେ ଆକୁବସ୍ଥିତ ପୀଡାରେ କଷ୍ଟ ପାଇ-ଅଛନ୍ତି ଏବଂ ଧାତୁଦୌର୍ବଲ୍ୟ ଓ ମେହ ପ୍ରମେହ ଅଷେଦ୍ୟ ହୁଏ ନାହିଁ କୋଣ ଯାହାଙ୍କର ସ୍ୱଭାବରେ ବୃଦ୍ଧାବସ୍ଥା ହୋଇ ଅଛି ସେମାନେ ଅଲେ ଏ ଔଷଧ ପରୀକ୍ଷା କରି ଦେଖନ୍ତୁ ଏହା ସେବନ କଲେ ଧାତୁଦୌର୍ବଲ୍ୟ ( ଅସ୍ୱାଭାବିକ ପଦ୍ଧତିରେ ବା ମୈଥୁନ ଅତ୍ୟାଚାରଜନିତ ) ଯୌବନରେ ଜାତାଦଣ୍ଡ ଘଟଣାରେ ବୟା ଉତ୍ତମେଁରୂପ ବଳତଃ ନାନା ପୀଡା, ମେହ, ପ୍ରମେହଅଦି ୨୦ ପ୍ରକାର ମେହ, ବହୁମୂତ୍ର, ଧାତୁ-ପୀଡା, ଦୁର୍ବଳତା, ଇନ୍ଦ୍ରିୟଶୈଥିଲ୍ୟ, ଶୀଘ୍ରପତନରେ ଅକ୍ଷମତା, ଶୁକ୍ର ତରଳତା, ଅଳ୍ପ ବା ବହୁ ଉତ୍ତେଜନାରେ ରେତଃପାତ, ଇଚ୍ଛା କଲେ ଅନୁତ୍ଥାନ, ଶୁକ୍ରଦୋଷ, ପ୍ରସ୍ରାବର ଅଗ୍ର ବା ପଛରେ ବା ସଙ୍ଗେ ୨ ଶୁକ୍ରପତନ ବା ସ୍ୱପ୍ନଦୋଷ ଦୁର୍ଗନ୍ଧ, ଜଙ୍ଘରେ ଘାଆ, ପ୍ରସ୍ରାବରେ ଜ୍ୱାଳାକଷ୍ଟ, ମୂତ୍ରମୂତ୍ର ପ୍ରସ୍ରାବ ଓ ଉହିଁର ବର୍ଣ୍ଣ ଘନ ବା ଘୋଳିଆ । ଉପଦଂଶରେ ହେତନା, ଅଙ୍ଗ ଅଲସ୍ୟ, ଶିରୋରୋଗ, ଦୌର୍ବଲ୍ୟ, ଚିନ୍ତା-ପୀଡା, ମସ୍ତକଘୂର୍ଣ୍ଣନ, ଅଗ୍ନିମାନ୍ଦ୍ୟ, ମୂର୍ଚ୍ଛା, ବୁଦ୍ଧିହୀନତା, କୁଇକର, ଡାଡିରୋଗର ଜ୍ୱାଳା ଇତ୍ୟାଦି (ସ୍ତ୍ରୀ ଓ ପୁରୁଷଙ୍କ) ବହୁଦିନରୁ ମୂତ୍ରସମ୍ବନ୍ଧୀୟ ପୀଡାଦି କଠିନ ବ୍ୟାଧି ଯେତେଦିନର ପୁରାତନ ଓ ଉତ୍କଟ ହୋଇ ଏକମାସ ସେବନ କଲେ ସମ୍ପୂର୍ଣ୍ଣରୂପେ ଆରୋଗ୍ୟ ହେବ ରକ୍ତ, ମାଂସ, ଶୁକ୍ର, ବଳ, ସ୍ଫୂର୍ତ୍ତି ବୃଦ୍ଧି ହେବ । ଯଥା ଅଭ୍ୟାସରେ ଥାକିଲେ ପୀଡା ଅଛି ହେବ ନାହିଁ । ଏକମାସ ସେବନୋପଯୋଗୀ ପ୍ରତି ଶିଶି ଟ ୨ ଦୁଇଟଙ୍କା । ଡାକବ୍ୟୟ ଟ ୦ । ଅନ୍ୟତ୍ର ଔଷଧପ୍ରାପ୍ତି ଠିକଣା, ।—

ର, କ୍ୟାରେଷ ଏଣ୍ଡ, କୋ,

୧୧ ନମ୍ବର କଲେଜଷ୍ଟ୍ରିଟ, କଲିକତା ।

# ଘଣ୍ଟାମରାମତି ।

Watches! Clocks! Time pieces Repaired by an efficient workman the premises of the Cuttack Printing Company Charge moderate.

ଜାନାଇବାର କେଉଁ ବଡ଼ ଘଡ଼ିଗଣ୍ଡ ଉତ୍ତମରୂପେ ମରାମତ ହେବା ଓ ଯଥା ସମ-ୟରେ ପାଇପିବାର ଭଲ ବନ୍ଦୋବସ୍ତ ଏ ନଗରରେ ନ ଥିବାରୁ ଅମ୍ଭେ ଘଡ଼ିମରାମତିର କାର୍ଯ୍ୟାରମ୍ଭ କରିଅଛୁଁ । ଯାହାଙ୍କର ଦରକାର ହେବ ଛାପାଖାନାଠାରେ ତତ୍ତ୍ୱ କଲେ ସମସ୍ତ ଜାଣି ପାରିବେ ।

# ବାଲିଜ୍ଞାଗଜ ।

ଉଭଲସିତ ସମ୍ବାଦ ଉକ୍ତରେ ସବାର ଉହିଁର ଚୌଧୁରୀବଜାର ବାବୁ ଗୋପୀନାଥଙ୍କ ସମ୍ପାଦ

ବର୍ଷା ହଇଅଛି ବାବୁ ଅର୍ଦ୍ଧଦୁଇର ଘର ବର୍ଷାଙ୍କ ଦୋକାନରେ ବିକ୍ରୟ ହେଉ ଅଛି, ଯଥା—

| | | | |
|---|---|---|---|
| ୧୨ ଇଞ୍ଚ | ଦାମ | ଟ ୧ ୪ ଟ ୨ ୫ | ଟ୧୫ ଟ ୦୭ |
| ୧୪ ଇଞ୍ଚ | " | " ଟ ୨ | " ଟ ୦ ୮ |
| ୧୬ ଇଞ୍ଚ | " | " ଟ ୨ ୩ | " ଟ ୦ ୯ |
| ୨୨ ଇଞ୍ଚ ଉତରପ୍ରଦେଶୀୟ | " | ଟ ୩ | " ଟ ୦ ୧୦ |

ଶ୍ରୀଯୁକ୍ତ ବାବୁ ଗୋପୀନାଥଙ୍କ ଶ୍ରୀଯୁକ୍ତଙ୍କ ଚଉଧୁରୀବଜାର ବଜାରରେ ଅମ୍ଭମାନଙ୍କ ଦୋକାନରେ ଉତ୍କଳଭୋଗୀ ଓ ବଙ୍ଗଳା ଓ ଇଂରାଜୀ ରୋଗର ଲୁଗା ଓ ଷ୍ଟେସନେରୀ ଓ ହରି-ହରି ପ୍ରକାର ସରଞ୍ଜାମ ବିକ୍ରୟ ହେଉ ଅଛି ତାହା ସମସ୍ତ ଗ୍ରାହକବର୍ଗଙ୍କ ମଧ୍ୟରେ ବିଦିତ ଅଛି । ଉତ୍କଳ ଅନେକପ୍ରକାର ଯେପ୍ରକାର ଜିନିଷର ବିକ୍ରୟ ସକାଶେ ପ୍ରସ୍ତୁତ ଅଛି ଯାହାଙ୍କର ଯାହା ଆବଶ୍ୟକ ହୁଏ ଦୋକାନରେ ଅନୁସନ୍ଧାନ କଲେ ସୁଲଭ ମୂଲ୍ୟରେ ପ୍ରାପ୍ତ ହୋଇ ପାରିବେ ।

# ବିଜ୍ଞାପନ ।

ଏ ଜାଲକୁ କେହୁଣସି ପାତ୍ରରେ ରଖି କଅଁଳେ ଉତ୍କଳର ଦୋକାନର ଘାଟରେ ଦେଲେ ଥାଳିଲୋ ବଡ ହେବ ଏଥିର ମଣି-ଅରେ ଲେପିଦେଲେ ମଜବୁତ ହେବ ଓ ଭଲ ଧରିବ ନାହିଁ ।

ବଡ଼ଶିର ସବୁ ଓ ଘାଟରେ ଲଗାଇବାର ଜାଲ ମଧ୍ୟ ଅଛି ।

ଅଭିଚରଣ ଜଳ ଦତ୍ତଙ୍କର

ଉତ୍କଳଦୀପିକାରେ ବିଜ୍ଞାପନ ଛପାଇବାର ଶର୍ତ୍ତ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି ଯଥା ।—

ପ୍ରଥମଥର ଏକାଧିକ

ଧାଡ଼ିପ୍ରତି ଟ ୦୬

ଅର୍ଦ୍ଧସ୍ତମ୍ଭରୁ ଟ ୨୲

ପୂର୍ଣ୍ଣ ଏକ ସ୍ତମ୍ଭକୁ ଟ ୩୲

ମାତ୍ର କୌଣସି ବିଜ୍ଞାପନ କେତେ ଛୋଟ ହେଉନା କାହିଁକି ଖର୍ଚ୍ଚ ଟ ୦୧ ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ଅଧିକ ଶର୍ତ୍ତ ପ୍ରଥମ ଅର୍ଦ୍ଧେକ ହେବ ଓ ବିଶେଷ ଯଥାକ୍ରମେ ହେବ ।

ଅଧିକ ଦିନର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନଙ୍କଙ୍କ ଅଗ୍ରିମ ଦାଖ ହେବ ।

ଏହି ପତ୍ର ଉତ୍କଳଦୀପିକା ଯନ୍ତ୍ରର ଦ୍ୱାରା କଟକ ପ୍ରିଣ୍ଟିଂ କମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

Digitized by srujanika@gmail.com

# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା ।

ଭାଗ ୨୮ ଶ, ସଂ ୨୫ ସଂଖ୍ୟା | ତା ୨୪ ଜଣ ମାହେ ଜୁନ ସନ ୧୮୯୩ ମସିହା । ମୁ । ଆଷାଢ ଶୁ ୧୨ ତ ସନ ୧୩୦୦ ସାଲ ଶନିବାର | ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩୧୦ / ପଶ୍ଚାଦ୍‌ଦେୟ ଟ ୪


ବଙ୍ଗଳାର ବର୍ତ୍ତମାନ ଛୋଟ ଲାଟସାହେବ ମାକ୍‌ଡୋନେଲ ସାହାବଙ୍କ ଦାର୍ଜିଲିଂରେ ପହଞ୍ଚିବା କାଳରେ ସେଠା ଲୋକମାନେ ବିଶେଷ ଆଗ୍ରହ-ସହିତ ତାହାଙ୍କର ଅଭ୍ୟର୍ଥନା କରିଥିଲେ । ଶୁ-ଣାଯାଉଅଛି ଯେ ପୂର୍ବେ କେବେ ଏତେ ଲୋକ ସେଠା ରେଲଷ୍ଟେସନରେ ଏକତ୍ରିତ ହୋଇ ନ ଥିଲେ ।

---

ବେଲଜିଅମରେ ଏବଂ ଫରାସି ରାଜ୍ୟରେ ଅନା-ବୃଷ୍ଟି ହେତୁ ଫସଲର ଅବସ୍ଥା ଅତ୍ୟନ୍ତ ଶୋଚ-ନୀୟ ଓ ଗାଈ ଘୋଡ଼ାଙ୍କର ଘାସ ଦୁଷ୍ପ୍ରାପ୍ୟ ହୋଇଅଛି । ଫରାସି ଗବର୍ଣ୍ଣମେଣ୍ଟ ଖାଦ୍ୟର ଆମଦାନୀ ମାସୁଲ କିଛୁକାଳ ସ୍ଥଗିତ ରଖିବାର ବିଚାର କରୁଅଛନ୍ତି ସେ ଦେଶରେ ଅନାବୃଷ୍ଟି ଏଦେଶରେ ଅତିବୃଷ୍ଟି । ଦୈବକୌଶଳ ବୁଝି-ବାକୁ କିଏ ସମର୍ଥ ?

---

ଭାରତର ରେଲବାଟର ସମ୍ବନ୍ଧରେ ସନ ୧୮୯୧ ସାଲରେ ତ ୬୯୪ ଣ ହତ ଓ ତ ୧୦-୧୪ ଣ ଆହତ ଏବଂ ସନ ୧୮୯୨ ସାଲରେ ତ ୭୨୪ ଣ ହତ ଏବଂ ତ ୯୩୦ ଣ ଆହତ ହୋଇଥିଲେ । ସେଥିଲାଗି ବର୍ଷର ତହୁଁ-ପୂର୍ବ ବର୍ଷଠାରୁ ରେଲବାଟ ବୃଦ୍ଧି ହୋଇଥିବା-ପ୍ରତ୍ୟକ୍ଷ ଦୁର୍ଘଟଣାର ପରିମାଣ କହିଲୁ ଜଣା ପଡ଼ିବା ଅବଶ୍ୟ ସନ୍ତୋଷଜନକ ଅଟଇ ମାତ୍ର ରେଲଯାନ ଦ୍ୱାରା ବିପଦ ନହେଉ !

---

ଭୁଟାନ୍ଦାରର ମହାରାଜା ଆପଣା ରାଜ୍ୟରୁ ପ୍ରାଣଦଣ୍ଡ ଉଠାଇ ଦେଇଅଛନ୍ତି । ଭାରତର କଥା ଛେଡ଼ିଦିଅ ଆଜି ଇଉରୋପର ଅନେକ ସଭ୍ୟରାଜ୍ୟରେ ଯାହା ହୋଇ ନାହିଁ ଭୁଟାନ୍-ଦାରର ମହାରାଜା ଆପଣା ରାଜ୍ୟରେ ତାହା କଲେ ବଡ଼ ପ୍ରଶଂସାର ବିଷୟ ଅଟଇ । ଅନ୍ୟା-ନ୍ୟ ଦେଶୀୟ ସ୍ୱାଧୀନ ରାଜାମାନେ ଏହି ଦୃଷ୍ଟା-ନ୍ତର ଅନୁସରଣ କଲେ ବଡ଼ ସୁଖର ବିଷୟ ହେବ ।

---

ସଦାଶୋର ଶିଳ୍ପପ୍ରଦର୍ଶନୀ ଗତମାସରେ ଖୋଲି-ବାର ପାଠକମାନଙ୍କୁ ଜଣାଇଅଛୁଁ । ଏ ପ୍ରଦର୍ଶନୀ ଯେଉଁଠାରେ ବସିଅଛି ସେ ଭୂମିର ପରିମାଣ ୬୬ ବାଟି ଅଟଇ । ଏଥିମଧ୍ୟରେ ୪୦୦ ଘୋଡ଼ା ଅଟ୍ଟାଳିକା ନିର୍ମାଣ ହୋଇଅଛି ଯେ ଯହିଁରେ ୭୦୦୦୦ ମନୁଷ୍ୟ ରହିବାର ସ୍ଥାନ ଅଛି ପ୍ରଦ-ର୍ଶନୀ ବସାଇବାର ସମସ୍ତ ବ୍ୟୟ ୨୦ କୋଟି ଟଙ୍କାରୁ ଅଧିକ ହେବ । ଏମନ୍ତ ବୃହତ୍ ବ୍ୟାପାର ଆଉ କେବେ ଦେଖା ନ ଥିଲା । ଧନ୍ୟ ଆମେ-ରିକାବାସିମାନେ ।

---

ବଙ୍ଗବାସୀ ଅବଗତ ହୋଇଅଛନ୍ତି କି ଯେଉଁମାନେ ଲୁଣ ରାନ୍ଧନ୍ତି ସେମାନଙ୍କୁ ଓଲା-ଉଠା ବସନ୍ତ ସର୍ଦ୍ଦି କାଶ ଇତ୍ୟାଦି ରୋଗ ଛୁଏଁନାହିଁ । ଏକଥା ସତ୍ୟ ହେଲେ ସର-କାର ଓଡ଼ିଶାରେ ଲବଣପ୍ରସ୍ତୁତ ବନ୍ଦ କରୁ କେବଳ ମଲଙ୍ଗିମାନଙ୍କର ବାଧା ମାରିଅଛନ୍ତି ଏଣିକି ଲୂତେ ଓଲାଉଠା ଓ ବସନ୍ତ ପରି ଭୟଂ-କର ସଂକ୍ରାମକ ରୋଗ ବିସ୍ତାରର ଉପାୟ କରି ଦେଇଅଛନ୍ତି । ସାମାନ୍ୟ ଦୁଃଖର ବିଷୟ ନୁହଇ !

---

ଗତ ସପ୍ତାହର ବୁଧବାରଠାରୁ ଶୁକ୍ରବାର-ପର୍ଯ୍ୟନ୍ତ ପ୍ରଥମେ ପୂର୍ବେଇ ଏବଂ ପରେ ଦକ୍ଷିଣୀ ପବନ ବହୁତ ଜୋରରେ ବହି ହୋଇଥିଲା ତାହା ମାନ୍ଦ୍ରାଜ ଉପକୂଳରେ ଘଟି ଥିବା ଗୋଟିଏ ତୋଫାନର ଫଳ ଅଟଇ । ପୂର୍ବ ତୋଫାନ ବଙ୍ଗଅଖାତର ଉତ୍ତରଭାଗରେ ହୋଇଥିଲା । ଏ ତୋଫାନ ଦକ୍ଷିଣଭାଗରେ ହୋଇ ଭିସାଗ-ପଟନ ପାଖରେ ଭୂମିକୁ ସ୍ପର୍ଶ କରି ମଧ୍ୟପ୍ରଦେଶ-ଅଞ୍ଚଳକୁ ଚାଲିଗଲା । ଏହି ତୋଫାନ ଯୋଗୁଁ ପୂର୍ବ ପଶ୍ଚିମ ଉପକୂଳ ଏବଂ ମଧ୍ୟପ୍ରଦେ-ଶରେ ଭାରି ବୃଷ୍ଟି ହୋଇଅଛି ।

---

ଲାହୋରରୁ ଆସିଥିବା ତାରିଖମ୍ବାଦରୁ ପ୍ର-କାଶ ଯେ ଖିଲାତର ଖାନଙ୍କ କପାଳ ଫାଟିଅଛି । ପ୍ରାୟ ସେ ଖିଲାତକୁ ଫେରିପିବେ ନାହିଁ ଏବଂ ତାହାଙ୍କ ଜ୍ୟେଷ୍ଠପୁତ୍ର ମହମ୍ମଦଖାନ ଖିଲାତର ଶାସନକର୍ତ୍ତା ହେବେ । ତାହାଙ୍କ କନିଷ୍ଠ ପୁତ୍ର ଆଜମଖାନ ଓଜିର ଏବଂ ତାହାଙ୍କ ପିତାକୁ ବଧ କରିଥିବାରୁ ପିତାଙ୍କଠାରୁ ପୃଥକ୍‌ରୂପେ କ୍ୱେଏ-ଟାଠାରେ ଏକ କାମ୍ପରେ ରକ୍ଷିତ ହୋଇଅଛନ୍ତି

Digitized by srujanika@gmail.com

Split by PDF Splitter 194



ଏବଂ ନେକନେଗୁଣ୍ଡି ଏ ପୁଲିସ ଏହାଙ୍କୁ ଜଗି ରହିବା ପାଇଁ ନିଯୁକ୍ତ ହୋଇଅଛନ୍ତି । ଖାନ ସାହେବଙ୍କୁ ମାସି ଏକହଜାର ଟଙ୍କା ଖୋରାକ ଦେବାକୁ ଇଂରାଜଗବର୍ଣ୍ଣମେଣ୍ଟ କହିଅଛନ୍ତି । ଏହି ସ୍ୱଜମାଇରୁ ଅନ୍ୟ କିଛି ଗଣ୍ଡଗୋଳ ଉପସ୍ଥିତ ନ ହେଲେ ଭଲ ।

---

ଆମ୍ଭମାନଙ୍କ ଭାବି ସମ୍ରାଟ୍ ପ୍ରିନ୍ସ ଅଫ୍‌ଓଏଲ୍ସଙ୍କର ଦ୍ୱିତୀୟ ପୁତ୍ରଙ୍କର କୁମାରୀ ଭିକ୍ଟୋରିଆ ମେରିଙ୍କ ସଙ୍ଗେ ଶୁଭସମ୍ବନ୍ଧ ନିର୍ବନ୍ଧ ହୋଇ ଅଛି । ଅତି ଅଳ୍ପଦିନରେ ଶୁଭବିବାହ ସମ୍ପନ୍ନ ହେବ । ଏଥିପାଇଁ ଶ୍ରୀମତୀ ମହାରାଣୀ ଭିକ୍ଟୋରିଆଙ୍କ ବିସ୍ତୀର୍ଣ୍ଣ ରାଜ୍ୟର ପ୍ରଜାମାନେ ଆନନ୍ଦସାଗରରେ ବୁଡ଼ିଅଛନ୍ତି । ଏ ପ୍ରଦେଶର ପ୍ରଜାମାନଙ୍କର ଏହି ଅସୀମ ଆନନ୍ଦ ଶ୍ରୀମତୀ ଭିକ୍ଟୋରିଆ ଏବଂ ଯୁବରାଜ ପ୍ରିନ୍ସଅଫ୍‌ଓଏଲ୍ସଙ୍କୁ ଜଣାଇବା କାରଣ କଲିକତାବାସିମାନେ ଗତ ପୂର୍ବ ସପ୍ତାହରେ ଏକ ବୃହତ୍ ସଭା କରି ଅଭିନନ୍ଦନପତ୍ରମାନ ପଠାଇବାର ସ୍ଥିର କରିଅଛନ୍ତି । ଭାରତର ଅନ୍ୟାନ୍ୟ ପ୍ରଧାନ ନଗରମାନଙ୍କରୁ ଏହିପରି ଅଭିନନ୍ଦନ ପତ୍ରମାନ ପ୍ରେରିତ ହେବ ।

---

ଜାନବାଜାରରେ ବୋମ୍ବାଇଠାରେ ଏକ ବହୁତ ମାମଲା ଦାଏର ହୋଇ ଅଛି । ମାମଲାଟିର ବାଇଶଲକ୍ଷ ଟଙ୍କା ସମ୍ପତ୍ତିର ସମ୍ବନ୍ଧ ଅଛି । ମୁଦ୍ଦେଇ ବୋମ୍ବାଇର ସମସ୍ତ ବଡ଼ ବଡ଼ ବାରିଷ୍ଟରଙ୍କୁ ଆପଣାପକ୍ଷରେ ନିଯୁକ୍ତ କରିବାରୁ ଜାନବାଜ ବାଧ ହୋଇ କଲିକତାରୁ ବାରିଷ୍ଟର ସର ଗ୍ରିଫିଥ ଇଭାନସ ସାହେବଙ୍କୁ ନେଇଯାଇ ଅଛନ୍ତି । ବର୍ତ୍ତମାନ ଇଭାନସ୍ ସାହେବ କଲିକତାରେ ବାରିଷ୍ଟରୀ କରୁଥିବାରୁ ବୋମ୍ବାଇ ହାଇକୋର୍ଟରେ ଉପସ୍ଥିତ ହୋଇ କାର୍ଯ୍ୟ କରିପାରିବେ କି ନା ଏହିବିଷୟରେ ତର୍କ ଉପସ୍ଥିତ ହେବାରୁ ସେଠା ଜଜମାନଙ୍କର ଏକ କମେଟୀ ହୋଇଥିଲା । ଜଜମାନେ ସ୍ଥିର କରିଅଛନ୍ତି ଯେ ଇଭାନସ୍ ସାହେବ ବରାବର କଲିକତାରେ ବାରିଷ୍ଟରୀ କରୁଥିବାରୁ ବୋମ୍ବାଇଠାରେ ବାରିଷ୍ଟରୀ କରିବାକୁ ଇଚ୍ଛା ନ ଥିଲେହେଁ ସେ ଆବେଦନ କରି ବୋମ୍ବାଇ ହାଇକୋର୍ଟର ବାରିଷ୍ଟର ଶ୍ରେଣୀଭୁକ୍ତ ହୋଇ ମୋକଦ୍ଦମା ଚଳାଇପାରନ୍ତି ।

---

ସୌଭାଗ୍ୟବଜାର ଗୋଟିଏ ନୂତନ ପ୍ରଥା । ଏଥିର ତାତ୍ପର୍ଯ୍ୟ ଏହିକି କୌଣସି ଦରିଦ୍ର ସମ୍ପ୍ରଦାୟର ସାହାଯ୍ୟ ଅଥବା ବିଦ୍ୟାଳୟ ଚିକିତ୍ସାଳୟ ଅନାଥାଶ୍ରମ ଇତ୍ୟାଦି ସାଧାରଣ ହିତକର କାର୍ଯ୍ୟର ହିତ ନିମନ୍ତେ ଏକ ଦଳ ଭଦ୍ରମହିଳାମାନେ ମନୋହାରୀ ଦ୍ରବ୍ୟର ଦୋକାନ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ସଜାଇ ବସି ଗ୍ରାହକମାନଙ୍କୁ ବିକ୍ରୟ କରନ୍ତି ଏବଂ ତହିଁରେ ଯାହା ଲାଭ ହୁଏ ତାହା ଯେଉଁ ନିମିତ୍ତରେ ବଜାର ବସିଥାଏ ତହିଁର ପ୍ରଦତ୍ତ ହୁଏ । ସ୍ତ୍ରୀମାନେ ବିକ୍ରୟ କଲେ ପୁରୁଷମାନଙ୍କର କିଣିବାର ଅଧିକ ଆଗ୍ରହ ହୁଏ ଓ ଉତ୍ସାହର ଆମୋଦରେ ଅଧିକ ମୂଲ୍ୟ ଦେବାକୁ ପ୍ରସ୍ତୁତ ହୁଅନ୍ତି ଯେ ତଦ୍ୱାରା ଆୟ ଅଧିକ ହୁଏ । ସମ୍ବାଦପତ୍ରମାନଙ୍କରେ ପାଠକମାନେ ଅବଗତ ହୋଇଥିବେ ସମ୍ପ୍ରତି ଶିମଲାରେ ଏହିପରି ଗୋଟିଏ ସୌଭାଗ୍ୟବଜାର ବସିଥିଲା । ଜଣେ ମହିଳାଙ୍କ ଦୋକାନକୁ ଜଣେ ଇଂରାଜଯୁବା ଯାଇ ପ୍ରସ୍ତାବ କହିଲେ ସେ ମହିଳା ତାହାଙ୍କୁ ଗୋଟିଏ ଚୁମ୍ବା ଦେଲେ ସେ ଏକସହସ୍ର ପାଉଣ୍ଡ ଅର୍ଥାତ୍ ଦଶହଜାର ଟଙ୍କା ଦେବେ । ମହିଳା ସମ୍ମତ ହେଲେ ଓ ଯୁବକ ଦର୍ଶକମାନଙ୍କ ସାକ୍ଷାତରେ ଗୋଟିଏ ଚୁମ୍ବ ପ୍ରଦାନ କରି ଉକ୍ତ ଟଙ୍କାର [illegible] ପ୍ରଦାନ କଲେ । ଏଥିରେ ଭାରି ଆମୋଦ ହେଲା । ନିଜଦେଶ ସଭ୍ୟତାର ମର୍ମ ବୁଝିବା କଠିନ ।

---

ସତକାଶୀନାଳର ନିକଟରେ ଏକାଧିକ ନୌକା ଜାହାଜ ପ୍ରଭୃତି ଏକ ସମୟରେ ଉପସ୍ଥିତ ହେଲେ କାହାକୁ ଆଗେ ଓ କାହାକୁ ପଛେ ପାର କରିବାକୁ ହେବ ସେ ବିଷୟରେ ଏପ୍ରେଲ ବିଜ୍ଞାପନ ଚଳିତମାସ ତା ୧୫ ରିଖର ଓଡ଼ିଶା ଗବର୍ଣ୍ଣମେଣ୍ଟଗେଜେଟରେ ବାହାର ଅଛି ମାତ୍ର ବିଜ୍ଞାପନରେ ତାରିଖ ବା ସ୍ୱାକ୍ଷର ନ ଥିବାରୁ କେବେ କାହାଦ୍ୱାରା ତାହା ପ୍ରସ୍ତୁତ ହେଲା କିଛି ଜଣା ଯାଉ ନାହିଁ । ବିଜ୍ଞାପନ ଉପରେ ଲେଫ୍ଟେନାଣ୍ଟଗବର୍ଣ୍ଣରଙ୍କ ନାମ ଲେଖାଥିବାରୁ ଜଣାଯାଉଅଛି ଯେମନ୍ତ ସେହି ନାନ ପ୍ରତି ତାହା ଘଟିବ । ଅନ୍ୟାନ୍ୟ ଚାଲସମାନଙ୍କ ଏପରି ନିୟମର ଆବଶ୍ୟକ ନାହିଁ ଏହା ମଣ ବୋଲିଯାଇ ନ ପାରେ । ଯାହା ହେଉ ବିଜ୍ଞାପନର ମର୍ମ ଏହି କି ଜଲସାଗରରେ ସବାଗ୍ରେ ଅନେକ ନୌକା ପ୍ରଭୃତି ଏକବେଳେ ଉପସ୍ଥିତ ହେଲେ ସର୍ବାଗ୍ରେ ଲାଟଗବର୍ଣ୍ଣରଙ୍କ ନୌକା ତହିଁଉତ୍ତାରୁ ସରକାରୀ ଡାକବହନକାରୀ ଧୂଆଁକଳ ଜାହାଜ ଓ ତହିଁରେ ବନ୍ଧାଥିବା ବୋଟମାନ ତହିଁ ପଛେ ଅନ୍ୟାନ୍ୟ ଧୂଆଁକଳ ଜାହାଜ ଓ ତହିଁର ବୋଟମାନ ପାର ହେବ । ତାହାପରେ ପାଇଲେ ରସ୍ତାରୁ ଅତ୍ୟାବଶ୍ୟ ବୋଟ ନୌକାମାନ ଯେ ଯାହା ଆଗେ ପହୁଞ୍ଚିଥିବ ଓ ସେହି କ୍ରମରେ ହୋଇ ପାରିବେ । ଏହି ନିୟମ ପୂର୍ବରୁ ଥିଲେ ଗତ ଶୀତକାଳରେ ଲେକନାଥପୁରଲକ୍‌ଠାରେ ଯେଉଁ ଦୁର୍ଘଟଣା ହୋଇଥିଲା ତାହା ଘଟି ନ ଥାନ୍ତା । ସେହି ଦୁର୍ଘଟଣା ଏ ବିଜ୍ଞାପନର ମୂଳ ଅଟଇ ।

---

ଦଲିଲ ରେଜେଷ୍ଟ୍ରୀ କରିବା ଫିସ ସମ୍ବନ୍ଧରେ ବଙ୍ଗୀୟ ଗବର୍ଣ୍ଣମେଣ୍ଟଙ୍କର ଗୋଟିଏ ନୂତନ ବିଜ୍ଞାପନ ଚଳିତମାସ ତା ୧୫ ରିଖର କଲିକତାଗେଜେଟରେ ବାହାର ଅଛି । ତହିଁରେ ଆମ୍ଭେମାନେ ଅନେକ ସୁବିଧା ଦେଖିଲୁଁ ଯେ ଅଳ୍ପ ଦାମର ଦଲିଲ ପ୍ରତି ଫିସ ସୁବିଧାର ହୋଇଅଛି । ପୂର୍ବେ ନିୟମ ଥିଲା ପ୍ରତ୍ୟେକ ଦଲିଲର ମୂଲ୍ୟ ଏକଶତ ଟଙ୍କାରୁ ଊର୍ଦ୍ଧ୍ୱ ନ ହେଲେ ତହିଁ ନିମନ୍ତେ ଟ ୧ ଫିସ ଆଦାୟ ଥିଲା । ସମ୍ପ୍ରତି ନିୟମ ହୋଇଅଛି ଯେଉଁ କବାଲା ପ୍ରଭୃତିର ମୂଲ୍ୟ ଟ ୫୦ ଟଙ୍କାରୁ ଊର୍ଦ୍ଧ୍ୱ ନ ହେବ ତାହା ରେଜେଷ୍ଟ୍ରୀ କରାଇବାର ଫିସ ଟ ॥ ଦେବାକୁ ହେବ । ମୂଲ୍ୟ ଟ ୫୦ ଟଙ୍କାରୁ ଊର୍ଦ୍ଧ୍ୱ ହେଲେ ଏକଶତ ଟଙ୍କା ପର୍ଯ୍ୟନ୍ତ ଟ ୧ ଫିସ ଲାଗିବ । ଏକଶତ ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର କବାଲା ପ୍ରଭୃତି ଏବଂ ଅନ୍ୟାନ୍ୟ ଦଲିଲ ସମ୍ବନ୍ଧରେ ପୂର୍ବେ ଯେଉଁ ଫିସ ଧାର୍ଯ୍ୟ ହୋଇଥିଲା ବର୍ତ୍ତମାନ ସୁଦ୍ଧା ସେହି ଫିସ ଦେବାକୁ ହେବ । କବାଲା ବନ୍ଧକ ପ୍ରଭୃତି ଦଲିଲର ମୂଲ୍ୟ ଟ ୧୦୦ ଟଙ୍କାରୁ ଅଧିକ ନ ହେଲେ ଅନେକ ଅନିଚ୍ଛାରେ ରେଜେଷ୍ଟ୍ରୀ କରାଇବାକୁ କେହି ବାଧ ନ ଥିଲେହେଁ ଗାଁଲୋକ ଗତିକୁ ଦେଖିଲେ କେତେକ ଦଶ କୋଡ଼ିଏ ଟଙ୍କାର ଦଲିଲ ମଧ୍ୟ ରେଜେଷ୍ଟ୍ରୀ କରାଉଅଛନ୍ତି । ଏକଶତ ଟଙ୍କା ପର୍ଯ୍ୟନ୍ତ ଗୋଟିଏ ଦର ଥିବାରେ ଗରିବମାନଙ୍କର କଷ୍ଟ ହେଉଥିଲା । ଟ ୫୦ ନା ପର୍ଯ୍ୟନ୍ତ ଗୋଟିଏ ଊଣା ଦର ଧାର୍ଯ୍ୟ କରି ସରକାର ସୁବିଚାର କରିଅଛନ୍ତି ।

---

ଗତ ମଇମାସ ଶେଷ ସପ୍ତାହରେ ଯେଉଁ

Digitized by srujanika@gmail.com

ବିସ୍ତୀର୍ଣ୍ଣ ତୋଫାନ ହୋଇଥିଲା ତହିଁରେ ଏତେ ଜଳ ବୃଷ୍ଟି ହୋଇଥିଲା ଯେ ଜ୍ୟେଷ୍ଠମାସରେ ଆଉ କେବେ ଏପରି ଘଟିବାର ଶୁଣା ହେଉ ନାହିଁ । ଯେଉଁ ସ୍ଥାନରେ କେତେ ବୃଷ୍ଟି ହୋଇଥିଲା ସରକାରୀ କାଗଜରୁ ତହିଁର ତାଲିକା ନିମ୍ନେ ପ୍ରକାଶିତ ହେଲା, ଯଥା ।

| ସ୍ଥାନର ନାମ | ବୃଷ୍ଟିର ପରିମାଣ ଇଞ୍ଚ |
|---|---|
| ପୁରୀ | ୧୮.୧୨ |
| କଣ୍ଢାଘର | ୪୫.୨୩ |
| କେନ୍ଦ୍ରାପଡ଼ା | ୩୬.୬୩ |
| କଟକ | ୧୪.୯ |
| ଯାଜପୁର | ୨୭.୯ |
| ବାଲେଶ୍ୱର | ୧୭.୨୨ |

ସେହିମାସ ତା ୨୨ ରିଖ ସୋମବାର ସନ୍ଧ୍ୟାଠାରୁ ତା ୨୫ ରିଖ ଗୁରୁବାର ସନ୍ଧ୍ୟାପର୍ଯ୍ୟନ୍ତ ଅବିରଳ ଲଗାଣ ବୃଷ୍ଟି ହୋଇଥିଲେହେଁ ତା ୨୪ ରିଖ ବୁଧବାର ସର୍ବାପେକ୍ଷା ଅଧିକ ଜଳ ପଡ଼ିଥିଲା । ସେହି ଦିନ କେନ୍ଦ୍ରାପଡ଼ା ଓ ଯାଜପୁରରେ ୧୧ ଇଞ୍ଚରୁ ଅଧିକ ଓ ସେଠାରେ ୮ ଇଞ୍ଚ ହୋଇଥିଲା । କେନ୍ଦ୍ରାପଡ଼ା ଓ ଯାଜପୁରରେ ସର୍ବାପେକ୍ଷା ଅଧିକ ବୃଷ୍ଟି ହେବାରୁ ଅଧିକ କ୍ଷତି ହୋଇଅଛି । ଅତଏବ ନଦୀବଢ଼ିରେ ଯେମନ୍ତ ଜଳ ମାଡ଼ି ଆସେ ବୃଷ୍ଟିଜଳ ସେହିପରି ସମସ୍ତସ୍ଥାନ ବୁଡ଼ାଇ ଦେଇଥିଲା । ଏଥିରେ କି ଘର ବା ବୃକ୍ଷାଦି ରକ୍ଷା ହୋଇ ପାରନ୍ତା ? ବିଶେଷତଃ ଦୁର୍ମୂଲ୍ୟ ହେତୁ ସଙ୍କଟସ୍ଥାନ ଅନେକ ଲୋକଙ୍କ ଘର ଅଛୁଆ ଥିଲା । ଏ ଅଞ୍ଚଳର ଲୋକମାନଙ୍କ ଦୁର୍ଦ୍ଦଶା କହିଲେ ସରିବ ନାହିଁ ।

——*——

ଉପସ୍ଥିତ ବର୍ଷାକାଳର ଫଳାଫଳ ।

ବର୍ତ୍ତମାନ ବର୍ଷାକାଳରେ ଭାରତବର୍ଷର କେଉଁ ପ୍ରଦେଶରେ କିପରି ବୃଷ୍ଟି ହେବ ଗଭର୍ଣ୍ମେଣ୍ଟଙ୍କ ବାୟୁପରୀକ୍ଷକ ଶ୍ରୀଯୁକ୍ତ ଇଲିୟଟସାହେବ ଗତ ଶୀତ ଓ ବସନ୍ତ ଋତୁର ଅବସ୍ଥା ଦେଖି ତଳଲିଖିତ ରୂପେ ନିର୍ଣ୍ଣୟ କରି ଅଛନ୍ତି, ଯଥା ।—

୧—ବଙ୍ଗୋପସାଗରରେ ଏଥର ମୌସମି ବାୟୁ ଠିକ ସମୟରେ ପ୍ରବେଶ ହେବ । ୨-ଏହି ମୌସମି ବୃଷ୍ଟିର ଆରମ୍ଭ ମେମାସ ଶେଷସପ୍ତାହରେ ହୋଇ ତହିଁ ଉତ୍ତାରୁ ଦୀର୍ଘକାଳ ପ୍ରବଳ ହେବ ଏବଂ ଜୁନ ମାସର ୨ୟ ବା ୩ୟ ସପ୍ତାହରେ ନିୟମିତ ବୃଷ୍ଟିକାଳ ପ୍ରତ୍ୟକ୍ଷ ହେବ । ୩— ବଙ୍ଗ ଓ ଆସାମପ୍ରଦେଶରେ ପ୍ରଚୁର ପରିମାଣ ଏବଂ ବ୍ରହ୍ମଦେଶରେ ନିୟମିତ ଅଥବା ତହିଁରୁ କିଛି ଊଣା ଜଳ ବୃଷ୍ଟି ହେବ । ୪— ଗଙ୍ଗାନଦୀ ଅନ୍ତର୍ଗତ ସମଭୂମି ପ୍ରଦେଶ ଏବଂ ବେହାର ଓ ଉତ୍ତରପଶ୍ଚିମର ପୂର୍ବାଞ୍ଚଳରେ ପ୍ରାୟ ସାଧାରଣ ଏବଂ ଉତ୍ତରପଶ୍ଚିମର ପଶ୍ଚିମାଞ୍ଚଳ ଓ ପଞ୍ଜାବର ଦକ୍ଷିଣ ପୂର୍ବରେ କିଛି ଊଣା ବୃଷ୍ଟି ହେବ । ୫— ରାଜପୁତାନା ଏବଂ ମଧ୍ୟ ଭାରତର ଅବସ୍ଥା ଅନୁକୂଳପ୍ରଦ ହେବାର ଆଶା ଦିଶୁ ନାହିଁ । ମଧ୍ୟପ୍ରଦେଶ ଏବଂ ହାଇଦରାବାଦ ସହିତ ଦକ୍ଷିଣପ୍ରଦେଶର ଉତ୍ତରଭାଗ ଅନ୍ତତଃ ସାଧାରଣ ବୃଷ୍ଟି ଜଳ ଲାଭ କରିବାର ଭରସା ହେଉଅଛି । ୬— ଦକ୍ଷିଣଭାରତବର୍ଷର ଅବସ୍ଥା ନିର୍ଣ୍ଣୟ କରିବାର କେତେକ ବାଧା ଥିଲେହେଁ ମୂଳରେ ଜଣା ଯାଉଅଛି ଯେ ମାନ୍ଦ୍ରାଜ ଦେଶୀରାଜ୍ୟ ଏବଂ ମହୀସୂର ପ୍ରଦେଶମାନଙ୍କରେ ପ୍ରାନ୍ତରେ ନିୟମିତ ବୃଷ୍ଟିପାତ ହେବ ଏବଂ କର୍ଣ୍ଣାଟିକ ଉପକୂଳରେ ମଧ୍ୟ ଏହିପରି ଘଟିବାର ସମ୍ଭାବନା ।

ଏଥିରୁ ବୁଝାଯାଏ ଯେ ଇଲିୟଟସାହେବଙ୍କ ଗଣନାର ପ୍ରଥମ ଫଳଟି ପ୍ରତ୍ୟକ୍ଷ ହୋଇଅଛି ଅର୍ଥାତ୍ ଗତ ମାସର ପ୍ରବଳବୃଷ୍ଟି ଉତ୍ତାରୁ ତା ୧୨।୧୪ ର ଉପଯୋଗ ହୋଇଥିଲା । ତହିଁ ପରାରୁ ଚଳିତମାସ ୨ୟ ସପ୍ତାହର ମଧ୍ୟଭାଗ ଅର୍ଥାତ୍ ଗତ ତା ୧୦ ରିଖରେ ପ୍ରଥମ ବୃଷ୍ଟି ଆରମ୍ଭ ହୋଇ ପାଞ୍ଚଦିନକାଳ ରହିଲା ।

ଏଥିରୁ ଆଶା ହେଉଅଛି ଯେ ଅନ୍ୟ ଗଣନାମାନ ସଫଳ ହେବ ତାହା ହେଲେ ଓଡ଼ିଶା ବଙ୍ଗଳାରେ ଏଥର ଜଳର ଅଭାବ ହେବ ନାହିଁ ପ୍ରତ୍ୟୁତ ମରୁଡ଼ିର ଭୟ ନାହିଁ । ଉତ୍କଳ ପଞ୍ଜିରେ ବୃଷ୍ଟିର ଯେଉଁ ପ୍ରମାଣ ଲେଖାଅଛି ତାହା ମଧ୍ୟ ଇଲିୟଟ ସାହେବଙ୍କ ଅନୁମାନର ପୋଷକତା କରୁଅଛି । ଉକ୍ତପଞ୍ଜିରେ ଆଷାଢ଼ ଶ୍ରାବଣ ଏବଂ କାର୍ତ୍ତିକମାସମାନଙ୍କରେ ବହୁଜଳ ବୃଷ୍ଟି ଏବଂ ଭାଦ୍ରବ ଓ ଆଶ୍ୱିନରେ ଅଳ୍ପ ଜଳ ବୃଷ୍ଟି ହେବାର ଲେଖା ଅଛି । ଅତଏବ ଉଭୟ ମତରେ ଏଥର ଅଧିକ ବୃଷ୍ଟି ହେବାର ସ୍ଥିର ହୋଇଅଛି । କେବଳ ଭୟର କାରଣ ଏତିକି ଯେ ଆଶ୍ୱିନ ମାସରେ ପ୍ରଚୁର ବୃଷ୍ଟି ହେବ କି ନାହିଁ ଇଲିୟଟ ସାହେବ ଏକଥା ବିଶେଷ କରି କହି ନାହାନ୍ତି ଏବଂ ପଞ୍ଜିରେ ସେ ମାସରେ ଅଳ୍ପବୃଷ୍ଟି ହେବାର ଲେଖାଅଛି । ଯେବେ ସେହି ଘାଟି ସମୟରେ ଜଳ ନପଡ଼ି ହୋଇ ଫସଲକୁ ବାଧିବ ତେବେ ଅନ୍ୟ ବେଳେ ଅଧିକ ଜଳ ହେଲେ ମଧ୍ୟ ଉପକାର ହେବ ନାହିଁ । ମଞ୍ଜୁମର ଆରମ୍ଭରେ ଅତି ବୃଷ୍ଟିହେତୁ ଫସଲର ପାଗ ବିଗିଡ଼ି ଯାଇଅଛି ଶେଷକୁ ସେପରି ନ ହେଲେ ରକ୍ଷା, ନୋହିଲେ ଲୋକଙ୍କ ଦୁଃଖର ସୀମା ରହିବ ନାହିଁ ।

———

ବିଶ୍ୱବିଦ୍ୟାଳୟର ନିୟମାବଳୀ ।

ସରକାରୀ ଓ ବେସରକାରୀ ସ୍କୁଲ ଓ କଲେଜମାନଙ୍କୁ କଲିକତା ବିଶ୍ୱବିଦ୍ୟାଳୟର ଅନ୍ତର୍ଭୁକ୍ତ କରିବା ସମ୍ବନ୍ଧରେ କେତେକ ସଂଶୋଧିତ ନିୟମାବଳୀ କଲିକତା ଗେଜେଟରେ ପ୍ରକାଶିତ ହୋଇଅଛି । ସେନେଟ୍‌ସଭା ଦ୍ୱାରା ନିୟମମାନ ପ୍ରସ୍ତୁତ କରାଯାଇଅଛି ଏବଂ ମନ୍ତ୍ରୀସଭାସ୍ଥିତ ଗଭର୍ଣ୍ଣର ଜେନେରାଲ ବାହାଦୁର ତାହା ଅନୁମୋଦନ କରିଅଛନ୍ତି । ନିୟମମାନ ଏଠାରେ ପ୍ରକାଶ କରିବାର ପ୍ରୟୋଜନ ନାହିଁ କିନ୍ତୁ ଯେଉଁ ନିୟମ ସାଧାରଣ ଜ୍ଞାତବ୍ୟ ତାହା ପାଠକମାନଙ୍କ ନିକଟରେ ଉପସ୍ଥିତ କରିବା ଆମ୍ଭମାନଙ୍କର କର୍ତ୍ତବ୍ୟ ବିବେଚନା କରି ଏହିଠାରେ ଉଦ୍ଧୃତ କଲୁଁ ।

କୌଣସି କଲେଜ ଅବା ସ୍କୁଲକୁ ବିଶ୍ୱବିଦ୍ୟାଳୟର ଅନ୍ତର୍ଭୁକ୍ତ କରାଗଲେ ପ୍ରଥମତଃ ପାଞ୍ଚବର୍ଷ ନିମନ୍ତେ କରାଯିବ । ପାଞ୍ଚବର୍ଷ ଅତୀତ ହେବାର ଛମାସ ପୂର୍ବରେ ପୁନର୍ବାର ଦରଖାସ୍ତ କରିବାକୁ ହେବ । ଯେଉଁ ସମସ୍ତ ସ୍କୁଲ ଓ କଲେଜ ବର୍ତ୍ତମାନ ବିଶ୍ୱବିଦ୍ୟାଳୟର ଅନ୍ତର୍ଭୁକ୍ତ ଅଛି ସେହି ସ୍କୁଲ ଓ କଲେଜ୍‌ମାନଙ୍କରେ ମଧ୍ୟ ଉପରୋକ୍ତ ନିୟମମାନ ପ୍ରଯୁକ୍ତ ହେବ । କୌଣସି ସ୍କୁଲରେ ଜଣେ ଶିକ୍ଷକଙ୍କୁ ଏକକାଳୀନ ୫୦ ଜଣରୁ ଅଧିକ ଛାତ୍ର ପଢ଼ାଇବାକୁ ଦିଆଯିବ ନାହିଁ । ଉପରୋକ୍ତ ନିୟମ ପକ୍ଷରେ ଆମ୍ଭମାନଙ୍କର ବକ୍ତବ୍ୟ ଏହି ଯେ ଯେଉଁ କଲେଜ୍ ଓ ସ୍କୁଲ ବହୁଦିବସରୁ ସୁଖ୍ୟାତି ସହିତ କାର୍ଯ୍ୟ ଚଳାଇ ଆସୁଅଛି ସେସବୁର ସ୍ଥାୟୀ ଅସ୍ତିତ୍ୱ ପ୍ରତିପନ୍ନ କରିବା ନିମନ୍ତେ ପୁନଃ ମଞ୍ଜୁରର କି ଆବଶ୍ୟକ ? ଦୋଷୀ କଲେଜ୍ ବା ସ୍କୁଲ ବିଶ୍ୱବିଦ୍ୟାଳୟରୁ ନିଷ୍କାସିତ ହୋଇପାରିବାର ନିୟମଥିବା ପ୍ରତ୍ୟକ୍ଷେ ଏପ୍ରକାର ନିୟମ କରିବାର କୌଣସି ପ୍ରୟୋଜନ ଦେଖା ଯାଉନାହିଁ । ଏଥିରୁ କେବଳ ସେମାନଙ୍କୁ ଡରଭରରେ ଅବା ସନ୍ଦେହାନରେ ରଖିବା ବ୍ୟତୀତ ଅନ୍ୟ କିଛି ଉଦ୍ଦେଶ୍ୟ ଜଣା ପଡ଼ୁ ନାହିଁ ।

୫୦ ଜଣ ଛାତ୍ର ଏକ ଶ୍ରେଣୀରେ ଥିଲେ ଜଣେ ଶିକ୍ଷକଦ୍ୱାରା ପଢ଼ିବ କିନ୍ତୁ ଯଦ୍ୟପି ଏକଜଣ ବେଶି ହେବ ତେବେ ଅନ୍ୟ ଏକ ଶିକ୍ଷକର

Split by PDF Splitter
Digitized by srujanika@gmail.com

Split by PDF Splitter



ଅବଶ୍ୟକ । ଯୁଦ୍ଧସ୍ଥ ତ ୫୦ ଜଣ ଛାତ୍ରଦ୍ୱାରା ଯେଉଁ ଖରଚ ପଡ଼ୁଥିଲା ତ ୫୧ ଜଣ ଛାତ୍ରଦ୍ୱାରା ଦ୍ୱିଗୁଣ ଖରଚ ପଡ଼ିବ ଅଥଚ ବେତନ ଅମଦାନି [illegible] ବୃଦ୍ଧି ହେବ । ଏପ୍ରକାର ସ୍ଥଳରେ କୌଣସି ଶ୍ରେଣୀରେ ତ ୫୦ ଜଣ ଥିଲେ ଅଉ ଜଣକୁ ସ୍କୁଲରେ ଭର୍ତ୍ତି କରାଇବାକୁ ତାହାର ଅଭିଭାବକ ଆଣିଲେ ନୂତନ ସ୍କୁଲର କର୍ତ୍ତୃପକ୍ଷ ଗ୍ରହଣ କରିବାକୁ ଅସ୍ୱୀକାର କରିପାରେ । ଯଦ୍ୟପି ଅନ୍ୟ ସ୍କୁଲରେ ଏହିପରି ଜବାବ ମିଳେ ସେ ପିଲାଟିର ସ୍କୁଲପଠନକାର୍ଯ୍ୟ ସେହିଠାରେ ସମାପ୍ତ ହେଲା । ଏପ୍ରକାର ଅସ୍ୱୀକାରଦ୍ୱାରା ସ୍କୁଲର ପ୍ରଗତି ହ୍ରାସ ହୋଇପାରେ । ଏହିପରି ନିୟମ ହେତୁ ଅନ୍ୟ ଏକ ନିୟମର ପ୍ରୟୋଜନ ଅର୍ଥାତ କେହି କୌଣସି ସ୍କୁଲରେ ପଢ଼ିବାକୁ ଇଚ୍ଛା ପ୍ରକାଶ କଲେ ତାହାର କୌଣସି ଦୋଷ ନ ଥିଲେ ସ୍କୁଲର କର୍ତ୍ତୃପକ୍ଷ ତାକୁ ଗ୍ରହଣ କରିବାକୁ ବାଧ୍ୟ ହେବେ । କିନ୍ତୁ ଏପ୍ରକାର ନିୟମଦ୍ୱାରା ଗବର୍ଣ୍ଣମେଣ୍ଟର କୌଣସି ଅନିଷ୍ଟ ହୋଇ ନ ପାରେ କିନ୍ତୁ ଗରିବ ବେସରକାରୀ ସ୍କୁଲ ଚଳାଇବ କି ? ଅମ୍ଭେମାନେ ଏ ନିୟମର ପୁନଃବିଚାର ସମ୍ବନ୍ଧରେ ଅନୁରୋଧ ଗବର୍ଣ୍ଣମେଣ୍ଟଙ୍କୁ କରୁଅଛୁଁ ଏବଂ ଆଶାକରୁଁ ଶୀଘ୍ର ଏହା ସଂଶୋଧନ କରିବା ସକାଶେ ବିହିତ ଉପାୟ ଅବଲମ୍ବିତ ହେବ ।

ଉପରଲିଖିତ ନିୟମାବଳି ବାସ୍ତବରେ ବଡ଼ ଅନିଷ୍ଟକର ହେବାର କାରଣ ଅନେକ କଲେଜ ଓ ସ୍କୁଲର ଅଧିକାରୀମାନେ ଉକ୍ତ ମାସ ତାରିଖରେ ଅଲବର୍ଟହଲ୍ ନାମକ ଗୃହରେ ଏକ ସଭା କରିଥିଲେ । ଉହିଁରେ ଧାର୍ଯ୍ୟ ହେଲା ଯେ (୧) କୌଣସି କଲେଜ ବା ସ୍କୁଲର ଅଧ୍ୟକ୍ଷଙ୍କ ଶୃଙ୍ଖଳାରେ ହସ୍ତକ୍ଷେପ କରିବା ଉଚିତ [illegible] ନୁହଇ । (୨) ପ୍ରତ୍ୟେକ ଶ୍ରେଣୀର ଛାତ୍ରସଂଖ୍ୟା ସମ୍ବନ୍ଧେ ଯେଉଁ କଠିନ ନିୟମ ହୋଇଅଛି ତଦ୍ଦ୍ୱାରା ବିଦ୍ୟାଳୟର ଅସୁବିଧା ଏବଂ ବ୍ୟୟ ବୃଦ୍ଧି ହେବ ଏବଂ (୩) ଯେ ସବୁ କଲେଜ ଓ ସ୍କୁଲ ବିଶ୍ୱବିଦ୍ୟାଳୟଦ୍ୱାରା ଉପଯୁକ୍ତରୂପେ ଗୃହୀତ ହୋଇଅଛି ସେ ସମସ୍ତ ପ୍ରତି ପାଠ୍ୟବିଷୟ ନିୟମ ଖଟାଇବା ଅନ୍ୟାୟ ଅଟଇ । (୪) କେଉଁ ହେତୁରେ କୌଣସି ବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ଗ୍ରହଣ କରିବେ ଅଥବା ନ କରିବେ ତାହା ସ୍ପଷ୍ଟରୂପେ ନିୟମାବଳୀମଧ୍ୟରେ ଲେଖାଯାଇ ନାହିଁ । ଅତଏବ ଏହି ନିୟମାବଳି ବାସ୍ତବରେ ବିଶ୍ୱବିଦ୍ୟାଳୟର ସିଣ୍ଡିକେଟ୍ସ ସଭାକୁ ଏକ ଆବେଦନପତ୍ର ପଠାଇବାର ସ୍ଥିର ହୋଇ ତହିଁ ନିମନ୍ତେ ଗୋଟିଏ କାର୍ଯ୍ୟନିର୍ବାହକ କମିଟୀ ମନୋନୀତ ହୋଇଅଛି । ବୋଧକରା ବାହୁଲ୍ୟ ଯେ ସଭାର ଆପତ୍ତି ଯୁକ୍ତିକ ନ୍ୟାୟସଙ୍ଗତ ଅଟଇ ଏବଂ ଭରସା ଯେ ପ୍ରସ୍ତାବିତ ଆବେଦନପତ୍ର ପଠା ଗଲେ ବିଶ୍ୱବିଦ୍ୟାଳୟର କର୍ତ୍ତାମାନେ ତହିଁର ସୁବିଚାର କରିବେ । ନଇଲେ ବିଦ୍ୟାଳୟମାନଙ୍କର ବିଶେଷ କ୍ଷତି ଓ କଷ୍ଟ ହେବ ସନ୍ଦେହ ନାହିଁ ।

---

## ବଙ୍ଗପ୍ରଦେଶର ଜେଲମାନଙ୍କ ବିବରଣ ।

ବଙ୍ଗପ୍ରଦେଶ ଜେଲମାନଙ୍କର ସନ ୧୮୯୨ ସାଲର ବିବରଣ ସମ୍ବନ୍ଧରେ ମାନ୍ୟବର ଲେଫ୍ଟେନାଣ୍ଟ ଗବର୍ଣ୍ଣରଙ୍କ ଏକମାତ୍ର ହେଲ [illegible] ସାଧାରଣଙ୍କ ଜାଣିବା ନିମନ୍ତେ କଲିକତା ଗେଜେଟରେ ପ୍ରକାଶିତ ହୋଇଅଛି । ତହିଁରୁ ଜଣାଯାଏ ଯେ କର୍ଣ୍ଣେଲ ଲେଥବ୍ରିଜ ସାହେବ ଯେ ବହୁକାଳରୁ ବଙ୍ଗୀୟ ଜେଲସମୂହର କର୍ତ୍ତା ଥିଲେ ସେ ଅବସରପ୍ରାପ୍ତ ହେବାରୁ ସନ ୧୮୯୨ ସାଲ ମାର୍ଚ୍ଚମାସରେ ସର୍ଜନ ମେଜର ଲୁଇସ୍ ସାହେବ ଉକ୍ତ ପଦରେ ଅଭିଷିକ୍ତ ହେଲେ । ସମାଲୋଚିତ ବିବରଣଟି ତାହାଙ୍କ ପ୍ରଥମବର୍ଷର କାର୍ଯ୍ୟର ଫଳ ଅଟଇ । ମାତ୍ର ଏ ବିବରଣରେ ଯେ ସମସ୍ତ କଥା ଲେଖାଅଛି ତାହାସବୁ ତାହାଙ୍କର ଅନୁକୂଳ ହୋଇଯାଇ ନ ପାରେ । ଏଥିପାଇଁ ଅମ୍ଭେମାନେ ତାହାଙ୍କୁ ଦାୟୀ କରୁ ନାହୁଁ । ବାସ୍ତବରେ ଜେଲଖାନାପକ୍ଷରେ ବର୍ତ୍ତମାନବର୍ଷଟି ଗୋଟିଏ ଦୁର୍ବତ୍ସର ହୋଇବାକୁ ହେବ ।

ବଙ୍ଗଳାର ଜେଲସମୂହରେ ସନ ୧୮୯୧ ସାଲରେ ତ ୮୨୯୬୮ ଜଣରୁ ସନ ୧୮୯୨ ସାଲରେ ତ ୯୫୫୬୩ ଜଣ ଭରତି ହୋଇଥିଲେ ଏବଂ ଦୈନିକ ଉପସ୍ଥିତ ମଧ୍ୟ ଏହି ପରିମାଣରେ ବଢ଼ିଥିଲା । ସନ ୧୮୯୨ ସାଲର ଅନାବୃଷ୍ଟି କଏଦସଂଖ୍ୟାବୃଦ୍ଧିର ପ୍ରଧାନ କାରଣ ବୋଲି ଯାହା ଲେଖାଅଛି ତାହା ଯଥାର୍ଥ ଅଟଇ ଓ ତହିଁର ଅକାଟ୍ୟ ପ୍ରମାଣ ଏହି କି ଯେଉଁ ସ୍ଥାନରେ ଅନାବୃଷ୍ଟି ଅଧିକ ହୋଇଥିଲା ସେହିସବୁ ସ୍ଥାନର ଜେଲଖାନାରେ ଅଧିକ ବୃଦ୍ଧି ହୋଇ ଅଛି । ଯେଉଁମାନେ ଅନେକ କଏଦ ଏବର୍ଷ ଦଣ୍ଡିତ ହୋଇ ଅଛନ୍ତି ସେମାନେ ଅନେକ କଏଦ ଖଲାସ ପାଇ ଅଚିରେ [illegible] ଅନୁପାତ ଦାଖଲ [illegible] ସମାଜ [illegible] ଏହିହେତୁରୁ ଗତବର୍ଷଶେଷରେ ଜେଲରେ କଏଦ ସଂଖ୍ୟା ୧୬୦୦୯ ରୁ ଏକଦ ୨୬୨୯୮ ହୋଇଅଛି । ଖଲାସି କଏଦଙ୍କ ମଧ୍ୟରେ ପ୍ରାୟ ତ ୧୬୦୦ ଜଣ ସଦାଚାର ହେତୁ ନିର୍ଦ୍ଦିଷ୍ଟ କଟିଯିବା ନିୟମାନୁସାରେ ଏବଂ ପ୍ରାୟ [illegible] ଡାକ୍ତର ସାହେବଙ୍କ ସାର୍ଟିଫିକେଟ ଅନୁସାରେ ମୁକ୍ତି ପାଇଥିଲେ । ଶେଷଲିଖିତ ବ୍ୟକ୍ତିଙ୍କ ମଧ୍ୟରୁ ତ ୯୦ ଜଣଙ୍କର ଅବସ୍ଥା ଏପରି ଥିଲା ଯେ ମୁକ୍ତି ପାଇଲେ ଆରୋଗ୍ୟ ହେବାର ସମ୍ଭବ ଥିଲା ଏବଂ ଅବଶିଷ୍ଟ ଲୋକ ନିଶ୍ଚୟ ମରିବାର ଜଣାଯାଉଥିଲା [illegible] ଅପଣା ଘରେ ମରିବାର [illegible] ରିବା ଆଶାରେ ସେମାନଙ୍କୁ ଛାଡ଼ିଦିଆଗଲା ।

ଭରତିହେବା କଏଦଙ୍କମଧ୍ୟରେ ଶତକଡ଼ା ପ୍ରାୟ ତ ୬୦ ଜଣ ହିନ୍ଦୁ, ତ ୩୩ ଜଣ ମୁସଲମାନ ଏବଂ ତ ୨ ଜଣ ଖ୍ରୀଷ୍ଟିୟାନ ଥିଲେ । ଏଥିରୁ ସହଜ ଅନୁମାନ ହୋଇପାରେ ଯେ ବଙ୍ଗଳାର ଅନ୍ୟାନ୍ୟ ଜାତିଅପେକ୍ଷା ହିନ୍ଦୁମାନଙ୍କମଧ୍ୟରେ ଅପରାଧସଂଖ୍ୟା ଅଧିକ ଅଟଇ । ପ୍ରକୃତରେ ତାହା ନୁହେ । ଲୋକସଂଖ୍ୟାରେ ଜଣାଯାଇଅଛି ବଙ୍ଗପ୍ରଦେଶର ହିନ୍ଦୁସଂଖ୍ୟା ମୁସଲମାନଙ୍କର ଦ୍ୱିଗୁଣ ଏବଂ ଖ୍ରୀଷ୍ଟିୟାନଙ୍କର ପ୍ରାୟ ଶତଗୁଣ ଅଟଇ । ସେତେବେଳେ ଲୋକସଂଖ୍ୟା ଉପରେ ବିଚାର ହେଲେ [illegible] ହିନ୍ଦୁଙ୍କ ସଂଖ୍ୟା ଅଳ୍ପ ଉଣା ହେବାର ଦେଖାଯାଉ ।

ବେତନପ୍ରାପ୍ୟସମ୍ବନ୍ଧରେ ଦେଖାଯାଏ ଯେ [illegible] ସଂଖ୍ୟା ପୂର୍ବବର୍ଷଠାରୁ ଉଣା ପଡ଼ି ଅଛି । ଏଥିରୁ ଜଣାଯାଉଅଛି ଯେ [illegible] ସ୍ୱାର୍ଥିଙ୍କ ଅପେକ୍ଷା [illegible] ଅଳ୍ପ ଅଛି । [illegible] ସେମାନଙ୍କ [illegible] ଅପରାଧର ପ୍ରବୃତ୍ତି ଉଣା ହୋଇ ଅଛି । [illegible] ହେତୁ ପ୍ରାୟ ସକଳଶ୍ରେଣୀର ଲୋକଙ୍କ ମନ [illegible] ହେବାରୁ ଜଣାଯାଉଅଛି ଯେ [illegible] ସ୍ତ୍ରୀଲୋକ [illegible] ଦେଖାଯାଉଅଛି । [illegible] ସଂଖ୍ୟା ସନ ୧୮୯୧ ସାଲରେ ତ ୧୨୬୫ ଜଣ ଥିବାସ୍ଥଳେ ସନ ୧୮୯୨ ରେ ତ ୧୩୫୪ ଜଣ ହେଲେ । [illegible] କଏଦ ବୃଦ୍ଧି ହେବାର କାରଣ [illegible] ନାହିଁ । ଅମ୍ଭମାନଙ୍କର ସନ୍ଦେହ ହେଉଅଛି ଯେ ଲୋକେ [illegible] ସ୍ୱାମୀମାନଙ୍କ [illegible] ଣରେ ପୂର୍ବ [illegible] ଥିଲେ [illegible] ଦ୍ରବ୍ୟ ଦୁର୍ମୂଲ୍ୟ ହେତୁ ବର୍ତ୍ତମାନ ସେପରି

Digitized by srujanika@gmail.com